



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୨ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 12 December 2024
Vol.No. 35 ■ No.330 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ବିଜେପି କର୍ମୀଙ୍କୁ ହତ୍ୟା କଲେ ନକ୍ସଲ

ମାଲକାନଗିରି, ୧୧/୧୨ (ନି.ପ୍ର): ନକ୍ସଲଙ୍କ ବର୍ବରକାଣ୍ଡ। ଘରୁ ଡାକିନେଇ ବିଜେପି କର୍ମୀଙ୍କୁ ହତ୍ୟା କଲେ ନକ୍ସଲ। ଏପରି ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ। ମୃତ ବିଜେପି କର୍ମୀ ଜଣଙ୍କ ହେଲେ ମାଣ୍ଡେରାମ ଫୁଡ଼ିଆମୀ। ଗତକାଲି ରାତିରେ କିଛି ସଶସ୍ତ୍ର ନକ୍ସଲ ବିଜେପି କର୍ମୀଙ୍କୁ ଘରୁ ଡାକି ନେଇଥିଲେ। ପରେ ତାଙ୍କୁ ହତ୍ୟା କରି କୁଟୁର ଥାନା ଅନ୍ତର୍ଗତ ସମନପଲ୍ଲୀ ଗାଁ ନିକଟରେ ପକାଇ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୁଲିସକୁ ଖବର ଦେବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ନକ୍ସଲ ମାନେ ମୃତଦେହ ନିକଟରେ ଏକ ପୋଷ୍ଟର ଛାଡ଼ି ଯାଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି। ପୁଲିସ ଇନଫର୍ମର ସନ୍ଦେହରେ ନକ୍ସଲ ମାଣ୍ଡେରାମ ଫୁଡ଼ିଆମୀଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି।

# ପ୍ରଥମଥର ପାଇଁ ଦୀଘାରେ ହେବ ରଥଯାତ୍ରା

## ନିର୍ମାଣଧିନ ଜଗନ୍ନାଥ ମନ୍ଦିରର ସ୍ଥିତି ଅନୁଧ୍ୟାନ ପରେ ମମତା ବାନାର୍ଜୀଙ୍କ ବଡ ଘୋଷଣା



କୋଲକାତା, ୧୧/୧୨ (ନି.ପ୍ର): ଦୀର୍ଘବର୍ଷ ହେବ ପୁରୀ ଶ୍ରୀମନ୍ଦିର ଓ ବିଶାଳ ବେଳାଭୂମି ପଶ୍ଚିମବଂଗ ପର୍ଯ୍ୟଟକଙ୍କୁ ବାନ୍ଧି ରଖିଛି। ରଥଯାତ୍ରା ହେଉ ବା ପ୍ରତିଦିନି ପୁରୀରେ ଜମେ ଶହଶହ ପଶ୍ଚିମବଂଗ ଶ୍ରଦ୍ଧାଳୁଙ୍କ ଭିଡ କିନ୍ତୁ ଆସନ୍ତା ବର୍ଷ ଠାରୁ ରଥଯାତ୍ରାର ଚିତ୍ର କିଛି ଭିନ୍ନ ହୋଇପାରେ । କାରଣ ଦୀଘାରେ ନିର୍ମାଣ ହେବାକୁ ଯାଉଛି ବିଶାଳ ଜଗନ୍ନାଥ ମନ୍ଦିର ,ଯାହା ଅବିକଳ ପୁରୀ ଜଗନ୍ନାଇଙ୍କ ମନ୍ଦିର ରୁପେ ଗଢାଯାଉଛି । ମମତା ସରକାର ୨୦୧୯ରେ ଆରମ୍ଭ କରିଥିଲେ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ୨୨ ଏକର ଜମିରେ ୨୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଜଗନ୍ନାଥ ମନ୍ଦିର ନିର୍ମାଣ ଚାଲିଛି। ପ୍ରଶ୍ନ ଉଠୁଛି ଦୀଘା ମନ୍ଦିର ପାଇଁ ପୁରୀରେ ପର୍ଯ୍ୟଟନ ମାଡ ଖାଇଯିବନି ତ ? ପଶ୍ଚିମବଂଗର ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିବେ ତ ? ଯଦି ଏପରି ହୁଏ ବେଶୀ କ୍ଷତି ସହିବେ ହୋଟେଲ ବ୍ୟବସାୟୀ । ପୁରୀକୁ କାଉଂଣ୍ଟର କରି ମମତା ବାନାର୍ଜୀ ଖେଳିଲେ 'ଜଗନ୍ନାଥ' କାର୍ଡ। ମନ୍ଦିର ପୂର୍ଣ୍ଣ ହେଲେ ବାଂଲାଦେଶର ହିନ୍ଦୁ ଭକ୍ତମାନେ ବହୁ ସଂଖ୍ୟାରେ ଦୀଘା ଆସିବେ ,କାରଣ କୋଲାକାତା-ଢାକାକୁ ବସ ଓ ଟ୍ରେନ ଯୋଗାଯୋଗର ବ୍ୟବସ୍ଥା ରହିଛି । ଅକ୍ଷୟ ତୃତୀୟା ଦିନ ଉଦଘାଟିତ ହେବ ଦୀଘା ସ୍ଥିତ ଜଗନ୍ନାଥ ମନ୍ଦିର । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି କହିଛନ୍ତି ରାଜ୍ୟ ସରକାର ଅକ୍ଷୟ ତୃତୀୟା ଅବସରରେ ଦୀଘାରେ ଜଗନ୍ନାଥ ମନ୍ଦିର ଉଦଘାଟନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପୁରୀର ଜଗନ୍ନାଥ ମନ୍ଦିର ଭଳି ଦୀଘା ମନ୍ଦିରରେ ମଧ୍ୟ ଏକ ବାନା ରହିବ । ଶ୍ରୀମନ୍ଦିରରେ ବାନା ବାନ୍ଧୁଥିବା ସେବାୟତଙ୍କ ସହ ଆଲୋଚନା ▶▶ପୃଷ୍ଠା ୭

## ହୁସିଆର: ହଲ୍‌ମାର୍କ ନାଁରେ ବିକ୍ରି ହେଉଛି ନକଲି ସୁନା



ଭୁବନେଶ୍ୱର, ୧୨/୧୨ (ନି.ପ୍ର): ସୁନା କିଣୁଥିଲେ ସତର୍କ ହୋଇଯାଆନ୍ତୁ। ହଲମାର୍କ ନାଁରେ ବଜାରରେ ବିକ୍ରି ହେଉଛି ନକଲି ସୁନା। ଶୋଷଣର ଶିକାର ହେଉଛନ୍ତି ଗ୍ରାହକ। ମାଲାମାଲ ହେଉଛନ୍ତି ଅଳଙ୍କାର ଦୋକାନୀ। କେତେବେଳେ ସୁନା ମାନରେ ତ ଆଉ କେବେ ମାପରେ ତ୍ରୁଟି। ଚଢ଼ଉ ବେଳେ ଧରାପଡିଛି ଏମିତି ଠକେଇ। ରାଜ୍ୟରେ ୫ଟି ଅଳଙ୍କାର ଦୋକାନୀ ବିକୁଥିଲେ ନକଲି ସୁନା। ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ହଲମାର୍କ ନାଁରେ ନକଲି ସୁନା ବିକ୍ରି ଅଭିଯୋଗରେ କୁଚିଣ୍ଡାର ଅମ୍ବିକା ଜୁଏଲର୍ସ ନାଁରେ ମାମଲା ହୋଇଛି। ସେହିପରି ଜଗତସିଂହପୁର କୁଜଙ୍ଗର ରାଜଶ୍ରୀ ଜୁଏଲର୍ସ, ପୁରୀର ସୁନା ଚାନ୍ଦି ଜୁଏଲର୍ସ, ବରଗଡ଼ ବରପାଲିର ରାଧାକାନ୍ତ ଓ ସମ୍ବଲପୁର ଅଳଙ୍କାର ଜୁଏଲର୍ସର ବାତିଲ ହୋଇଛି ଲାଇସେନ୍ସ। କୁଚିଣ୍ଡାର ଅମ୍ବିକା ▶▶ପୃଷ୍ଠା ୭

## ଭୟାବହ ଅଗ୍ନିକାଣ୍ଡ: ଜଳିଗଲା ୧୦ ଭୋଗ ଦୋକାନ

କେନ୍ଦୁଝର, ୧୨/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବୀ ଘଟଗାଁ ମା' ତାରିଣୀଙ୍କ ମନ୍ଦିର ସମ୍ମୁଖରେ ଥିବା ଭୋଗ ଦୋକାନରେ ନିଆଁ ଲାଗିଯାଇଛି। ନିଆଁରେ ୧୦ରୁ ଅଧିକ ଭୋଗ ଲୋକ ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ତାରିଣୀ ମନ୍ଦିର ୨ନମ୍ବର ଗେଟ ନିକଟରେ ଥିବା ଏକ ଭୋଗ ଦୋକାନରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ଚାରିଆଡକୁ ବ୍ୟାପି ଯାଇଥିଲା। ନିଆଁଲାଗି ୧୦ରୁ ଅଧିକ ଦୋକାନ ପୋଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ଦୋକାନରେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଲୋୟର ପିଏମଜିରେ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଆନ୍ଦୋଳନ ସ୍ଥଗିତ

### ଆଲୋଚନା ପାଇଁ ସରକାର ରାଜି ପରେ ନିଷ୍ପତ୍ତି



ଭୁବନେଶ୍ୱର, ୧୨/୧୨ (ନି.ପ୍ର): ୯ ମାସର ଦରମା ଦାବିରେ ଭୁବନେଶ୍ୱର ଲୋୟର ପିଏମଜିରେ ୩ ଦିନ ଧରି ଲୋୟର ପିଏମଜିରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ଚଳାଇଥିବା ଆନ୍ଦୋଳନ ସ୍ଥଗିତ ରହିଛି । ଆଲୋଚନା ପାଇଁ ସରକାର ରାଜି ପରେ ଏହି ନିଷ୍ପତ୍ତି ନେଇଛନ୍ତି ଆନ୍ଦୋଳନକାରୀ । ମାର୍ଚ୍ଚରୁ ଏମାନଙ୍କୁ ଦରମା ମିଳିନଥିଲା । ୬୨ ହଜାର ମହିଳାଙ୍କ ପ୍ରସଙ୍ଗକୁ ନେଇ ଗୃହରେ ଶାସକ-ବିରୋଧୀ ବି ବିଧାନସଭାରେ କଥା କଟାକଟି ହେଲା। ସିଆରପି, ଏମବିକେ, ପ୍ରାଣୀମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଏଲଏସପି ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ କରାଯାଇଥିଲା । ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ ହଜାର ହଜାର ମହିଳା। ୬ଟି କମ୍ୟୁନିଟି ସର୍ପୋଟ ଷ୍ଟାଫଙ୍କର ୯ ମାସର ଦରମା ବନ୍ଦ ପ୍ରତିବାଦରେ ଲୋୟର ପିଏମଜିରେ ଗର୍ଜିଥିଲେ ମହିଳା।

# ୧୬ଟି କାର୍ଯ୍ୟଦିବସ ଥାଇ ବିଧାନସଭା ମୁଲତବୀ: ଝୁଲିଲା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍



ଭୁବନେଶ୍ୱର, ୧୧/୧୨ (ନି.ପ୍ର): ବିଧାନସଭାର ଶୀତ ଅଧିବେଶନକୁ ୧୬ଟି କାର୍ଯ୍ୟଦିବସ ଥାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ । ନଭେମ୍ବର ୨୬ତାରିଖରୁ ଆରମ୍ଭ ହୋଇଥିବା ବିଧାନସଭାର ଶୀତ ଅଧିବେଶନ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ ଆଜି ପ୍ରାୟ ୨୦ଦିନ ପୂର୍ବରୁ ଗୃହକୁ ମୁଲତବୀ କରାଯାଇଛି ଓ ମାତ୍ର ୧୨ଦିନ ଗୃହ ଚାଲିବା ସମ୍ଭବପର ହୋଇପାରିଛି। ବିଗତ ୩ଦିନ ଧରି ଗୃହର ଦ୍ୱିତୀୟାର୍ଦ୍ଧ ବିନା କାର୍ଯ୍ୟସୂଚୀ ପରିଚାଳିତ ହେଉଥିଲା । ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚଳିତ ଶୀତ ଅଧିବେଶନ ୩୧ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ଥିଲେ ମଧ କୌଣସି ସରକାରୀ କାର୍ଯ୍ୟ ନଥିବାରୁ ଗୃହକୁ ମୁଲତବୀ କରାଯାଇଛି । ଚଳିତ ଅଧିବେଶନରେ ଜିଏସଟି ବିଲ୍ , ଓଡ଼ିଶା ବିନିଯୋଗ(ସଂଖ୍ୟା ୨) ବିଲ ଏବଂ ଓଡ଼ିଶା ସାର୍ବଜନୀନ ପରୀକ୍ଷା(ଅନୁଚିତ ସାଧନର ନିବାରଣ) ବିଲ-୨୦୨୪ ଆଗତ ଓ ପାରିତ ହୋଇଛି । ତେବେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ-୨୦୨୪କୁ ଗୃହରେ ସରକାର ଗୃହରେ ଆଗତ କରିଥିଲେ ମଧ ଏହା ଉପରେ ଆଲୋଚନା କରିନାହାନ୍ତି । ବିଜେଡି ବିଧାୟକମାନଙ୍କ ବିରୋଧ ଓ ଅନ୍ୟ କେତେକ କାରଣରୁ ▶▶ପୃଷ୍ଠା ୭

## ଦୋଛକିରେ ନବୀନ : ଅନାସ୍ଥା ପ୍ରସଙ୍ଗରେ ବିଜେଡି ଆଭିମୁଖ୍ୟ ଅସ୍ପଷ୍ଟ



ଭୁବନେଶ୍ୱର, ୧୨/୧୨ (ନି.ପ୍ର): ରାଜ୍ୟସଭା ଅଧକ୍ଷ ଜଗଦୀପ ଧନକଡଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ସଜବାଜ ହେଉଛନ୍ତି ବିରୋଧୀ । ଭାରତୀୟ ସଂସଦୀୟ ଇତିହାସରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି । ତେବେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ବିଜେଡିର ଆଭିମୁଖ୍ୟ । ରାଜ୍ୟସଭା ମହାସଚିବଙ୍କୁ ନୋଟିସ ଦିଆଯିବା ସତ୍ତ୍ୱେ ନବୀନ ସମର୍ଥନ କରିବେ ନା ବିରୋଧ କରିବେ ସେ ନେଇ ସ୍ପଷ୍ଟ ନିଷ୍ପତ୍ତି ନେଇପାରୁନାହାନ୍ତି । ରାଜ୍ୟସଭା ଅଧକ୍ଷ ଜଗଦୀପ ଧନକଡଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଏକାଠି ହୋଇଛନ୍ତି ବିରୋଧୀ । ପକ୍ଷପାତିତାର ଅଭିଯୋଗ ଆଣି ଅନାସ୍ଥା ପ୍ରସ୍ତାବ ପାଇଁ ସମର୍ଥନ ଯୋଗାଡ କରୁଛି ଇଣ୍ଡି ମେଣ୍ଟ । ଜାତୀୟ ଗଣମାଧମର ଚର୍ଚ୍ଚା ଅନୁସାରେ, ୭୦ରୁ ଅଧିକ ସାଂସଦଙ୍କ ଲିଖିତ ସମର୍ଥନ ନେଇସାରିଛି ଇଣ୍ଡି ମେଣ୍ଟ । ▶▶ପୃଷ୍ଠା ୭

## ମେଣ୍ଟ ଚର୍ଚ୍ଚାକୁ କେଜ୍ରିୱାଲଙ୍କ ଖଣ୍ଡନ: ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏକାକୀ ଲଢିବ ଦଳ



ନୂଆଦିଲ୍ଲୀ, ୧୧/୧୨ : ବୁଧବାର ରାଜ୍ୟସଭା ଅଧକ୍ଷଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବକୁ ଆପ ସମର୍ଥନ କରିଛି । ଏହାଛଡା ଗତରାତିରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ମହାରାଷ୍ଟ୍ରରେ ଇଭିଏମ ଟାମ୍ପରିଂ ଅଭିଯୋଗ ଉପରେ ଇଣ୍ଡିମେଣ୍ଟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସ୍ଥିର କରିଛି । ଏଥିରେ ମଧ କଂଗ୍ରେସ ପ୍ରମୁଖ ଭୂମିକା ନେଇଛି । ଯାହାକି ଦିଲ୍ଲୀ ବିଧାନସଭା ନିର୍ବାନରେ କଂଗ୍ରେସ ▶▶ପୃଷ୍ଠା ୭

## କରୋନାରେ ମୃତ କନଷ୍ଟେବଲଙ୍କ ପତ୍ନୀଙ୍କୁ ମିଳିବ ୫୦ ଲକ୍ଷ: ହାଇକୋର୍ଟ

କଟକ, ୧୧/୧୨ (ନି.ପ୍ର): ଡ୍ୟୁଟିରେ ଥାଇ କରୋନା ସଂକ୍ରମିତ ହେବା ସହିତ ପ୍ରାଣ ହରାଇଥିବା ପୁଲିସ କନଷ୍ଟେବଲଙ୍କ ବିଧବା ପତ୍ନୀଙ୍କୁ ୬ ମାସ ଭିତରେ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଆବେଦନକାରୀଙ୍କୁ ସ୍ୱତନ୍ତ୍ର ପରିବାର ପେନସନ୍ ପ୍ରଦାନ କରାଯିବ ବୋଲି ହାଇକୋର୍ଟ କହିଛନ୍ତି । ଅନୁକମ୍ପାମୂଳକ ସହାୟତା ରାଶି ଓ ପେନସନ୍ ପ୍ରଦାନ ପ୍ରସଂଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ପୁଲିସ ଡିଜି ଓ ଅନୁଗୁଳ ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀ ଶତପଥୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ୨୦୨୦, ଅଗଷ୍ଟ ୪ର ବିଜ୍ଞପ୍ତି ଅନୁସାରେ ମୃତ କନଷ୍ଟେବଳ ଡ୍ୟୁଟି କରୁଥିବା ବେଳେ କରୋନା ସଂକ୍ରମଣର ଶିକାର ହୋଇଥିଲେ। କୋଭିଡ ଯୋଦ୍ଧା ଭାବେ ସେ ପ୍ରାଣ ହରାଇଥିଲେ। ତେଣୁ ମୃତ କନଷ୍ଟେବଲଙ୍କ ପତ୍ନୀ ଏହି ବିଜ୍ଞପ୍ତି ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଓ ସ୍ୱତନ୍ତ୍ର ପେନସନ ପାଇବାକୁ ହକଦାର ବୋଲି ହାଇକୋର୍ଟ କହିଛନ୍ତି। ▶▶ପୃଷ୍ଠା ୭

# ଜଗଦୀପ ଧନଖଡ଼ ହେଉଛନ୍ତି ସରକାରଙ୍କର ଜଣେ ବଡ଼ ମୁଖପାତ୍ର: ମଲ୍ଲିକାର୍ଜୁନ ଖଡଗେ



ନୂଆଦିଲ୍ଲୀ, ୧୧/୧୨ :'ରାଜ୍ୟସଭା ଅଧକ୍ଷ ବିରୋଧୀ ଦଳଗୁଡ଼ିକର ସାଂସଦମାନଙ୍କୁ ଅପମାନିତ କରୁଛନ୍ତି। ସେ ଜଣେ ପ୍ରଧାନଶିକ୍ଷକ ଭଳି ସାଂସଦମାନଙ୍କୁ ପାଠପଢ଼େଇବାକୁ ଚେଷ୍ଟା କରୁଛନ୍ତି। ସେ ସରକାରଙ୍କ ମୁଖ୍ୟପାତ୍ର ଭଳି କାମ କରୁଛନ୍ତି। ସେ ହେଉଛନ୍ତି ସରକାରଙ୍କର ସବୁଠୁ ବଡ଼ ମୁଖପାତ୍ର। ରାଜ୍ୟସଭା ଚାଲି ନପାରିବାର ପ୍ରମୁଖ କାରଣ ନିଜେ ରାଜ୍ୟସଭା ଅଧକ୍ଷ।' ରାଜ୍ୟସଭା ଅଧକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଅନାସ୍ଥା ପ୍ରସ୍ତାବ ଆଣିଥିବା ବେଳେ ଆଜି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଏହି କଥା କହିଛନ୍ତି। ସେ କହିଛନ୍ତି, ଆମେ ଏଭଳି ପଦକ୍ଷେପ ନେବାକୁ ବାଧ ହୋଇଛୁ। ଆମେ ଏକ ନୋଟିସ୍ ଦେଇ ସାରିଛୁ। ରାଜ୍ୟସଭା ଅଧକ୍ଷ ଆମ ପାଇଁ ଅନ୍ୟ କୌଣସି ବିକଳ୍ପ ରଖି ନଥିଲେ। ତିନି ବର୍ଷ ହେଲାଣି ନା ଆମକୁ ସେ ସମୟ ଦେଉଛନ୍ତି ନା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରେ ପ୍ରଶ୍ନ କରିବାକୁ ସୁଯୋଗ ଦେଉଛନ୍ତି। ଆମେ ରାଜ୍ୟସଭା ଅଧକ୍ଷଙ୍କଠାରୁ ସୁରକ୍ଷା ଆଶା କରୁ। କିନ୍ତୁ ସେ କେବଳ ଶାସକ ଦଳର ସାଂସଦମାନଙ୍କୁ କହିବାକୁ ସୁଯୋଗ ଦିଅନ୍ତି। ଯେତେବେଳେ ରାଜ୍ୟସଭା ଅଧକ୍ଷ ନିଜେ ସରକାରଙ୍କୁ ବଞ୍ଚାଇବାକୁ ବାହାରୁଛନ୍ତି, ସେତେବେଳେ କିଏ ବିରୋଧୀଙ୍କ କଥା ଶୁଣିବ। ଖଡଗେ କହିଛନ୍ତି, ୧୯୫୨ ମସିହାରୁ ଆଜି ପର୍ଯ୍ୟନ୍ତ କୌଣସି ଉପରାଷ୍ଟ୍ରପତିଙ୍କୁ ବାହାର କରିବା ପାଇଁ ଅନାସ୍ଥା ପ୍ରସ୍ତାବ ଆସିନଥିଲା। କାରଣ ସେମାନେ ସମସ୍ତେ ନିରପେକ୍ଷ ଥିଲେ। ସେମାନେ ସମସ୍ତେ ରାଜନୀତିରୁ ଉର୍ଦ୍ଧ୍ୱରେ ଥିଲେ ଓ ସବୁବେଳେ ▶▶ପୃଷ୍ଠା ୭

## ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲା: ୪ ଜଣଙ୍କ ନାଁରେ ଏତଲା



ନୂଆଦିଲ୍ଲୀ, ୧୧/୧୨ : ବେଙ୍ଗାଲୁରୁର ବହୁ ଚର୍ଚ୍ଚିତ ଇଓ ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା ମାମଲାରେ ୪ ଜଣଙ୍କ ନାଁରେ ଦାଏର ହୋଇଛି ଏତଲା। ଅତୁଲଙ୍କ ପତ୍ନୀ, ପତ୍ନୀଙ୍କ ପରିବାର ଓ ମାନସିକ ନିର୍ଯାତନା ଅଭିଯୋଗରେ ବିଚାରପତିଙ୍କ ନାଁରେ ବି କର୍ଣ୍ଣାଟକରେ ଏଫଆଇଆର ରୁଜୁ ହୋଇଛି। ମୃତ ଅତୁଲଙ୍କ ଭାଇ ବିକାଶ କୁମାର ବେଙ୍ଗାଲୁରର ମରାଠାହାଲି ପୁଲିସ ଥାନାରେ ଏତଲା ଦେଇଛନ୍ତି। ବିକାଶଙ୍କ ଏତଲା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଏନଏସର ଧାରା ୧୦୮ ଆତ୍ମହତ୍ୟା ପାଇଁ ଉସୁକେଇବା ▶▶ପୃଷ୍ଠା ୭

# ଶିକ୍ଷକ ବଦଳି ଦାବିରେ କୁଡାସିଂହା ୟୁପି ସ୍କୁଲରେ ଅବିଭାବକ: ଗ୍ରାମବାସୀଙ୍କ ଆନ୍ଦୋଳନ

ବଲାଙ୍ଗିର, ୧୧/୧୨ (ନି.ପ୍ର): ବିଦ୍ୟାଳୟରେ ପାଠପଢା ଯାଉ ନଥିବାରୁ ଶିକ୍ଷକଙ୍କ ବଦଳି ପାଇଁ ପରିଚାଳନା କମିଟି, ଅଭିଭାବକଙ୍କ ସହ ଗ୍ରାମବାସୀ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟକୁ ପଠାଇବାକୁ ବାରଣ କରିଛନ୍ତି । ଶିକ୍ଷକ ବଦଳି ପାଇଁ ଦାବି କରିବା ସହ ବଦଳି ନହେବା ପର୍ଯ୍ୟନ୍ତ ଗାଁର ଶିକ୍ଷିତ ଯୁବକମାନେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବାକୁ ପରିଚାଳନା କମିଟି ଏବଂ ଗ୍ରାମବାସୀ ନିଷ୍ପତି ନେବା ଭଳି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ସଦର ବ୍ଲକ କୁଡ଼ାସିଂହା ଗାଁରେ । ପ୍ରକାଶ ଯେ, କୁଡ଼ାସିଂହା ତିଳକରାମ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ତଥା ଅବିଭାବକଙ୍କ ସହ ଗ୍ରାମବାସୀଙ୍କୁ ନେଇ ସୋମବାର ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଶିକ୍ଷକ କ୍ଷୀରୋଦ୍ର ସାହୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା ଯେ, ୧୦ ତାରିଖ ତଥା ମଙ୍ଗଳବାର ଦିନରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯିବେ ନାହିଁ । ଘଟଣାସ୍ଥଳରେ ଦିନ ୧୧ଟା ୪୫ମିରେ ଏବିଇଓ, ବିଆରସିସି, ସିଆରସିସି ପହଂଚି ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ହେଲେ ପରିଚାଳନା କମିଟି ଏବଂ ଗ୍ରାମବାସୀ ଯେତେ ଦିନ ପର୍ଯ୍ୟନ୍ତ କ୍ଷୀରୋଦ୍ର ସାହୁଙ୍କୁ ଏହି ବିଦ୍ୟାଳୟରୁ ଅନ୍ୟତ୍ର ସ୍ଥାନାନ୍ତର କରାନଯିବ ଏବଂ ବିଦ୍ୟାଳୟରୁ ଡେପୁଟେସନରେ ଯାଇଥିବା ଶିକ୍ଷକଙ୍କ ବଦଳରେ ଅନ୍ୟ ଜଣେ ଅଭିଜ୍ଞ ପୁରୁଷ ଶିକ୍ଷକଙ୍କୁ ନିଯୁକ୍ତି ନଦେବା ପର୍ଯ୍ୟନ୍ତ ଦାବି ଅଟଳ ରହିବା ବୋଲି ପରିଚାଳନା କମିଟି ପକ୍ଷରୁ ପ୍ରକାଶ ପାଇଛି । ଫଳରେ କୁନି କୁନି ଶିଶୁଙ୍କ ପାଠପଢାକୁ ଧ୍ୟାନରେ ରଖି ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ କରାଯାଇଥିଲା । ବିଦ୍ୟାଳୟରେ ଶିକ୍ଷକ ବଦଳି ନହେବା ଯାଏ, ଶିଶୁଙ୍କ ପାଠପଢ଼ାକୁ ନଜରରେ ରଖି ଗାଁର ଶିକ୍ଷିତ ଯୁବକଙ୍କ ଦ୍ୱାରା ବିଦ୍ୟାଳୟ ବାହାରେ ପିଲାଙ୍କୁ ଶିକ୍ଷାଦାନ ଦିଆଯିବାକୁ ନେଇ ନିଷ୍ପତ୍ତି ନିଆଯାଇଛି । ସୂଚନା ଯୋଗ୍ୟ ଯେ, ଏହି ବିଦ୍ୟାଳୟର ଶିକ୍ଷକ କ୍ଷୀରୋଦ୍ର ସାହୁଙ୍କୁ ଅନ୍ୟତ୍ର ବଦଳି କରି ଅନ୍ୟ ଜେନ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଅଣା ଯିବାକୁ ନେଇ ଗତ ୨ବର୍ଷ ହେଲା ବିଭିନ୍ନ ସମୟରେ ଶିକ୍ଷା ବିଭାଗ, ପ୍ରଶାସନକୁ ଅଭିଯୋଗ କରି ଆସୁଥିଲେ ହେଁ, କୌଣସି ପଦକ୍ଷେପ ନେଇ ନ ଥିବାରୁ ଶେଷରେ ଗ୍ରାମବାସୀ ଗାଁ ଗୌନ୍ତିଆଙ୍କୁ ଅବଗତ କରାଇ ଏଭଳି ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି । ସୋମବାର ମଧ ପ୍ରଧାନ ଶିକ୍ଷକଙ୍କ ଜରିଆରେ ଶିକ୍ଷକ ବଦଳି ପାଇଁ ପୁଣି ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।

# କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ପୂରଣ ପାଇଁ ସହରରେ ଏକାଧିକ ସଡ଼କ, ଫ୍ଲାଇଓଭର, ରେଲ୍ ଓଭର ବ୍ରିଜ ଓ ରିଙ୍ଗ ରୋଡ ନିର୍ମାଣ ପାଇଁ ଯୋଜନା

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ଭୁବନେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ଦୃଷ୍ଟିରୁ ଗାଡି ଚଳାଚଳ ଓ ଟ୍ରାଫିକ ବ୍ୟବସ୍ଥାକୁ ଉପଯୋଗୀ ଓ ସହଜ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି । ଭୁବନେଶ୍ୱର ସହରର ଗାଡି ଚଳାଚଳ ଓ ଟ୍ରାଫିକ୍ ? ସମସ୍ୟାକୁ ଦୂର କରିବା ପାଇଁ ପୂର୍ତ୍ତ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହର ପାଇଁ ବିଭିନ୍ନ ସଡ଼କ ପ୍ରକଳ୍ପ ଯୋଜନା ଉପରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ଉପସ୍ଥାପନ ରଖା ଯାଇଥିଲା । ଏହି ଉପସ୍ଥାପନାରେ ଭୁବନେଶ୍ୱରର ଜୟଦେବ ବିହାର-ନନ୍ଦନକାନନ ନୂତନ ରାସ୍ତା, ଦୟା ୱେଷ୍ଟ କେନାଲ ଉପରେ ପଟିଆ ଷ୍ଟେସନ ଛକ ଠାରୁ ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ ରିଙ୍ଗରୋଡ, ସୁନ୍ଦରପଦା-ଜଟଣୀ ରାସ୍ତାର ଉନ୍ନତିକରଣ, ପିତାପଲ୍ଲୀ-ତ୍ରିଶୂଳିଆ ରାସ୍ତାର ଇନ୍ ?ଷ୍ଟିଚ୍ୟୁଟ ଅଫ ମାଥମେଟିକ୍ ?ସ ଠାରୁ ଏକାମ୍ର କାନନ ପର୍ଯ୍ୟନ୍ତ ନୂତନ ରାସ୍ତା, କଳ୍ପନା ଛକ-ମ୍ୟୁଜିଅମ-ରବି ଟକିଜ ନୂତନ ଫ୍ଲାଇ ଓଭର, ଶିଶୁଭବନ-ମାଉସୀମା ମଧରେ ଆଉ ଏକ ଜଙ୍କଇ, ତମାଣ୍ଡୋ-ଚନ୍ଦକା-ବାରଙ୍ଗ-ଧଉଳି-ତମାଣ୍ଡୋ ପର୍ଯ୍ୟନ୍ତ ରିଙ୍ଗ ରୋଡ ନିର୍ମାଣ ବିଷୟରେ ପୂର୍ତ୍ତ ବିଭାଗର ପକ୍ଷରୁ ପ୍ରସ୍ତାବିତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ସେହିପରି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର-କଟକ-ପୁରୀ ଇକୋନୋମିକ୍ ? ରିଜିଅନ ଗଠନ ଏବଂ ଗ୍ରେଟର ଭୁବନେଶ୍ୱର ଗଠନ ସଂପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏହି ବୈଠକରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ପ୍ରଭାତୀ ପରିଡା, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧୧/୧୨ (ନି.ପ୍ର): ମାଲକାନଗିରି ନିକଟସ୍ଥ ଚାଲାଣ ଗୁଡା କସ୍ତୁରୀବା ବାଳିକା ବିଦ୍ୟାଳୟରେ ଜିଲ୍ଲା ଆଇନସେବା ପ୍ରାଧିକରଣର ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ତଥା ଦୌରା ଜଜ୍ ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚାଲାଣଗୁଡା ସ୍ଥିତ କସ୍ତୁରୀବା ବାଳିକା ବିଦ୍ୟାଳୟରେ ଜିଲ୍ଲା ଆଇନିସେବା ପ୍ରାଧିକରଣ ଦ୍ୱାରା ମାନବିକ ଅଧିକାର ଦିବସ ଉପଲକ୍ଷେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ତଥା ଆଇନିସେବା ପ୍ରାଧିକରଣର ମାନ୍ୟବର ବିଚାରପତି ସୁଶ୍ରୀସଂଗୀତା ପାତ୍ର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣର ପ୍ରମୁଖ ଆଇନ୍ ସେବା ପ୍ରତିରକ୍ଷା ଓକିଲ ତଥା ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ, ସହାୟକ ଅଇନିସେବା ପ୍ରତିରକ୍ଷା ଓକିଲ ସାଗର ପାଣିଗ୍ରାହୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ଓ ପ୍ରତିରକ୍ଷା ଓକିଲ ଗଣ ଆଇନି ସେବା ପ୍ରାଧିକରଣ ଆଇନୀ ୧୯୮୭, ବିଭିନ୍ନ ମାନବିକ ଅଧିକାର ଆଇନ ବୁଝାଇବା ସହ ଶିଶୁ ସୁରକ୍ଷା, ବାଲ୍ୟ ବିବାହ ପ୍ରତିରୋଧ, ପୋକ୍ସୋ ଆଇନ ସଂପର୍କରେ ଉପସ୍ଥିତ ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ ।

# ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟରେ ମେଗା ଏକ୍ସିବିସନ୍

ଜୟପୁର, ୧୧/୧୨ (ନି.ପ୍ର): ଜୟପୁର ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟର ବାର୍ଷିକ ମେଗା ଏକ୍ସିବିସନ୍ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ସେଥିର ବିଜ୍ଞାନ ମେଳା, ଆର୍ଟ ଏଣ୍ଡ କ୍ରାଫ୍ଟ, ଫ୍ଲାୱାର ଶୋ, ବେଷ୍ଟ ଆଉଟ୍ ଅଫ ୱେଷ୍ଟ, ମ୍ୟାଜିକ ଶୋ , କୋଇନ୍ କଲେକ୍ସନ, କଷ୍ଟ୍ୟୁମ୍, ଐତିହାସିକ କିମ୍ବଦନ୍ତୀ, ସ୍କାରୀ ଶୋ, ପ୍ଲାନେଟରିଓମ, ଫୁଡ୍ ମେଳା, ସାଲାଡ଼ ଡେକୋରେଶନ, ରଙ୍ଗୋଲି, ନାଚ, ଗୀତ, ସାହିତ୍ୟ, ମେଡିସିନଲ ପ୍ଲାଂଟ, ଗେମ୍, କମ୍ପ୍ୟୁଟର, ସୌରଜଗତ, ୱାଲ୍ ମେଗାଜିନ୍, ଇତ୍ୟାଦି ବିଭିନ୍ନ ଧରଣର ସୁନ୍ଦର ସୁନ୍ଦର ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପି. କେ ମହାନ୍ତି ଏବଂ ସମ୍ମାନୀୟ ଅତିଥି ଚନ୍ଦ୍ରକଳା ବ୍ରବର୍ତି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ । ମଡର୍ଣ୍ଣ ଇଂରାଜୀ ବିଦ୍ୟାଳୟର ସଭାପତି କିଶୋର କୁମାର ହୋତା, ସମ୍ପାଦକ ନୟନ କିଶୋର ମହାନ୍ତି, ନିର୍ଦ୍ଦେଶିକା ଶ୍ରୀମତି କୁମୁଦ ମାଳା ମହାନ୍ତି, ଅଧକ୍ଷା ଶ୍ରୀମତି ସୁପ୍ରିୟା ପାଣିଗ୍ରାହି, ଉପ ଅଧକ୍ଷ ସଚିଦାନନ୍ଦ ମହାପାତ୍ର, ଅଜମଲ୍ ବେଗ୍ ନିରଞ୍ଜନ ପାଣିଗ୍ରାହୀ, ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀ ମାନେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ପାରଦର୍ଶିତା ଦେଖାଇଥିଲେ । ମୁଖ୍ୟ ଅତିଥି ଏବଂ ସମ୍ମାନୀୟ ଅତିଥି ସମସ୍ତ ପ୍ରୋଗ୍ରାମ ବୁଲି ଦେଖିଥିଲେ । କୁନି କୁନି ଛାତରଛାତ୍ରୀମାନେ ସମସ୍ତ ରାଜ୍ୟର ପୋଷାକ ପରିଧାନ କରି ଯେଉଁ ଜାତୀୟ ଏକତାର ମନ୍ତ୍ର ଶିଖାଇଥିଲେ ତାହା ଖୁବ୍ ଚିତାର୍କଷକ ଥିଲା । ଅଦରକାରୀ ଜିନିଷକୁ ନେଇ ଖୁବ୍ ସୁନ୍ଦର ସୁନ୍ଦର ଜିନିଷ ତିଆରି ଦେଖି ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ । ଅଭିଭାବକ ମାନେ ମଧ ଏହି କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କର ଜ୍ଞାନ କୌଶଳ ଦେଖି ଖୁବ୍ ପ୍ରଶଂସା କରିଥିଲେ ।

# ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

କେନ୍ଦ୍ରାପଡା, ୧୧/୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ କୋର ପଂଚାୟତ ଅନ୍ତର୍ଗତ ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବର ଉଦ୍ଯାପନୀ ଉତ୍ସବ ହୋଇଯାଇଛି । ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ବଳରାମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦିପ କୁମାର ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ନିକିରାଇ ଥାନା ଅଧିକାରୀ ସଂଜୟ କୁମାର ମଲିକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଗ୍ରହଣ ସହ ବିଭିନ୍ନ କ୍ରୀଡାରେ ଦକ୍ଷତା ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ । ପରିଚାଳନା କମିଟିର ସଂପାଦକ ଉମେଶ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହରିଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟା ଭାରତୀ ବେହୁରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର କ୍ରୀଡା ପ୍ରମୁଖ ଦେବାଶିଷ ଗୁରୁଜୀ, ଶ୍ରୀଧର ଗୁରୁଜୀ, ମିନତୀ ଗୁରୁମା, ଜୟଶ୍ରୀ ଗୁରୁମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ ।

# ଚଳିତ ମାସ ୧୪ ତାରିଖରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

ମାଲକାନଗିରି, ୧୧/୧୨ (ନି.ପ୍ର): ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନ ସେବା ଯୋଗାଇଦେବା ଲକ୍ଷ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ହେବାକୁ ଯାଉଛି । ଚଳିତ ମାସ ୧୪ ତାରିଖରେ ହେବାକୁଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ମାଲକାନଗିରି ଜିଲ୍ଲା କୋର୍ଟ ସମେତ ନିକଟବର୍ତ୍ତୀ ଏମ ଭି ୭୯, ମାଥିଲି, କୁଡୁମୁଲୁଗୁମା କୋର୍ଟ ପରିସରରେ ଅନୁଷ୍ଠିତ ହେବ । ଏଥରେ ମୋକଦ୍ଦମା ସ୍ତରୀୟ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା ଚେକ୍ ବାଉଁସ ସମ୍ବନ୍ଧୀୟ ମାମଲା , ଟଙ୍କା ପୁନଃଉଧାର ମାମଲା , ମୋଟର ଯାନ ଦୁର୍ଘଟଣା ଜନିତ , ଶ୍ରମ ବିବାଦ ଜନିତ ମାମଲା, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ ( ବିବାହ ବିଚ୍ଛେଦ ବ୍ୟତୀତ), ଉଚ୍ଚ ନ୍ୟାୟାଳୟ ଓ ଦେୱାନି ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରି ସଂପର୍କିତ ଅବସର ପ୍ରାପ୍ୟ ସହିତ ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ମାମଲା, ଅନ୍ୟାନ୍ ଦ୍ୱେନି ମାମଲା, (ଭଡ଼ା, ସହଜ ଅଧିକାର ନିର୍ଦ୍ଧିଷ୍ଟ କାର୍ଯ ଦକ୍ଷତା ସୁଟ୍, ନିର୍ଦ୍ଦେଶକ ସୁଟ) ଖାଉଟି ବିବାଦ ଓ ଅନ୍ୟାନ ଫୌଜଦାରୀ ମାମଲାର ଫାଇସଲା ହେବ । ପ୍ରାକ୍ ମକଦ୍ଦମା ସ୍ତରୀୟ (କୋର୍ଟରେ ଦାୟର ହୋଇନଥିବା ମାମଲା) ସ୍ଥାୟୀ ଲୋକ ଅଦାଲତର ଅନ୍ୟାନ୍ , ଦ୍ୱୋନୀ (ସାଲିସ ବିହୀନ ବିବାଦକୁ ଛାଡି) ରକ୍ଷଣ ବେକ୍ଷଣ ମାମଲା ଓ ଅନ୍ୟାନ ମୋକଦ୍ଦମାର ଫୈସଲା ହେବ । ପୂର୍ବାହ୍ନ ୧୦ ଘଟିକାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ । ଜିଲ୍ଲା ଦୌରା ଜର୍ଜ ଡକ୍ଟର ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନ ରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନିସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ସୁଶ୍ରୀ ସଂଗୀତା ପାତ୍ର ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ

ନୂଆପଡ଼ା, ୧୧/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଲୋହୋରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ତିନି ବ୍ୟାପି ହେବାକୁ ଥିବା ୧୨ତମ ନୂଆପଡ଼ା ଜିଲ୍ଲାସ୍ତରୀୟ କନିଷ୍ଠ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ମିଶନ ଏଭେନ୍ ଜେଲିକାଲ୍ ହସପିଟାଲର ଡାଇରେକ୍ଟର ଡାକ୍ତର ନିବେଦିତା ପ୍ରରମାଣିକ, ମୁଖ୍ୟ ବକ୍ତା ଭାବରେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଫଣିନ୍ଦମ ଦେଓ, ସମ୍ମାନିତ ଅତିଥି ଭାବରେ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା , ସାମ୍ବାଦିକ କୁନୁ କରୁଆଁ , ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା ଓ ଲୋହୋରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ପ୍ରମୁଖ ମଂଚାସୀନ ରହି ସାଂପ୍ରତିକ ସମୟରେ ଜୁନିୟର ରେଡକ୍ରସର ଗୁରୁତ୍ୱ ସଂପର୍କରେ ଉଦବୋଧନ ଦେଇଥିଲେ । ଜୁନିୟର୍ ରେଡକ୍ରସ ଅଧିକାରୀ ଜୟଦେବ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ । ଶିକ୍ଷୟିତ୍ରୀ ଆରତି କୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ଶିକ୍ଷକ ବିଜୟ କୁମାର ନାଗ, ନିରୁପମା ପାଣିଗ୍ରାହୀ, ରତନ ସିଂ ବାରିକ, ପ୍ରଶାନ୍ତ କୁମାର ପ୍ରଧାନୀ, ଧନଞ୍ଜୟ ଦଣ୍ଡସେନା, ମହତାବ ଆଡ଼କୁଏଡ଼ ଓ ଶ୍ୱେତିକା ବୁଡେକ୍ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶିବିରରେ ୨୫୦ ଜଣ ଜୁନିୟର୍ ଓ ୫୦ ଜଣ କାଉନସେଲର୍ ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଦଣ୍ଡସେନା, ମମତା ପତି, ରୋଜାଲିନ ଶବର, ଚିନ୍ମୟ ମାଝୀ, ଚିନ୍ମୟୀ ବେହେରା, ସଙ୍ଗୀତା ବେହେରା, ଦମୟନ୍ତୀ ସାହୁ, ଲୋକନାଥ ବେହେରା , ନରେଶ ବେହେରା, ଜୟନ୍ତ କଠାର, ଶୀମନ୍ତ ହେର୍ଣା, ଲିଙ୍ଗରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ । ପ୍ରକାଶ ଥାଉକି ଶିବିରରେ ଜୁନିୟର୍ ମାନଙ୍କ ମଧରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ଲୋକନୃତ୍ୟ, ଆଲବମ୍ ପ୍ରସ୍ତୁତି, ଡାଇରୀ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ସିପିଆଇ ପକ୍ଷରୁ ୭ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, ୧୧/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସିପିଆଇ କମିଟି ପକ୍ଷରୁ ୭ଦଫା ସମ୍ବଳିତ ଏକ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ମହାମାନ୍ୟ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଜିଲ୍ଲା କମିଟି ସଂପାଦକ ରମଣି ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେହୁରା, ରମେଶ ଚନ୍ଦ୍ର ନାୟକ, ହରେକୃଷ୍ଣ ମାଝି, ସଂଯୁକ୍ତା ରାଉତ, ପ୍ରଶାନ୍ତ ଚୌଧୁରୀ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଶିଳ୍ପପତି ଆଦାନୀ ମୋଦୀ ସରକାରଙ୍କ ବାହୁଛାୟା ତଳେ ସମ୍ବଳ ଲୁଣ୍ଠନ କରିବାର ଘଟଣାର ତଦନ୍ତ କରାଯାଇ ତାଙ୍କୁ ଗିରଫ କରାଯାଉ, ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧିକୁ ବନ୍ଦ କରାଯାଉ, ଇଷ୍ଟକୋଷ୍ଟ ରେଳବାଇ ର ବିଭାଜନ ବନ୍ଦ କରି ନୂତନ ଭାବେ ରାଉରକେଲା ଓ ବାଲେଶ୍ୱର ଡିଭିଜନ ପ୍ରତିଷ୍ଠା କରାଯାଉ, ଖାଲି ପଡିଥିବା ସରକାରୀ ପଦବୀ ଗୁଡିକୁ ତୁରନ୍ତ ପୂରଣ କରାଯାଉ, କେନ୍ଦ୍ରାପଡା ଜିଲ୍ଲାରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ସହ ପ୍ରତ୍ୟେକ ବ୍ଲକରେ ବୃହତ୍ ଶୀତଳ ଭଣ୍ଡାର ସରକାରଙ୍କ ଦ୍ୱାରା ସ୍ଥାପନା କରାଯାଉ, ସିପିଆଇର ଜିଲ୍ଲା କମିଟି ପକ୍ଷରୁ ଏକ ଶୋଭାଯାତ୍ରା ପୁରୁଣା ବସଷ୍ଟାଣ୍ଡରୁ ବାହାରି ଜିଲ୍ଲା କାର୍ଯ୍ୟାଳୟରେ ପହଁଚିବା ପରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଥିଲା ।

# ବାଲି ହାଇୱାରୁ ବେଆଇନ୍ ଚାନ୍ଦା ଆଦାୟ ଅଭିଯୋଗ: ୪ ଅଟକ

କୋରେଇ, ୧୧/୧୨ (ନି.ପ୍ର): ବାଲି ଗାଡିରୁ ବେଆଇନ ଭାବେ ବିଭିନ୍ନ ସ୍ଥାନରେ ଚାନ୍ଦା ଆଦାୟ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । କୋରେଇ ଓ ପାଣିକୋଇଲି ଥାନା ଅଂଚଳର ବାଲିଘାଟ ଠାରୁ ସଠିପୁର ପର୍ଯ୍ୟନ୍ତ ଦୁଇ ଚାରି ଜଣ ଯେଉଁଠି ଏକାଠି ହେଲେ ସେଠାରେ ବାଲି ହାଇୱା ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି । ଏଭଳି ଅଭିଯୋଗ ବାରମ୍ବାର ଆସୁଛି । କିଏ ପର୍ବ, ମନ୍ଦିର ନାଁରେ ବା କିଏ ଠାକୁର ବା କ୍ଲବ, ଖେଳ ନାମରେ ଅର୍ଥ ଆଦାୟ କରୁଛି । ବିନା ପରିଶ୍ରମ ଓ ବିନା ପୁଂଜିଲଗାଣରେ ଭଲ ରୋଜଗାର ହେଉଛି । ଫଳରେ ଅନେକ ଏହାକୁ ରୋଜଗାରର ମାଧ୍ୟମ କରିଛନ୍ତି । କିନ୍ତୁ ଟ୍ରକ ମାଲିକ ଚାନ୍ଦା ଦେଇଦେଇ ନୟାନ୍ତ ହୋଇଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ପରେ ପାଣିକୋଇଲି ପୁଲିସ ଚଢଉ କରିଥିଲା । କରଦା ପଂଚାୟତ ଦେପଦା ଗ୍ରାମର କିଛି ଲୋକ ଚାନ୍ଦା ଆଦାୟ କରୁଥିବା ବେଳେ ହଠାତ ପୁଲିସ ପହଂଚିବାରୁ ସେମାନେ ଦୌଡି ପଳାଇଥିଲେ ।

# ଜୟହିନ୍ଦ୍ ଉଚ୍ଚ ବିଦ୍ୟାଳୟର ୧୯୮୦ ମସିହା ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

କେନ୍ଦ୍ରାପଡା, ୧୧/୧୨ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ନିକଟସ୍ଥ ଜୟହିନ୍ଦ୍ ଉଚ୍ଚ ବିଦ୍ୟାଳୟରେ ୧୯୮୦ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଉତ୍ସବ ୮ତାରିଖ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ପ୍ରେମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ବେହୁରା, ଚର୍ତୁଭୁଜ ରାଉତ, କାଳନ୍ଦି ମହାରଣାଙ୍କ ସମେତ ପ୍ରଦୀପ୍ତ ବିଶ୍ୱାଳ, ଗୁରୁଚରଣ ବିଶ୍ୱାଳ, ଭାସ୍କର ମଲ୍ଲିକ, ରଞ୍ଜିତ ସାହୁ, କୈଳାସ ସେଠୀ, ପ୍ରଦୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟ ସୁପରିଚାଳନା କରିଥିଲେ । ପୁରାତନ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପୁରୁଣା ଅନୁଭୂତି ପରିପ୍ରକାଶ ସଭାକାର୍ଯ୍ୟକୁ ଅଧିକ ମୁଖରିତ କରିଥିଲା । ଉତ୍ସବରେ ସମସ୍ତ ସହପାଠୀ ଓ ସହପାଠିନୀଙ୍କ ସକ୍ରିୟ ଯୋଗଦାନ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ଥିଲା । ବିଦ୍ୟାଳୟର ବର୍ତମାନର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କର ଆକୁଣ୍ଠ ସହଯୋଗ ଉତ୍ସବକୁ ଅଧିକ ମନୋରମ ଓ ଆକର୍ଷଣୀୟ କରିଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହାକୁ ସମସ୍ତ ଦର୍ଶକ ମନଭରି ଉପଭୋଗ କରିଥିଲେ । ପ୍ରାୟ ୫୦ଜଣ ପୁରାତନ ଛାତ୍ରଛାତ୍ରୀ ଏହି ଉତ୍ସବରେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ସରୋଜ ମଲ୍ଲିକ, ଜନ୍ମେଜୟ ମଲ୍ଲିକ, ଅଶୋକ ମଲ୍ଲିକ, ବିଜୟ ବିଶ୍ୱାଳ, ପ୍ରଶାନ୍ତ ମଲ୍ଲିକ, ବିଜୟ ପ୍ରଧାନ, ମନୋରଞ୍ଜନ ସାହୁ, ବ୍ରହ୍ମାନନ୍ଦ ବେହୁରା, ନିରଞ୍ଜନ ମଲ୍ଲିକ, ଶଶୀକଳା ସାମଲ, ରମଣୀ ପାଢୀ, ଶାନ୍ତିଲତା ମଲ୍ଲିକ, ଭାରତୀ ଶର୍ମା, କୈଳାସ ବାରିକ, ଯଯାତି ମଲ୍ଲିକ, ଶରତ ସେଠୀ, ଶ୍ରୀନିବାସ ବିଶ୍ୱାଳ, ଅକ୍ଷୟ ମଲ୍ଲିକ, ସୁରେନ୍ଦ୍ର ପରିଡା, ମାଧବ ଶର୍ମା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉତ୍ସବର ଅନନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କର ମନୋଭରା ନୃତ୍ୟ ବିଦ୍ୟାଳୟ ପରିସରକୁ ଆନନ୍ଦ ମୁଖରିତ କରିଥିଲା । ସମସ୍ତେ ଯେମିତି ସେହି କିଶୋର ବୟସର ଛାତ୍ରଛାତ୍ରୀ ଭାବରେ ଅନୁଭବ କରୁଥିଲେ । ଶେଷରେ ବିଦ୍ୟାଳୟ ଓ ଧୋୟାଅ ଳର ଉନ୍ନତି କଳ୍ପେ ଏହି ସଂଗଠନ ଦୃଢତାର ସହ କାର୍ଯ୍ୟ କରିବାକୁ ନିର୍ଷ୍ପ ନେଇଥିଲେ ।

## ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା, ୧୧/୧୨ (ନି.ପ୍ର): ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୧୭ ଓ ୧୮ ତାରିଖ ୨ ଦିନ ଧରି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବ । ଏଥିରେ ମତ୍ସ୍ୟ ବିଭାଗ ପକ୍ଷରୁ ୨୫ଗୋଟି ଷ୍ଟଲ ଖୋଲାଯିବା ସହ ମତ୍ସ୍ୟଚାଷ କରି ସଫଳ ହୋଇଥିବା ହିତାଧିକାରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ । କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆଜିର ଏହି ବୈଠକରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, ତହସିଲଦାର ତାପସ ରଞ୍ଜନ ଦେହୁରୀ, ଡେପୁଟି କଲେକ୍ଟର କୁଇନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ମୃତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ପ୍ରମୋଦ ସାମଲ, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବଲାଙ୍ଗୀରର ଲୋକ ଉତ୍ସବ ସାଂସ୍କୃତିକ ବିଭାଗକୁ ୨୦ ଲକ୍ଷ ଟଙ୍କା ବୃଦ୍ଧି କରିବାକୁ ଦାବି

ବଲାଙ୍ଗୀର, ୧୧/୧୨ (ନି.ପ୍ର): ବଲାଙ୍ଗୀର ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସାଂସ୍କୃତିକ ବିଭାଗ ଲୋକ ମହୋତ୍ସବ ପାଇଁ ଅଧିକ ୨୦ ଲକ୍ଷ ଅର୍ଥ ମଞ୍ଜୁର ପାଇଁ ଦାବି । ଆଜି ଦେବାଳୟ ସୁରକ୍ଷା କମିଟି ଏଡିଏମ୍‌ଓ ବିଜୟାନନ୍ଦ ସେଠୀଙ୍କୁ ଭେଟି ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ନରେନ୍ଦ୍ର କବାଟ, ଉପ-ସଭାପତି ପ୍ରଶାନ୍ତ ମହାକୁର, କୋଷାଧକ୍ଷ ରିଂଟୁ ସାହୁ, ଶମ୍ଭୁ ଶତପଥି ଉପସ୍ଥିତ ଥିଲେ । ବଲାଙ୍ଗୀର ଜିଲ୍ଲା କଳା ସଂସ୍କୃତିର କେନ୍ଦ୍ର ବଲାଙ୍ଗୀର ଲୋକ ଉତ୍ସବ ଦୀର୍ଘ ୧୯୯୯ ମସିହାରୁ ବଲାଙ୍ଗୀର କଳାମଣ୍ଡଳ ପଡ଼ିଆରେ ଆୟୋଜନ ହୋଇ ଆସୁଥିବାବେଳେ ୨୦୨୪-୨୦୨୫ ଉତ୍ସବ ଗାଁରୁ ସହରର କଳାକାର ଚାହିଁ ବସିଛନ୍ତି । କଳା ସଂସ୍କୃତିକୁ ପାରଂମ୍ପାରିକ ଗୀତ ନୃତ୍ୟରେ କଳା ପରିବେଷଣ କରିବା ପାଇଁ ଅପେକ୍ଷା କରିଛନ୍ତି ଦର୍ଶକ ଓ କଳାକାର । ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ବିଭିନ୍ନ ଜିଲ୍ଲାର ଉତ୍ସବ ପାଇଁ ଅର୍ଥ ବରାଦ ହୋଇଥିବାବେଳେ ବଲାଙ୍ଗୀରର ଲୋକ ଉତ୍ସବ ଆୟୋଜନ ପାଇଁ ବଲାଙ୍ଗୀର ଜିଲ୍ଲାପାଳ ଉତ୍ସବ ଆୟୋଜନ ପାଇଁ ସଂସ୍କୃତି ବିଭାଗକୁ ଅର୍ଥ ମଞ୍ଜୁର ପାଇଁ ଚିଠି ପ୍ରଦାନ କରିଥିଲେ । ବିଭାଗରୁ ସୂଚନା ମିଳିଛି ଯେ ଆୟୋଜନ ପାଇଁ ପନ୍ଦର ଲକ୍ଷ ଟଙ୍କା ଅନୁମୋଦନ ହୋଇଛି । କଳାଙ୍ଗୀର ସହରର କଳାପ୍ରେମୀଙ୍କ ମନରେ ବିଶେଷ ଉତ୍ସାହ ପ୍ରକଟ ହୋଇଯାଇଥିଲା । ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଦିଆଯାଇଥିବା ପତ୍ର ସଂଖ୍ୟା-୧୧୧୭୪ ତା.୧୨.୧୧.୨୦୨୪ରେ ୩୦ ଗୋଟି ଜିଲ୍ଲା ପାଇଁ ଛଅ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ବିଭିନ୍ନ ଜିଲ୍ଲାରେ ଅଧିକ ଅର୍ଥ ମଞ୍ଜୁର ହୋଇଥିବାବେଳେ ତାହା ବଲାଙ୍ଗୀର ଜିଲ୍ଲା ପାଇଁ ୨୦୨୪-୨୦୨୫ ବର୍ଷ ପାଇଁ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ କେବଳ ବଲାଙ୍ଗୀର ଜିଲ୍ଲା ପାଇଁ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଅଛି ।

# ଆଦାନୀ ଦୁର୍ନୀତି କାଣ୍ଡର ଜେପିସି ତଦନ୍ତ ଓ ଦରଦାମ ବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ

ଜୟପୁର, ୧୧/୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପକ୍ଷରୁ ଆଜି ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛି । ଦୁର୍ନୀତି ଓ କେଳେଙ୍କାରୀ ରେ ଲିପ୍ତ ଗୌତମ ଆଦାନୀ ର ସମସ୍ତ ଆର୍ଥିକ ହେରଫେର୍ ମାମଲାର ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରିବା , କୋରାପୁଟ ଜିଲ୍ଲା ର ସମସ୍ତ ଖଣି ଖାଦାନ ଆଦାନୀ ହାତକୁ ଟେକି ଦେବା, ଦରଦାମ୍ ବୃଦ୍ଧି ବିରୁଦ୍ଧରେ, ବେକାରୀ ସମସ୍ୟା ସମାଧାନ କରିବା ପାଇଁ, ଦେଶରେ ବିଜେପି ନେତୃତ୍ୱରେ ପରିଚାଳିତ ସରକାର ସାମ୍ପ୍ରଦାୟିକ ବିଷ ବଳୟ ସୃଷ୍ଟି କରି ଧ୍ରୁବୀ କରଣ ରାଜନୀତି କରି ଅଶାନ୍ତ ପରିବେଶ ସୃଷ୍ଟି କରୁଥିବା ଘଟଣାବଳୀ ବିରୁଦ୍ଧରେ ସ୍ୱର ଉତୋଳନ କରି ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛି । କେନ୍ଦ୍ର ଓ ରାଜ୍ୟ ରେ ବିଜେପି ର ଡବଲ୍ ଇଞ୍ଜିନ୍ ସରକାର ଚାଲିଥିଲା ବେଳେ ଆଳୁ , ପିଆଜ , ଡାଲି , ଲୁଣ , ତେଲ , ପନି ପରିବା ଆଦି ସକଳ ଖାଦ୍ୟ ପଦାର୍ଥ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକର ଆକାର ଛୁଆଁ ଦରବୃଦ୍ଧି ରେ ସାଧାରଣ ଜନତା ଅସ୍ତବ୍ୟସ୍ତ । ଏହା ବିରୋଧରେ ଆଗାମୀ ଦିନରେ ଆହୁରି ବ୍ୟାପକ ଜନ ଆନ୍ଦୋଳନ ପାଇଁ କମ୍ୟୁନିଷ୍ଟ ପାର୍ଟି ର ରାଜ୍ୟ କାର୍ଯ୍ୟକାରି ସଭ୍ୟ ପ୍ରମୋଦ କୁମାର ମହାନ୍ତି କହିଛନ୍ତି । ଆଜିର ବିକ୍ଷୋଭରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ , ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ପାତ୍ର, ବଳିଭଦ୍ର ମୋତି, ଅଲଖ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର, ୧୨ ଡିସେମ୍ବର ୨୦୨୪

ଧାରାବାହିକ: ଭାଗ-୩୪

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବ ପ୍ରତି ପାପ ବା ଅସତ୍ ର ଆକର୍ଷଣ ଅତ୍ୟନ୍ତ ଅଦମ୍ୟ । ଅଗ୍ନିଶିଖା ପରି ତାହା ଜୀବକୁ ରମ୍ୟ ଦେଖାଯିବା ସହ ଧ୍ୱଂସ ପଥକୁ ଆଗେଇ ନିଏ । ହିରଣ୍ୟକ, କଂସ ଓ ରାବଣ ଆଦି ଆପାତଃ ଐଶ୍ୱର୍ଯ୍ୟ ଭୋଗର ପ୍ରତୀକ । ଭଗବାନ ତମୋଗୁଣରେ ଏମାନଙ୍କୁ ସୃଷ୍ଟି କରିଥିଲେ ହେଁ ସତ୍ୱ ଗୁଣରେ ବିନାଶ କରି ଜଗତରେ ଆଦର୍ଶ ପ୍ରତିଷ୍ଠା କରନ୍ତି । ଏଣୁ ତାଙ୍କର ଦେବ କିମ୍ବା ଦୈତ୍ୟଙ୍କ ପ୍ରତି କୌଣସି ଦ୍ୱେଷଭାବ ନାହିଁ । ଶିଶୁପାଳଙ୍କର ସାଯୁଜ୍ୟ ମୁକ୍ତିରେ ଯୁଧିଷ୍ଠିର ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ନାରଦଙ୍କୁ ପଚାରିଥିଲେ, ଦେବର୍ଷି ! ଭଗବାନଙ୍କର ପରମ ଶତ୍ରୁ ଦୁଷ୍ଟ ଶିଶୁପାଳକୁ ଏହି ପରମଗତି ପ୍ରାପ୍ତ କାହିଁକି ହେଲା ? ଅତୀତରେ ରାଜା ବେଣ ଭଗବାନଙ୍କୁ ନିନ୍ଦା କରିବାରୁ ବ୍ରହ୍ମା ତାକୁ ନରକକୁ ପକାଇଥିଲେ, ଦନ୍ତବକ୍ର ଭଗବାନଙ୍କ ନିନ୍ଦା କରିବାରୁ କୁଷ୍ଠରୋଗାକ୍ରାନ୍ତ ହେଲା ମାତ୍ର ଏଠାରେ ବ୍ୟତିକ୍ରମ କ'ଣ ପାଇଁ ହେଲା । ଏହା ଚିନ୍ତା କରି ମନ ବ୍ୟାକୁଳ ହେଉଛି । ନାରଦ କହିଲେ, ହେ ରାଜା, ପ୍ରକୃତି ଓ ପୁରୁଷର ସଂଯୋଗରେ ଜାତ ହେଉଛି ମନୁଷ୍ୟ ଶରୀର, ଅବିବେକ ଭାବେ ନିନ୍ଦା-ସ୍ତୁତି, ସତ୍କାର-ଅସତ୍କାର, ହିଂସା, ଦ୍ୱେଷ ଅଭିମାନ, ଅହଂଭାବ ଏ ସମସ୍ତ ଆହରଣ କରିଥାଏ । କିନ୍ତୁ ଭଗବାନଙ୍କ ନିକଟରେ ସମଭାବ କାରଣରୁ ଯେ କୌଣସି ଭାବ ଦେଖାଉଥିଲେ ବି କାହାରି ପ୍ରତି ଦ୍ୱେଷଭାବ ନଥାଏ । କାହାକୁ ବୁଝାଇ କିମ୍ବା କାହାକୁ ଦଣ୍ଡଦେଇ ସତମାର୍ଗରେ ନେଇଥାନ୍ତି ତ କାହାକୁ ପରମଗତି ପ୍ରଦାନ କରିଥାନ୍ତି । ଶତ୍ରୁଭାବରେ ହେଲେ ମଧ ସର୍ବଦା ଭଗବାନଙ୍କ ଧାନ କରୁଥିବାରୁ ଶିଶୁପାଳ ଏବଂ ଦନ୍ତବକ୍ରକୁ ଭଗବାନ ବୈକୁଣ୍ଠକୁ ପ୍ରେରଣ କଲେ । ଯେପରି କୁମ୍ଭକାର କୀଟକୁ ଭ୍ରମର ଗର୍ତ୍ତ ମଧ୍ୟରେ ତାକୁ ଭୟ ଦେଖାଇ ଦେଖାଉ ନିଜେ ଭ୍ରମରତ୍ୱ ପ୍ରାପ୍ତ ହୁଏ ସେହିପରି ଭଗବାନଙ୍କ ଭର୍ତ୍ସନା କରୁ କରୁ ତାଙ୍କରିଠାରେ ଲୀନ ହୋଇଯାଏ । ଗୋପୀମାନେ କାମହେତୁ, କଂସ ଭୟହେତୁ, ଶିଶୁପାଳ ଦ୍ୱେଷ ହେତୁ, ପାଣ୍ଡବ ଓ ଯାଦବମାନେ ସ୍ନେହ ହେତୁ, ମୁନିଋଷିମାନେ ଭକ୍ତ ହେତୁ ଭଗବାନଙ୍କ ସାନିଧ ପ୍ରାପ୍ତ ହୋଇଛନ୍ତି । ତୁମେ ଯେଉଁ ରାଜା ବେଣ କଥା କହିଲ ସେ ଏଥିରୁ କୌଣସି ଗୋଟାଏର ବି ଅଧିକାରୀ ନଥିବାରୁ ସେ ଦଣ୍ଡ ପାଇଲା । ଦନ୍ତବକ୍ର ଓ ଶିଶୁପାଳ ଉଭୟ ଭଗବାନଙ୍କ ପାର୍ଷଦ ଥିଲେ ମାତ୍ର ଅଭିଶାପ କାରଣରୁ ମର୍ତ୍ତ୍ୟରେ ଜନ୍ମ ନେଇଥିଲେ । ଯୁଧିଷ୍ଠିର ସେମାନଙ୍କ ଶାପର କାରଣ ଜାଣିବାକୁ ଚାହିଁବାରୁ ନାରଦ କହିଲେ, ବ୍ରହ୍ମାଙ୍କର ଚାରିପୁତ୍ର ସନକ, ସନନ୍ଦ, ସନାତନ ଓ ମରୀଚି ଦିନେ ବିଷ୍ଣୁ ଦର୍ଶନ ନିମିତ୍ତ ବିଷ୍ଣୁଲୋକ ଗମନ କଲେ । ସେମାନେ ମହର୍ଷି ହେଲେହେଁ ଦିଗମ୍ବର ଓ ବାଳକତୁଲ୍ୟ ଥିଲେ । ସେମାନଙ୍କୁ ଦ୍ୱାରପାଳ ଜୟ ଓ ବିଜୟ ଭିତରକୁ ନଛାଡି କଟୁଭାବ ଦେଖାଇବାରୁ ସନକାଦି ପୁତ୍ରଗଣ କୁପିତ ହୋଇ ଅଭିଶାପ ଦେଲେ ଯେ ତୁମର ସଂସ୍କାର ଅଭାବରୁ ତୁମେ ଏ ଆଚରଣ ଦେଖାଇଲ ; ଏଣୁ ମର୍ତ୍ତ୍ୟରେ ତିନିବାର ଅସୁର ଜନ୍ମ ନେଇ ଭଗବାନଙ୍କ ଦ୍ୱାରା ବଧ ହୋଇ ସଂସ୍କାରିତ ହେଲେ ଏଠାରେ ଅବସ୍ଥାପିତ ହେବ । ତେଣୁ ସେମାନେ ପ୍ରଥମ ଜନ୍ମରେ ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷ ହୋଇ ଭଗବାନଙ୍କ ନୃସିଂହ ଓ ବରାହ ଅବତାରରେ ବଧ ହୋଇଥିଲେ । ପର ଜନ୍ମରେ ରାବଣ ଓ କୁମ୍ଭକର୍ଣ୍ଣ ରୂପେ ଭଗବାନ ଶ୍ରୀରାମଙ୍କ ଦ୍ୱାରା ବଧ ହୋଇଥିଲେ ତ ଏବେ ଶିଶୁପାଳ ଓ ଦନ୍ତବକ୍ର ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କ ହସ୍ତରେ ବଧ ହୋଇ ବୈକୁଣ୍ଠଧାମକୁ ଯାଇ ଦ୍ୱାରପାଳ ଭାବରେ ଅବସ୍ଥାପିତ ହୋଇ ନିଜର ସେବା ପ୍ରଦାନ କରୁଛନ୍ତି ।

### ୨ୟ ଅଧ୍ୟାୟ

### ।। ହିରଣ୍ୟାକ୍ଷ ବଧ ହେତୁ ହିରଣ୍ୟକଶିପୁର କ୍ରୋଧ ।।

ଭଗବାନ ବିଷ୍ଣୁ ଯଜ୍ଞ ବରାହ ରୂପ ଧରି ହିରଣାକ୍ଷକୁ ବଧ କରିବାରୁ ତାର ଭାଇ ହିରଣ୍ୟକଶିପୁ ବିଷ୍ଣୁଙ୍କ ପ୍ରତି ଦ୍ରୋହକରି ଅସୁରମାନଙ୍କୁ କହିଲା ବିଷ୍ଣୁ କପଟରେ ମୋ ଭାଇକୁ ବଧ କରିଥିବାରୁ ସେ ମୋର ଶତ୍ରୁ ଏବଂ ତାଙ୍କୁ ଭଜୁଥିବା ଲୋକମାନେ ମଧ ମୋର ଶତ୍ରୁ । ବିଷ୍ଣୁ ଅତ୍ୟନ୍ତ ଧୂର୍ତ୍ତ ଏବଂ କପଟୀ । ତାକୁ ମୁଁ ନିଶ୍ଚିତ ଶୂଳ ପ୍ରହାର କରି ମାରିବି । ବୃକ୍ଷର ମୂଳ ଛେଦନ କଲେ ଯେପରି ବୃକ୍ଷ ସମୂଳେ ନଷ୍ଟ ହୁଏ ସେହିପରି ବିଷ୍ଣୁକୁ ମାରିଲେ ସମସ୍ତ ଦେବତା ନଷ୍ଟ ହୋଇଯିବେ । ତୁମେମାନେ ଏବେ ଯାଇ ଯେଉଁଠି ଧର୍ମାନୁଷ୍ଠାନ ହେଉଛି ବା ମୁନିଋଷିମାନେ ଯଜ୍ଞ କରୁଛନ୍ତି ସେ ସବୁକୁ ନଷ୍ଟ କର । ଅସୁରମାନେ ହିରଣ୍ୟର ଆଦେଶ ମାନି ପୃଥିବୀରେ ଅତ୍ୟାଚାର ଓ ଧ୍ୱଂସଲୀଳା ଆରମ୍ଭ କରିଦେଲେ । ଦେବତାମାନେ ମଧ ନିସ୍ତାର ପାଇଲେ ନାହିଁ, ଅସୁରମାନଙ୍କ ଆକ୍ରମଣରୁ ରକ୍ଷା ପାଇଁ ସ୍ୱର୍ଗ ଛାଡି ପଳାଇଗଲେ । ନିଜ ଭାଇ ଉଦ୍ଦେଶ୍ୟରେ ତର୍ପଣାଦି କରି ସେ ଭାଇପୁତ୍ର, ମାତା ଦିତି ଏବଂ ଭ୍ରାତୃବଧୂକୁ ଡାକି ବୁଝାଇ କହିଲା ତୁମେମାନେ ମନ ଦୁଃଖ କରନାହିଁ । ଯାହାର ଜନ୍ମ ଅଛି ତାହାର ମରଣ ଅଛି । ଭ୍ରାତା ସମ୍ମୁଖ ଯୁଦ୍ଧରେ ବୀର ପରି ମୃତ୍ୟୁ ବରଣ କରିଥିବାରୁ ପ୍ରଶଂସାର ପାତ୍ର । ପାନ୍ଥଶାଳାରେ ପଥିକ କିଛି ସମୟ ରହି ପୁନର୍ବାର ଚାଲିଯିବା ପରି ସଂସାରରେ ଆସୁଥିବା ପ୍ରାଣୀ ନିଜର କର୍ମସାରି ଫେରିଯାଏ । କର୍ମଫଳ ଅନୁସାରେ ପ୍ରାଣୀ ଏଠାକୁ ଆସେ ଏବଂ ପୂର୍ବାର୍ଜିତ କର୍ମଫଳ ଅନୁଯାୟୀ ହର୍ଷ କିମ୍ବା ବିଷାଦ ଭୋଗକରେ । ଏହି ସମ୍ପର୍କରେ ଗୋଟିଏ ଉପାଖ୍ୟାନ ଶୁଣ - ଉଶୀନ ଦେଶର ରାଜା ସୁଯଜ୍ଞ ଯୁଦ୍ଧରେ ଶତ୍ରୁ ଦ୍ୱାରା ନିହତ ହେଲେ । ରାଣୀମାନେ ରାଜାଙ୍କ ମର ଶରୀରରେ କ୍ରନ୍ଦନ କରିବା ସହ ସଂସ୍କାର ନିମନ୍ତେ ଛାଡିଲେ ନାହିଁ । ସୂର୍ଯ୍ୟ ଅସ୍ତ ଯିବା ପରେ ସ୍ୱୟଂ ଯମ ଦେବତା ରାଣୀମାନଙ୍କ କ୍ରନ୍ଦନରେ ବ୍ୟସ୍ତ ହୋଇ ବାଳକ ରୂପରେ ରାଣୀମାନଙ୍କ ନିକଟରେ ପହଞ୍ଚି କହିଲେ, କି ଆଶ୍ଚର୍ଯ୍ୟ କଥା ! ଏମାନେ ନିଜେ ବୟସ୍କା ସହ ମରଣଶୀଳ ଜାଣି ମଧ କ୍ରନ୍ଦନ କରୁଛନ୍ତି । ଜୀବ କର୍ମ ସାଙ୍ଗରେ ଧରି ଆସେ ଏବଂ କର୍ମସାରି ଫେରିଯାଏ । ଜୀବ କଉଠୁ ଆସେ କଉଠିକି ଯାଏ ଏ କଥା ବ୍ରହ୍ମା ଶିବ ମଧ ଜାଣନ୍ତି ନାହିଁ । ଯାହାହେଉ ଏ ଦୃଷ୍ଟିରୁ ମୁଁ ଧନ୍ୟ କାରଣ ମୋର ପିତାମାତା ନାହାଁନ୍ତି, ଅରକ୍ଷ ହୋଇ ବୁଲୁଛି । ବାଘସିଂହାଦି ହିଂସ୍ର ଜନ୍ତୁମାନେ ମଧ ଭକ୍ଷଣ କରିନାହାନ୍ତି । ଯିଏ ମୋତେ ମାତା ଗର୍ଭରେ ରକ୍ଷା କରିଥିଲା ସେ ଆଜି ବି ରକ୍ଷା କରୁଛନ୍ତି । ସେ ହିଁ ନିଜର ଇଛାନୁସାରେ ସୃଷ୍ଟି କରନ୍ତି ଓ ସଂହାର କରନ୍ତି । ଏ ଜଗତ ତାଙ୍କର କ୍ରୀଡାକ୍ଷେତ୍ର । ପ୍ରାଣୀକୁ ନିଜର କର୍ମ ହିଁ ଗୁରୁ ଭଳି ରକ୍ଷା କରେ । ପଥଭ୍ରଷ୍ଟ ହେଲେ ନଷ୍ଟ ହୁଏ । ଘରଭିତରେ ସୁରକ୍ଷିତ ଥିବା ଜୀବର ମୃତ୍ୟୁ ହେଉଥିବା ବେଳେ ମୋ ଭଳି ଅରକ୍ଷ ମୃତ୍ୟୁ ମୁଖରେ ପଡେ ନାହିଁ । ପ୍ରାଣୀର ଶରୀର ନଷ୍ଟ ହେଲେ ମଧ ଆତ୍ମାର ବିନାଶ ହୁଏନାହିଁ । ଅଜ୍ଞ ବ୍ୟକ୍ତି ଦେହକୁ ଆତ୍ମା ଓ ବିଶ୍ୱକୁ ପ୍ରକୃତ ଗୃହ ବୋଲି ମନେକରେ । ଦେହର ତୃପ୍ତି ଓ ଅତୃପ୍ତିକୁ ଆତ୍ମାର ତୃପ୍ତି ଅତୃପ୍ତି ମନେକରେ । ଯେପରି ଅଗ୍ନି କାଷ୍ଠ ମଧ୍ୟରେ ଥାଇ ମଧ ତାହାର ଦାହକ ଗୁଣହେତୁ ତାହା କାଷ୍ଠଠାରୁ ପୃଥକ, ଶ୍ୱାସ ପ୍ରଶ୍ୱାସ ରୂପେ ବାୟୁ, ଦେହ ସହିତ ସଂଯୁକ୍ତ ରହି ମଧ ଦେହଠାରୁ ପୃଥକ । ଆକାଶର ଶୂନ୍ୟ, ସମସ୍ତ ପଦାର୍ଥରେ ଅଭିନ୍ନ ଭାବେ ବିଦ୍ୟମାନ ଥାଇ ମଧ କୌଣସି ବସ୍ତୁ ସଙ୍ଗେ ତାହାର ସମ୍ବନ୍ଧ ନଥିବା ଭଳି ଇନ୍ଦ୍ରିୟ ସମ୍ବଳିତ ଶରୀର ସହିତ ଘନିଷ୍ଠ ସମ୍ବନ୍ଧ ଥାଇ ସୁଦ୍ଧା ଆତ୍ମା, ଶରୀରଠାରୁ ପୃଥକ । ଶରୀର ବିନାଶରେ ଆତ୍ମାର ବିନାଶ ହୁଏ ନାହିଁ । ହେ ନାରୀଗଣ, ତୁମେମାନେ କାନ୍ଦିବା ବୃଥା । ତୁମ ସମ୍ମୁଖରେ ପଡିଥିବା ରାଜାଙ୍କ ଏ ଶରୀର ନିଷ୍ପ୍ରାଣ କାରଣରୁ ସେ ଆଉ ଶୁଣିବ ନାହିଁ କି କହିବ ନାହିଁ । ତାକୁ ମଧ ଆଉ ଇହ ଜଗତରେ ଦେଖିବା ସମ୍ଭବ ନୁହେଁ । ଏ ଶରୀରଟି କେବଳ ପୃଥିବୀ ପୃଷ୍ଠରେ ପଡିନାହିଁ ବରଂ ସେଇଥିରେ ସେ ମିଶିଯିବ, ଏଣୁ ଶୋକ କରନାହିଁ । ଏକଦା ଗୋଟିଏ ବଣରେ ପକ୍ଷୀ ଓ ପକ୍ଷିଣୀ ବାସ କରୁଥିଲେ । ଥରେ ଜଣେ ବ୍ୟାଧ ଜାଲରେ ପକ୍ଷିଣୀଟିକୁ ଧରି ନେଲା । ଏହା ଦେଖି ପକ୍ଷୀ ଅତ୍ୟନ୍ତ ବ୍ୟାକୁଳ ହୋଇ କ୍ରନ୍ଦନ କଲା, ମୋର ଦୁଇ ଶାବକଙ୍କର ପକ୍ଷୋଦଗମ ଏ ପର୍ଯ୍ୟନ୍ତ ହୋଇନାହିଁ, ତା'ଛଡା ସ୍ତ୍ରୀ ବ୍ୟତୀତ ମୁଁ କିପରି ବଞ୍ଚିବି କହି କ୍ରନ୍ଦନ କରୁଥିବା ସମୟରେ ବ୍ୟାଧ ଶୋକାକୁଳ ପକ୍ଷିକୁ ଶରବିଦ୍ଧ କରି ମାରି ନେଇଗଲା । ସୁତରାଂ ହେ ନାରୀଗଣ, ତୁମେମାନେ ମୃତ୍ୟୁ ବିଷୟରେ ଚିନ୍ତାକର । ଏଭଳି ବହୁ ବର୍ଷ ଧରି ରୋଦନ କଲେ ମଧ ତୁମର ସ୍ୱାମୀ ଆଉ ଫେରି ଆସିବ ନାହିଁ । ରାଣୀମାନେ ଯମଦେବଙ୍କ ନିକଟରୁ ଏଭଳି କଥା ଶୁଣି ଶୋକ ପରିହାର କଲେ । ହିରଣ୍ୟକଶିପୁ ନିକଟରୁ ଶୁଣି ତାଙ୍କ ପରିବାର ଶୋକ ପରିତ୍ୟାଗ ପୂର୍ବକ ପରମତତ୍ତ୍ୱରେ ମନ ନିବେଶ କଲେ ।

### ୩ୟ ଅଧ୍ୟାୟ

### ।। ହିରଣ୍ୟକଶିପୁର ବରଲାଭ ।।

କ୍ରୋଧରେ ଜଳୁଥିବା ହିରଣ୍ୟକଶିପୁ ଅଜର ଓ ଅମର ଏବଂ ଅଜେୟ ହେବା ପାଇଁ ମନ୍ଦର ପର୍ବତରେ ଏକଶତ ବର୍ଷ ତପସ୍ୟା କରିବାରୁ ତା ଶିରରୁ ତପୋମୟ ଅଗ୍ନି ବାହାରି ଚତୁର୍ଦ୍ଦିଗକୁ ଉତ୍ତପ୍ତ କରିବାରୁ ପୃଥିବୀ ପ୍ରକମ୍ପିତ ହେବା ସହିତ ଗ୍ରହନକ୍ଷତ୍ର ସବୁ ସ୍ଥାନ ପରିବର୍ତ୍ତନ କଲେ । ଦେବତାମାନେ ଅତ୍ୟନ୍ତ ତାପିତ ହୋଇ ବ୍ରହ୍ମଲୋକରେ ପହଞ୍ଚି ବ୍ରହ୍ମାଙ୍କୁ ନିବେଦନ କଲେ , ଏ ଅସୁର ଆପଣଙ୍କ ସମକକ୍ଷ ତପୋବଳରେ ବଳୀୟାନ ହୋଇ ହେବାକୁ ଚାହୁଁଛି । ଏହାକୁ ବର ପ୍ରଦାନ କଲେ ସଂସାରରେ ଘୋର ଅନିଷ୍ଟ କରିବ ତଥାପି ଯାହା କରିବା କଥା କରନ୍ତୁ । ବ୍ରହ୍ମା ତତ୍କ୍ଷଣାତ ମହର୍ଷି ଭୃଗୁ ଓ ଦକ୍ଷ ପ୍ରମୁଖଙ୍କୁ ନେଇ ତପୋବନରେ ଉପସ୍ଥିତ ହୋଇଥିଲେ ହେଁ ହିରଣ୍ୟ ବହୁ ଦିନରୁ ନିଷ୍ଚଳ ତପୋସାଧନା କାରଣରୁ ଉଇହୁଙ୍କାରେ ପରିଣତ ହେବା ସହ ଗୁଳ୍ମଲତାଦି ତାଙ୍କ ଉପରେ ମାଡି ଯାଇଥିଲା । ପିପିଲିକାଦି ତାର ମେଦ, ଚର୍ମାଦି ଭକ୍ଷଣ କରିସାରିଥିଲେ ହେଁ ମେଘାଛାଦିତ ସୂର୍ଯ୍ୟ ଭଳି ସେ ପ୍ରଖର ତାପ ବିତରଣ କରୁଥିଲେ । ବ୍ରହ୍ମା ସହାସ ବଦନରେ କହିଲେ, ହେ କଶ୍ୟପ କୁମର, ତୁମର ତପ ସିଦ୍ଧ ହୋଇଛି, ତୁମ ତପ କଷ୍ଟ ଦେଖି ମୁଁ ବରଦାତା ବ୍ରହ୍ମା ପ୍ରସନ୍ନ ହୋଇ ଏଠାକୁ ଆସିଛି ; ଏଣୁ ବାଞ୍ଛିତ ବର ମାଗ । ଏହା କହି ବ୍ରହ୍ମା କମଣ୍ଡଳରୁ ପାଣି କାଢି ହିରଣ୍ୟ ଉପରେ ଛିଞ୍ଚି ଦେବାରୁ ହିରଣ୍ୟର ସମସ୍ତ ଅବୟବ ପୁନର୍ବାର କଅଁଳିବା ସହ ବଜ୍ର ସଦୃଶ କଠିନ ହୋଇଗଲା । ସେ ଯୁବା ଓ ସୁନ୍ଦର ଶରୀର ଧାରଣ ପୂର୍ବକ ବ୍ରହ୍ମାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲା, ହେ ଶ୍ରେଷ୍ଠ ବରଦାତା, ମୋତେ ଏହି ବର ପ୍ରଦାନ କରନ୍ତୁ ଯେମିତି ଆପଣଙ୍କ ସୃଷ୍ଟିରେ ମତେ କେହି ମାରିପାରିବ ନାହିଁ କି ଗୃହର ଭିତରେ ବାହାରେ, ଦିବସରେ କି ରାତ୍ରିରେ, ଭୂତଳ ବା ଆକାଶରେ ମୋର ମୃତ୍ୟୁ ହେବ ନାହିଁ । କୌଣସି ଅସ୍ତ୍ର ମୋତେ ଭେଦ କରିବ ନାହିଁ । ଦେବ, ଦାନବ, ମନୁଷ୍ୟ କି ପଶୁ ମୋତେ ଅଚେତନ କି ସଚେତନ ବସ୍ତୁ ଦ୍ୱାରା ମାରି ପାରିବେ ନାହିଁ । ମୁଁ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଅଜେୟ ହୋଇ ଅତୁଳ ଐଶ୍ୱର୍ଯ୍ୟ ଭୋଗ କରିବି । ବ୍ରହ୍ମା ସମସ୍ତ ବର ପ୍ରଦାନ କରି ତପସ୍ୟାରୁ ବିରତ କରାଇଲେ । ହିରଣ୍ୟ ଏଥିରେ ନିଜର ମାନବୀୟ ବିଚାର ବୁଦ୍ଧିର ପରିଚୟ ପ୍ରଦାନ କରିଥିଲା ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରଙ୍ଗ

# ଈଶ୍ୱରଙ୍କୁ କଣ ମାଗିବା !!



ଶ୍ୱେତା ରାଉତ୍

ସବୁଦିନ ସୁକି ନାନୀ ପରମା ଜେଜଙ୍କ ଘରକୁ ଆସେ,ଦାଣ୍ଡ ପିଣ୍ଡାରେ ବସି ଦି ପଦ ସୁଖ ଦୁଃଖ ହୋଇ ଘରକୁ ଯାଏ। ସେ ଯିବା ପରେ ଜେଜେ ଭାରି ବିରକ୍ତ ହୋଇ କହି ପକାନ୍ତି ଏଇଟା ଯେତେବେଳେ ଆସିଲା,ଖାଲି ମୁହଁ ଶୁଖାଇ କହିଲା'ମୋ ଜୀବନଟା ଛାଡ଼ି ଯାଆନ୍ତା କି ! ଏ ପୁଅ ବୋହୂଙ୍କ ଗୁଣପଣ ଭଲ ଲାଗୁନି, ଭଲରେ ମୁଠେ ଖାଉଛି ନା ଭଲ ଖଣ୍ଡେ ପିନ୍ଧୁଛି। ମୋର ତ ଫଟା କପାଳ, କେତେ ଲୋକ କେତେ ସୁଖରେ ଅଛନ୍ତି,ମୋର ଭାଗ୍ୟ ଏଡେ ହୀନିମାନ 'କହୁ କହୁ କାନ୍ଦି ପକାଏ ସୁକି ନାନୀ। ଜେଜେ ସୁକି ନାନୀକୁ ସାନ୍ତ୍ୱନା ଦେଇ ତୁନି କରନ୍ତି। ଏମିତି ସବୁଦିନ ସୁକି ନାନୀର ଦୁଃଖ କାହାଣୀ ଶୁଣି ଶୁଣି ପରମା ଜେଜେ ଏତେ ବିରକ୍ତ ହୋଇ ଗଲେ ଯେ, ସୁକି ନାନୀ ଆସିବାର ଜାଣିଲେ ଘର ଭିତରେ ଲୁଚି ଯାଉଥିଲେ। ଆପଣଙ୍କ ସମ୍ମୁଖରେ ଜଣେ ସବୁଦିନ ତାର ଦୁଃଖ ଜଞ୍ଜାଳ କହି ବୁଲିଲେ, ଆପଣ କେତେଦିନ ସାନ୍ତ୍ୱନା ଦେବେ, ସମୟ କ୍ରମେ ଚିଡି ଯିବେ ଓ ଆପଣ ବି ସେଇଆ କରିବେ ଯାହା ପରମା ଜେଜେ କରୁଥିଲେ (ଲୁଚିଯିବେ)।

ଯଦି ସୁକି ନାନୀ ପରି ଲୋକଙ୍କୁ କେହି ସକାଳୁ ସକାଳୁ ଦେଖିଦେଲା ତ ମୁହଁରୁ ବାହାରି ପଡିବ 'ଆଜି ଦିନଟା ବେକାର ଯିବ ଜାଣ, ଗୋଟେ ଅତୃପ୍ତ, ଲୋଭି ମଣିଷ ମୁଁହ ଚାହିଁଲି, ଦିନ ସାରା ଖାଲି ଦୁଃଖରେ କଟିବ'।

ଯଦି କାହାକୁ ଆପଣ ସବୁଦିନ ହସ ହସ ମୁହଁରେ ଦେଖୁଥିବେ, ଯେତେବେଳେ ସେ ବ୍ୟକ୍ତି ସହିତ କଥା ହେବେ ଆପଣଙ୍କୁ ଆନନ୍ଦ ଆସିବ, ଆହୁରି କଥା ହେବାକୁ ଇଚ୍ଛା ହେଉଥିବ, ନିଜ କଥା କହିବା ଅପେକ୍ଷା ଆପଣଙ୍କ କଥା ଅଧିକ ଶୁଣୁଥିବ ଓ ସମ୍ମାନ ଦେଉଥିବ, ସେ ବ୍ୟକ୍ତିକୁ ଆପଣ ସବୁଦିନ ଭେଟିବାକୁ ଚାହିଁବେ। ସେ ଦିନେ ଆପଣଙ୍କୁ ନଭେଟିଲେ ଆପଣ ଖୋଜି ବୁଲିବେ।

ଠିକ୍ ସେମିତି ଅନେକ ଲୋକ ଅଛନ୍ତି କେବେ ବି ନିଜ କର୍ମ ଭଲରେ କରୁନଥିବେ କିନ୍ତୁ ଯେତେବେଳେ ମନ୍ଦିର ଯିବେ, ପ୍ରଭୁଙ୍କ ସମ୍ମୁଖରେ ପହଞ୍ଚୁ ପହଞ୍ଚୁ ଗୁଡ଼ାଏ ଆରୋପ ଲଗାଇବା ଭଳି କହି ପକାଇବେ 'ହେ ପ୍ରଭୁ ତୁ ମୋତେ କେତେ କଷ୍ଟ ଦଉଛୁ, କେତେ ଦହଗଞ୍ଜ କରୁଛୁ, ମୋ ଭାଗ୍ୟରେ କାହିଁକି ଏତେ ଦୁଃଖ ଲେଖିଛୁ, ମତେ କନ୍ଦେଇ ତୋତେ କି ଶାନ୍ତି ମିଳୁଛି' ଏମିତି ଆହୁରି ଅନେକ.... ତା ପରେ ଆରମ୍ଭ ହେବ ଲୋଭର କଥା 'ହେ ପ୍ରଭୁ ମୋ ଘରେ ଧନ ସମ୍ପତି ଭରି ଦେ, ମୋ ପିଲାକୁ ଚାକିରିଟେ କରେଇ ଦେ, ପରୀକ୍ଷାରେ ପାସ୍ କରେଇ ଦେ, ଆମ ଆୟୁଷ ବଢେଇ ଦେ, ମୋତେ ସୁଖ, ଶାନ୍ତି, ସମୃଦ୍ଧି ଦେ, ତୁ ନଦେଲେ ମତେ ଆଉ କିଏ ଦବ'ଏମିତି ଯାହାର ଯାହା ଲୋଭ ମାଗି ପକାନ୍ତି। ଆମେ କର୍ମ କରିବାନି ଈଶ୍ୱର ଫଳ ଦେବେ, ପାଠ ପଢିବାନି ଈଶ୍ୱର ମାର୍କ ଦେବେ,ପରିଶ୍ରମ କରିବାନି ଈଶ୍ୱର ଖାଦ୍ୟ ଦେବେ, ସୁଖ ଶାନ୍ତି ସବୁ ଈଶ୍ୱର କାହିଁକି ଦେବେ ? ଆପଣଙ୍କ ପିଲା ଯଦି ପାଠ ନପଢ଼େ ଆପଣ ରାଗିକି କହି ଦିଅନ୍ତି'ଏତିକି ମାର୍କ ନରଖିଲେ ଘରେ ପଶିବାକୁ ଦେବିନି' ତେବେ ନିଜେ କର୍ମ ନକରି ଈଶ୍ୱରଙ୍କଠୁ କେମିତି ମାଗି ପକାନ୍ତି ସୁଖ ଶାନ୍ତି ? ଆମେ ଯଦି ସବୁବେଳେ ନିଜ ଭାଗ୍ୟକୁ ନିନ୍ଦା କରି ଈଶ୍ୱରଙ୍କ ଉପରେ ଆରୋପ ଲଗାଇବା ତୁ କାହିଁକି ମୋ ସାଥେ ଏମିତି କଲୁ, ସବୁଦିନ କାନ୍ଦି କାନ୍ଦି ଦୁଃଖ କହିବା ଈଶ୍ୱର ବି ଆମ ଉପରେ ପରମା ଜେଜେଙ୍କ ଭଳି ବିରକ୍ତ ହୋଇ କୁଆଡେ ଲୁଚିଯିବେ। ଦ୍ୱାର ଦେଶରେ ଦଣ୍ଡାୟମାନ ଦ୍ୱାରପାଳଙ୍କୁ କହିବେ'ଏଇ ଭକ୍ତଟି ଆସିଲେ ତାକୁ ତଡିଦେବ, ଯିଏ ନିଜେ କୁକର୍ମ କରି ମୋ ଉପରେ ଆରୋପ ଲଗାଇ ମୋତେ ସୁଖ ମାଗୁଛି। ଅନ୍ୟମାନଙ୍କୁ ଦୁଃଖକଷ୍ଟ ଦେଇ ମୋତେ ସୌଭାଗ୍ୟ ମାଗୁଛି'। ଈଶ୍ୱରଙ୍କୁ ଆମେ ଯେବେ ବି ଭେଟୁଛେ କେବେ କଣ ଦୁଇ ହାତ ଟେକି କହୁଛେ 'ହେ ପ୍ରଭୁ ମର୍ତ୍ତ୍ୟରେ ମୋତେ ଯେଉଁ ଦାୟିତ୍ୱ ଦେଇଛ, ତାକୁ ପୁରା କରିବାକୁ ସବୁବେଳେ ମୋର ମାର୍ଗଦର୍ଶନ କରୁଥାଅ। ତୁମେ ସବୁବେଳେ ମୋ ସହିତ ଅଛ, ମୁଁ ଅନୁଭବ କରୁଛି। ତୁମେ ସାଙ୍ଗରେ ଥିଲେ ସୁଖ କଣ ଦୁଃଖ କଣ ସବୁଥିରେ ମୋର ଆନନ୍ଦ। ତୁମେ ଅବତାର ନେଇ କେତେ କଷ୍ଟ ସହିଛ ପ୍ରଭୁ,ସେ ସହିବାର ଶକ୍ତିରୁ ମୋତେ ଟିକେ ଦିଅନ୍ତନି, ମୁଁ ସୌଭାଗ୍ୟ ମଣନ୍ତି। ତୁମ ହସ ହସ ମୁହଁକୁ ଅନୁଭବ କରି ମୋର ପ୍ରାଣ ଚାଲିଯାଉ'। ଥରେ ଏମିତି ହୃଦୟ ବିଗଳିତ ପ୍ରାର୍ଥନା କରନ୍ତୁ ତ ଦେଖିବେ ଈଶ୍ୱର ଆପଣଙ୍କ ନିଜ ଭିତରେ ଅନୁଭୂତ ହେବେ। କିନ୍ତୁ ଭାବ ଶାନ୍ତ, ଶାଶ୍ୱତ ଓ ଅକୃତ୍ରିମ ହେବା ଦରକାର।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଭରସା ଜିତିବାକୁ ୫ଟି ଟିପ୍ସ;
## ସଂପର୍କରେ ଭୁଲ୍ ହେଲେ କ୍ଷମା ମାଗିବା ଜରୁରୀ କି...?



ଏକ ସୁସ୍ଥ, ରୋମାଣ୍ଟିକ ଏବଂ ସୁଖମୟ ଜୀବନ ପାଇଁ ଏକ ସମ୍ପର୍କ ଉପରେ ବିଶ୍ୱାସ ଜରୁରୀ। ତେବେ ଆସନ୍ତୁ ଜାଣିବା ସମ୍ପର୍କ ଉପରେ କାହିଁକି ବିଶ୍ୱାସ ରହିବା ଜରୁରୀ ଏବଂ ଏହାକୁ ହାସଲ କରିବାର ଉପାୟ କ'ଣ ?

ଏକ ସୁଖୀ ଏବଂ ସୁସ୍ଥ ସମ୍ପର୍କର ମୂଳଦୁଆ ହେଉଛି ପରସ୍ପର ଉପରେ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ। ଏହି କାରଣରୁ, ପାର୍ଟନରମାନେ ପରସ୍ପରକୁ ସମ୍ମାନ କରନ୍ତି, ଖୋଲାଖୋଲି ଭାବରେ କଥାବାର୍ତ୍ତା କରନ୍ତି ଏବଂ ପରସ୍ପରଙ୍କୁ ଜଜ୍ କରନ୍ତି ନାହିଁ। ଏକ ସୁସ୍ଥ, ରୋମାଣ୍ଟିକ ଏବଂ ସୁଖମୟ ଜୀବନ ପାଇଁ ଏକ ସମ୍ପର୍କ ଉପରେ ବିଶ୍ୱାସ ଜରୁରୀ। ବିଶ୍ୱାସ ହେଉଛି ଯେକୌଣସି ସମ୍ପର୍କର ମୂଳଦୁଆ ଏବଂ ପରସ୍ପରକୁ ସମର୍ଥନ କରିବା ଏବଂ ଏକ ସୁସ୍ଥ ସମ୍ପର୍କ ପାଇଁ ପ୍ରେରଣା ଏବଂ ସକରାତ୍ମକ ଶକ୍ତି ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିଥାଏ। ଏହି ବିଶ୍ୱାସ ବଢିବା ସହିତ ଦୁଇ ଜଣଙ୍କ ମଧ୍ୟରେ ବୁଝାମଣା ମଧ ବଢିଯାଏ ଏବଂ ସେମାନେ ନିଜ ନିଜ ଦୁନିଆରେ ଖୁସିରେ ଜୀବନଯାପନ କରିବା ଆରମ୍ଭ କରନ୍ତି, ଯାହା ଦୁନିଆର ଅନ୍ୟମାନଙ୍କଠାରୁ ସେମାନଙ୍କୁ ଭିନ୍ନ କରିଦିଏ।

### ଭଲ ଶ୍ରୋତା ହେବା:

ଯଦି ଆପଣ ଏକ ନୂଆ ସମ୍ପର୍କରେ ପ୍ରବେଶ କରୁଛନ୍ତି ଏବଂ ପରସ୍ପରର ବିଶ୍ୱାସ ଜିତିବାକୁ ଚାହୁଁଛନ୍ତି, ତେବେ ସର୍ବପ୍ରଥମେ ଜଣେ ଭଲ ଶ୍ରୋତା ହେବାକୁ ଚେଷ୍ଟା କରନ୍ତୁ ଏବଂ ପାର୍ଟନରଙ୍କ କଥାର ସଠିକ୍ ଉତ୍ତର ଦିଅନ୍ତୁ। ଯେତେବେଳେ ତାଙ୍କର ସବୁ କଥାକୁ ବୁଝିବାକୁ ଚେଷ୍ଟା କରିବେ, ନିଜ ଭିତରେ ବିଶ୍ୱାସ ଆପେ ଆପେ ବଢିଯିବ।

### କ୍ଷମା ମାଗିବା:

ଯଦି କେତେବେଳେ କିଛି ଭୁଲ ହୋଇଯାଏ ତେବେ କ୍ଷମା ମାଗିବା ମଧ ଆପଣଙ୍କ ସମ୍ପର୍କ ଉପରେ ଶକ୍ତି ଏବଂ ବିଶ୍ୱାସ ବଢାଇବାରେ ସାହାଯ୍ୟ କରେ। ଏପରି ପରିସ୍ଥିତିରେ, ଯଦି ଆପଣ ଅନୁଭବ କରୁଛନ୍ତି ଯେ ଆପଣ ଭୁଲ୍ କରିଛନ୍ତି, କ୍ଷମା ମାଗିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଏହା ସମ୍ପର୍କକୁ ମଜବୁତ କରିଥାଏ।

### ଏକାଠି ନିଷ୍ପତ୍ତି ନେବା:

ଯଦି କୌଣସି ନିଷ୍ପତ୍ତି ଉଭୟଙ୍କ ଜୀବନକୁ ପ୍ରଭାବିତ କରୁଥାଏ ତେବେ ସର୍ବଦା ଏକାଠି ହୋଇ ନିଅନ୍ତୁ। ବ୍ୟକ୍ତିଗତ ଭାବରେ କୌଣସି ନିଷ୍ପତ୍ତି ନେବା ଠିକ ନୁହେଁ। ଏହା କରିବା ଦ୍ୱାରା, ଆପଣଙ୍କ ସାଥୀଙ୍କ ଉପରେ ଆପଣଙ୍କ ବିଶ୍ୱାସ ବଢିବ ଏବଂ ଆପଣଙ୍କର ଏକ ଭଲ ସମ୍ପର୍କ ରହିବ।

### ମିଛଠାରୁ ଦୂରେଇ ରହିବା:

ଆପଣଙ୍କ ସାଥୀଙ୍କୁ ଖୁସି କରିବା ପାଇଁ କେବେ ବି ମିଛ କୁହନ୍ତୁ ନାହିଁ। ଯଦି ବି କିଛି କହିବାକୁ ହୁଏ ସେ ବିଷୟରେ ଭଲ ଭାବେ ଜାଣିଲା ପରେ କୁହନ୍ତୁ। ଏହା କରିବା ଦ୍ୱାରା ଆପଣ ଯାହା କହିବେ ଆପଣଙ୍କ ପାର୍ଟନର୍ ତାହା ଉପରେ ବିଶ୍ୱାସ କରିବେ। କେବଳ ଏତିକି ନୁହେଁ, ଏହି ଅଭ୍ୟାସ ହେତୁ ସେ ଅନ୍ୟ ଲୋକଙ୍କ ଅଭିଯୋଗ କିମ୍ବା ଆଲୋଚନାରେ ପ୍ରଭାବିତ ହେବେ ନାହିଁ।

### ପ୍ରତିଶୃତି ରଖିବା:

ଅନେକ ସମୟରେ ଲୋକମାନେ ନିଜ ପାର୍ଟନ ?ଙ୍କୁ ଖୁସି କରିବା ପାଇଁ କିଛି ପ୍ରତିଶୃତି ଦିଅନ୍ତି ଏବଂ ପରେ ସେସବୁ ଭୁଲିଯାଆନ୍ତି। ଏଥିପ୍ରତି ଧ୍ୟାନ ଦେବା ଜରୁରୀ। ଏମିତି କରିବା ଦ୍ୱାରା ସାଥୀଙ୍କ ମନରେ ଅବିଶ୍ୱାସର ଭାବନା ସୃଷ୍ଟି ହେବାକୁ ଲାଗେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଶ୍ୱ ଭୂ-ରାଜନୀତି ବଦଳୁଛି...

ସିରିଆର ରାଷ୍ଟ୍ରପତି ବସାର ଆସାଦ ଦେଶ ଛାଡ଼ି ରୁଷ୍‌କୁ ପଳାୟନ ଓ ସେଠାରେ ଆଶ୍ରୟ ନେବା ପରେ ବିଶ୍ୱ ଭୂ-ରାଜନୀତିରେ ନୂତନ ସମୀକରଣ ସୃଷ୍ଟି ହେବାକୁ ଯାଉଛି। ୟୁକ୍ରେନ୍ ଯୁଦ୍ଧରେ ଲିପ୍ତ ରୁଷ୍ ସିରିଆରୁ ମୁହଁ ଫେରାଇବା ସହିତ ଇସ୍ରାଏଲ୍ ସହିତ ସାମରିକ ଉତ୍ତେଜନା କାରଣରୁ ଇରାନ୍ ମଧ୍ୟ ଆଉ ସିରିଆ ବ୍ୟାପାରରେ ମୁଣ୍ଡ ପୂରାଇବା ସ୍ଥିତିରେ ନାହିଁ। ହେଜବୋଲ୍ଲା କ୍ରମଶଃ ସାମରିକ ଦୃଷ୍ଟିରୁ ଦୁର୍ବଳ ହେବାରେ ଲାଗିଛି। ଏହାର ସୁଯୋଗ ନେଇ ସେଠାରେ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ପୁଣି ସକ୍ରିୟ ହୋଇଥିବା ବେଳେ ତା'କୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ଆମେରିକା ପୁଣି ସାମରିକ କାର୍ଯ୍ୟାନୁଷ୍ଠାନ ଆଳରେ ସିରିଆରେ ନିଜ ଆଧିପତ୍ୟ ବିସ୍ତାର କରିବାର ସମ୍ଭାବନା ଦୃଢ଼ ହେଉଛି। ପରିବର୍ତ୍ତିତ ପରିସ୍ଥିତିରେ ସେଠାରେ ଗୃହଯୁଦ୍ଧର ନେତୃତ୍ୱ ନେଉଥିବା ହାୟାତ୍ ତହରିର ଅଲ୍ ଶାମ୍ କ୍ଷମତାକୁ ଫେରିବ ଏବଂ କ୍ଷମତାରେ ଥିବା ବସାରଙ୍କ ଦଳ ପୁଣି ବିପ୍ଳବୀ ଭୂମିକାରେ ଅବତୀର୍ଣ୍ଣ ହେବେ। ତେଣୁ ନିକଟ ଭବିଷ୍ୟତରେ ସିରିଆ ଗୃହଯୁଦ୍ଧରୁ ମୁକ୍ତି ପାଇବାର ସମ୍ଭାବନା ପ୍ରାୟତଃ ନାହିଁ। ଇସ୍ରାଏଲ୍-ହମାସ ଯୁଦ୍ଧବିରତି ଘୋଷଣା ପରେ ଆଶା କରାଯାଉଥିଲା ଆରବୀୟ ରାଷ୍ଟ୍ର ଓ ମଧ୍ୟପ୍ରାଚ୍ୟରେ ଆପାତତଃ କିଛିମାସ ପାଇଁ ଯୁଦ୍ଧର ଘନଘଟାରୁ ମୁକ୍ତ ହେବ। କିନ୍ତୁ ସିରିଆର କ୍ଷମତା ପରିବର୍ତ୍ତନ ଏହି ଆଶାକୁ ଭିତ୍ତିହୀନ ସାବ୍ୟସ୍ତ କରିଛି। ଗୃହଯୁଦ୍ଧରେ ଗୋଟିଏ ରାଷ୍ଟ୍ର କିଭଳି ଟଳିଟଳାନ୍ତ ହୋଇପାରେ ଏବଂ ମହାଶକ୍ତିମାନଙ୍କର ସରଗରଞ୍ଜରେ ଗୋଟି ସାଜି ନିଜକୁ ବଳି ଦେଇପାରେ ତାହାର ପ୍ରକୃଷ୍ଟ ଉଦାହରଣ ରୂପେ ସିରିଆକୁ ନିଆଯାଇପାରେ। ୨୦୧୧ରେ ଆରବ ସ୍ପ୍ରିଙ୍ଗ ନାମରେ ପରିଚିତ ଟ୍ୟୁନିସିଆ, ଇଜିପ୍ଟ ଓ ଲିବିୟାରୁ ଆରମ୍ଭ ହୋଇଥିବା ବିଦ୍ରୋହର ସ୍ୱର ସିରିଆରେ ପ୍ରତିଧ୍ୱନିତ ହେବା ପରେ ଆସାଦ ଏହାକୁ ଦୃଢ଼ହସ୍ତରେ ଦମନ କରିଥିଲେ। ଫଳସ୍ୱରୂପ ଆମେରିକାର ପ୍ରଚ୍ଛନ୍ନ ପ୍ରରୋଚନାରେ ଗୃହଯୁଦ୍ଧ ଆରମ୍ଭ ହେଲା। ଏଥିରେ ଆସାଦଙ୍କୁ ରୁଷିଆ, ଇରାନ୍ ଓ ହେଜବୋଲ୍ଲା ସମର୍ଥନ କଲେ। ତେଣୁ ଦୁଇ ମହାଶକ୍ତିଙ୍କ ବଳ ପରୀକ୍ଷା କରିବା ପାଇଁ ସିରିଆ ଯୁଦ୍ଧଭୂମି ଭୂମିକାରେ ଅବତୀର୍ଣ୍ଣ ହେଲା। କ୍ରମଶଃ ଏହାର ପ୍ରଭାବ ସମଗ୍ର ବିଶ୍ୱ ଭୂ-ରାଜନୀତିକୁ ବ୍ୟାପିଗଲା। ଏଠାରେ ଗୋଟିଏ କଥା ଲକ୍ଷ୍ୟ କରାଯାଇପାରେ ଯେ କ୍ରମଶଃ ଦକ୍ଷିଣ-ଏସିଆ ଓ ମଧ୍ୟ-ପ୍ରାଚ୍ୟରେ ଅରାଜକତା ଓ ରାଜନୈତିକ ଅସ୍ଥିରତାର ଏକ ଅବାଞ୍ଛିତ ଧାରା ସୃଷ୍ଟି ହୋଇସାରିଛି। ୨୦୨୨ରେ ଶ୍ରୀଲଙ୍କାରୁ ଆରମ୍ଭ ହୋଇଥିବା ଏହି ଧାରାରେ ବାଂଲାଦେଶ ପରେ ଏବେ ସିରିଆ ସାମିଲ୍ ହୋଇଛି ଏବଂ ଆଗାମୀ ଦିନରେ ନେପାଳର ସମ ଦଶା ହେବାକୁ ଯାଉଛି। ଆହୁରି ମଧ୍ୟ ଲକ୍ଷ୍ୟ କରିବାର କଥା ଯେ ଏହା ପଛରେ ଆମେରିକାର ପ୍ରଚ୍ଛନ୍ନ ଓ ପରୋକ୍ଷ ଭୂମିକା ରହିଆସିଛି। ଯେଉଁସବୁ ରାଷ୍ଟ୍ର ଏଭଳି ଅରାଜକତାର ପଙ୍କ ମଧ୍ୟକୁ ଚାଲିଯାଉଛନ୍ତି ସେଠାରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠାକୁ ପ୍ରତିହତ କରିବାର ଷଡ଼ଯନ୍ତ୍ରର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି। ଏହା ଆଦୌ ବିଶ୍ୱ ଭୂ-ରାଜନୀତି ପ୍ରତି ଶୁଭଙ୍କର ନୁହେଁ। ସିରିଆରେ କ୍ଷମତା ପରିବର୍ତ୍ତନ ପରେ ଭାରତ ଉପରେ ଏହାର ପ୍ରଭାବ ବିଷୟକୁ ନେଇ ଆଲୋଚନା ହେଉଛି। ଭାରତ-ସିରିଆ ସମ୍ପର୍କ ୧୯୫୭ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ସିରିଆ ଗସ୍ତରେ ଯିବା ପରେ ସେଠାକାର ରାଜଧାନୀ ଡାମାକସ୍‌ର ପ୍ରସିଦ୍ଧ ଉମେଦ୍ ସ୍କୋୟାରକୁ ଜବାହରଲାଲ୍ ନେହେରୁ ଷ୍ଟ୍ରିଟ୍ ଭାବରେ ନାମିତ କରାଯାଇଥିଲା। ଅପରପକ୍ଷରେ କାଶ୍ମୀର ପ୍ରସଙ୍ଗରେ ଆରବୀୟ ରାଷ୍ଟ୍ରଗୁଡ଼ିକ ପାକିସ୍ତାନକୁ ସମର୍ଥନ କରୁଥିବା ବେଳେ ବସାର ଓ ତାଙ୍କ ପିତା ହାଫେଜ୍ ଭାରତକୁ ସମର୍ଥନ କରିଆସୁଥିଲେ। ୩୭୦ ଧାରା ଉଚ୍ଛେଦକୁ ମଧ୍ୟ ଭାରତର ଆଭ୍ୟନ୍ତରୀଣ ମାମଲା ବୋଲି ସିରିଆ କହିଥିଲା। ସିରିଆରେ ଗୃହଯୁଦ୍ଧ ଚରମ ସୀମାରେ ପହଞ୍ଚିଥିବା ବେଳେ ଭାରତ ତା'ର ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣି ନ ଥିଲା। ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କ ବ୍ୟତୀତ ଭାରତ-ସିରିଆ ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ ରହିଛି। ୨୦୦୩ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସିରିଆ ଗସ୍ତ ଅବସରରେ ସେଠାରେ ଜୈବବୈଷୟିକ ଜ୍ଞାନକୌଶଳ ବିନିମୟ, କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ଓ ଶିକ୍ଷା ଆଦିର ବିକାଶ ପାଇଁ ଦୁଇଦେଶ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଭାରତ ସିରିଆକୁ ୨୫ ନିୟୁତ ଡଲାରର ଋଣ ଓ ୧ ନିୟୁତ ଡଲାରର ଆର୍ଥିକ ସହାୟତା ଯୋଗାଇ ଦେଉଛି। ୨୦୦୮ରେ ବସାରଙ୍କ ଭାରତ ଗସ୍ତ ବେଳେ କୃଷି ଓ ରସାୟନିକ ସାର କ୍ଷେତ୍ରରେ ବୁଝାମଣା ହୋଇଥିଲା। ଭାରତ ସିରିଆକୁ ବସ୍ତ୍ର, ଯନ୍ତ୍ରାଂଶ, ଔଷଧ ରପ୍ତାନି କରୁଥିବା ବେଳେ କପା, ଫସ୍‌ଫେଟ୍ କଞ୍ଚାମାଲ ଆମଦାନୀ କରୁଛି। ତେଣୁ ଏବେ ବସାର ଅଲ ଆସାଦ୍‌ଙ୍କ ପତନ ପରେ ଏହି ଭାରତ-ସିରିଆ ଦ୍ୱିପାକ୍ଷିକ ସମ୍ପର୍କରେ ସେତେଟା ପ୍ରଭାବିତ ହେବ ନାହିଁ ବୋଲି କୂଟନୀତିଜ୍ଞମାନେ ମତ ଦେଉଛନ୍ତି। କିନ୍ତୁ ସେଠାରେ ଏବେ ଇସ୍‌ଲାମୀୟ କଟ୍ଟରପନ୍ଥୀମାନେ କ୍ରମଶଃ ଆତ୍ମପ୍ରକାଶ କରୁଥିବାରୁ ଭାରତ ସତର୍କ ରହିବା ଉଚିତ ବୋଲି ସେମାନଙ୍କ ମତ। ଏବେ ସେଠାରେ ବଡ଼ ଆହ୍ୱାନ ହେଉଛି ଏକ ଆତଙ୍କମୁକ୍ତ ଓ ବିପ୍ଳବୀବିହୀନ ସ୍ଥିର ସରକାର ଗଠନ। ପ୍ରଥମେ ପାଶ୍ଚାତ୍ୟ ଶକ୍ତି ସେଠାରେ ହସ୍ତକ୍ଷେପରୁ କ୍ଷାନ୍ତ ନ ହେବା ଯାଏ ଏହା ପ୍ରାୟତଃ ସମ୍ଭବ ହେବା ପରି ଲାଗୁନାହିଁ। ବିଶେଷକରି ସିରିଆ ଏବେ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ର, ରୁଷିଆ ଆଦିର ସାମରିକ ପ୍ରୟୋଗ କ୍ଷେତ୍ର ହୋଇସାରିଥିବାରୁ ଏଠେ ଶୀଘ୍ର ଶାନ୍ତି ଫେରିବା ସମ୍ଭାବନା ନାହିଁ।

## ମାଣବସା ଗୁରୁବାର



### କାଳି ଦାସ

ମାର୍ଗଶିର ମାସ ଆସିଗଲେ ଓଡିଶାର ପୁର ପଲ୍ଲୀ ସହର ଓ ବଡ ସହର ସବୁ ଆଡ଼େ ଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖରିତ ହୋଇଥାଏ।ଗୁରୁବାର ରେ ଲକ୍ଷ୍ମୀଙ୍କ ପୂଜା ପାଇଁ ଉପଯୋଗୀ ସାମଗ୍ରୀ ଯେମିତି ଗେଣ୍ଡୁ ଫୁଲ, ଆମ୍ବ ଡାଳ ଅଁଳା ଡାଳ ଓ କଦଳୀ ପତ୍ର ସହିତ ପ୍ରସାଦ ପାଇଁ ପ୍ରଯୁଜ୍ୟ ନଡିଆ, କଦଳୀ ଏବଂ ଅନେକ ସାତ୍ତ୍ୱିକ ପରିବାର ବିକ୍ରୀ ଆରମ୍ଭ ହୋଇଥାଏ ।

ପରିବାରର ସମସ୍ତ ସଦସ୍ୟ ଏହି ଉତ୍ସବ ପାଇଁ ତତ୍ପର ହୋଇଯାଇଥାନ୍ତି ଗୋଟିଏ ପିଢି ପରେ ଅନ୍ୟ ପିଢି ଏହି ପୂଜା ବା ପର୍ବକୁ ପାଳନ କରିଆସୁଛନ୍ତି। ଅନ୍ୟ ପର୍ବପର୍ବାଣି ରେ ଆଧୁନିକତାର ଛାପ ଲାଗି ଯାଇଥିବା ବେଳେ ଲକ୍ଷ୍ମୀ ପୂଜା ତାର ପ୍ରାଚୀନ ପରମ୍ପରା ଠାରୁ ବିଛିନ୍ନ ହୋଇ ପାରିନାହିଁ । ଗୁରୁବାର ଓଡିଆଙ୍କୁ ଧରି ରଖି ପାରିଛି ।

ମାର୍ଗଶୀର ମାସର ଗୁରୁବାରରେ ପ୍ରସାଦ ଭିତରକୁ ନୂତନତା ର ସ୍ୱର୍ଶ ଆଜି ଯାଏଁ ଲାଗି ପାରିନି । ପିଠା, ପଣା ଘାଣ୍ଟ ତରକାରି ଖେଚେଡ଼ି, ଶାଗ ଆଦି ମଧ୍ୟ ଘରେ ଘରେ ପ୍ରସ୍ତୁତ କରାଯାଇ ଏବଂ ଲକ୍ଷ୍ମୀଙ୍କୁ ଭୋଗ କରାଯାଉଛି ।

ଓଡିଶାରେ ପ୍ରାୟ ସମସ୍ତେ ମାର୍ଗଶିର ମାସର ଗୁରୁବାରରେ ଲକ୍ଷ୍ମୀ ପୂଜା ପାଳନ କରିଥାନ୍ତି । ଲକ୍ଷ୍ମୀଙ୍କ ପୂଜା ବା ଉପାସନା ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ସମୟରେ କରାଯାଇଥାଏ। ଉତ୍ତର ଭାରତରେ ଦିପାବଳୀରେ ଲକ୍ଷ୍ମୀଙ୍କୁ ପୂଜା କରାଯାଇଥାଏ । ଲକ୍ଷ୍ମୀଙ୍କୁ ଧନ ଏବଂ ସୌଭାଗ୍ୟର ଦେବୀ ବୋଲି ବିଶ୍ୱାସ କରାଯାଏ । ତେଣୁ ପ୍ରତେକ ପରିବାରରେ ଲକ୍ଷ୍ମୀଙ୍କ ଅନୁଗ୍ରହ ପାଇବାପାଇଁ ଲକ୍ଷ୍ମୀ ପୂଜା କରାଯାଇଥାଏ । ମାର୍ଗଶିର ମାସର ଗୁରୁବାରକୁ ମାଣବସା ଗୁରୁବାର ମଧ୍ୟ କୁହାଯାଏ । ଭଗବତ ଗୀତାରେ ଭଗବାନ ଶ୍ରୀ କୃଷ୍ଣ କହିଛନ୍ତି ଯେ ସିଏ ହେଲେ ମାସମାନଙ୍କ ଭିତରେ ମାର୍ଗଶିର ମାସ । ତେଣୁ ସବୁ ମାସ ଭିତରେ ଉତ୍ତମ ମାସ ହେଲା ମାର୍ଗଶିର ମାସ। ଆଗ କାଳ ରେ ମାଣରେ ଲୋକମାନେ ମାପ ଯୁପ କରୁଥିଲେ । ଏହି ଗୁରୁବାର ଦିନ ଲକ୍ଷ୍ମୀଙ୍କ ପାଖରେ ନୂଆ ଧାନକୁ ମାଣରେ ଭର୍ତ୍ତି କରି ପୂଜା କରାଯାଏ । ଓଡିଶା ଗୋଟିଏ କୃଷି



ପ୍ରଧାନ ରାଜ୍ୟ । ଓଡିଶାର ମୁଖ୍ୟ ଫସଲ ହେଲା ଧାନ। ମାର୍ଗଶିର ମାସ ସମୟରେ ଧାନ ଫସଲର ଆମଦାନୀ ହୋଇଥାଏ, ଓଡିଶାର ଲୋକେ ଉତ୍ସାହର ସହ ଲକ୍ଷ୍ମୀ ପୂଜା କରିଥାନ୍ତି। ଧନର ଦେବୀ ମହାଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଚାହିଁଥାନ୍ତି। ମାହାଲକ୍ଷ୍ମୀ ସଫା ସୁତୁରାକୁ ବେଶ ଭଲ ପାଉଥାନ୍ତି ତେଣୁ ଓଡିଆ ଗୃହଣୀ ମାନେ ଘରକୁ ସଫା ସୁତୁରା କରିଥାନ୍ତି । ଲକ୍ଷ୍ମୀ ପାଦ, ପଦ୍ମ ଫୁଲ, ଚିତାକୁ ଲେଖି ଘରକୁ ସଜାଇଥାନ୍ତି। ଘରେ ଘରେ ପିଠା ପଣାର ସୁଅ ଛୁଟେ।

ପଞ୍ଚଦଶ ଓ ଷଷ୍ଠଦଶ ଶତାବ୍ଦୀର ଲେଖକ ବଳରାମ ଦାସଙ୍କ ଦ୍ୱାରା ରଚିତ ଲକ୍ଷ୍ମୀ ପୁରାଣକୁ ଆଧାର କରି ଏହି ଲକ୍ଷ୍ମୀ ପୂଜା କରାଯାଇଥାଏ । ପଞ୍ଚଦଶ ଶତାବ୍ଦୀର ରକ୍ଷଣ ଶିଳ ସମାଜ ଭିତରେ ଏକବିଂଶ ଶତାବ୍ଦୀର ଚିନ୍ତାଧାରା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଆମ ଦେଶର ସ୍ୱାଧୀନତା ସଂଗ୍ରାମର ମାହାନାୟକ ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତାକୁ ଗୋଟିଏ ଅପରାଧ ବୋଲି ମାନିଥିଲେ । କିନ୍ତୁ ଓଡିଶା ରେ ୪୦୦ ବର୍ଷ ଆଗରୁ ଅସ୍ପୃଶ୍ୟତା ବିରୋଧ ରେ ସ୍ୱର ଉଠିଥିଲା ଏବଂ ସେହି ସ୍ୱର ଉଠାଇଥିଲେ ବଳରାମ ଦାସ । କେବଳ ଅସ୍ପୃଶ୍ୟତା ନୁହେ ବରଂ ମହିଳାଙ୍କ ସମ୍ମାନ ପାଇଁ ମଧ୍ୟ ତାଙ୍କର ଲେଖାନିମୁନ ଚାଲିଥିଲା ।


ମହାଲକ୍ଷ୍ମୀ ପୁରାଣର ମୁଖ୍ୟ ନାୟକ ହେଲେ ଜଗନ୍ନାଥ ଓ ନାୟିକା ହେଲେ ସ୍ୱୟଂ ମହାଲକ୍ଷ୍ମୀ। ଏହି ଦୁଇ ଜଣ ହେଲେ ସାଧାରଣ ଓଡିଆ ଘରର ଗୃହସ୍ତ ଏବଂ ଗୃହିଣୀ । ସାଧାରଣ ଓଡିଆ ଘରେ ଗୃହିଣୀ ଯେପରି ରୋଷେଇ କରେ ମହାଲକ୍ଷ୍ମୀ ରୋଷେଇ କରନ୍ତି ସ୍ୱାମୀ ଓ ଦେବଶୁରଙ୍କୁ ଖାଇବାକୁ ଦିଅନ୍ତି । ସ୍ୱାମୀ ଓ ଦେବଶୁରଙ୍କର ଖାଦ୍ୟର ରୁଚି ଉପରେ ତାଙ୍କ ର ଜ୍ଞାନ ଥାଏ । ଜଗନ୍ନାଥ ବଡଭାଇ ବଳରାମଙ୍କର ଆଜ୍ଞାଧୀନ ଛୋଟ ଭାଇ। ମାର୍ଗଶିର ମାସ ଗୁରୁବାରରେ ମହାଲକ୍ଷ୍ମୀ ଜଗନ୍ନାଥଙ୍କ ଠାରୁ ଆଜ୍ଞା ନେଇ ସହର ବୁଲିବାକୁ ଯାଇଥାନ୍ତି । କିନ୍ତୁ ସହର ଓ ଗାଁରେ କୌଣସି ସ୍ଥାନରେ ଲକ୍ଷ୍ମୀଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି ଦେଖିବାକୁ ମିଳିନାହିଁ ଶେଷରେ ଲକ୍ଷ୍ମୀ ଚଣ୍ଡାଳ ସାହିକୁ ଯାଇଛନ୍ତି ଏବଂ ଚଣ୍ଡାଳ ସାହିରେ ଶ୍ରୀଆ ଚଣ୍ଡାଳୁଣୀ ନିଜ ଘରକୁ ସଫା ସୁତରା କରି ଲକ୍ଷ୍ମୀଙ୍କ ପାଦ ଓ ପଦ୍ମର ଚିତା କରିଛନ୍ତି ତାହା ଦେଖି ଲକ୍ଷ୍ମୀ ଚଣ୍ଡାଳୁଣୀ ଉପରେ ଖୁସି ହୋଇଛନ୍ତି ଓ ବର ଦେଇଛନ୍ତି । ଲକ୍ଷ୍ମୀଙ୍କର ଚଣ୍ଡାଳ ଘରକୁ ଯିବା ବଳରାମ ଜାଣିପାରିଲେ। ବଳରାମଙ୍କୁ ତାହା ଭଲ ଲାଗିନାହିଁ । ବଳରାମ ନିଜ ଛୋଟ ଭାଇ ଜଗନ୍ନାଥଙ୍କୁ ଲକ୍ଷ୍ମୀଙ୍କୁ ତ୍ୟାଗ କରିବା ପାଇଁ କହିଛନ୍ତି । ଜଗନ୍ନାଥ ନିଜ ବଡ ଭାଇଙ୍କ ଆଜ୍ଞା କୁ ମାନି ଲକ୍ଷ୍ମୀଙ୍କୁ ବଡଦେଉଳ ଭିତରେ ପଶେଇଦେଲେନାହିଁ । ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ କଥୋପକଥନ ସାଧାରଣ ଓଡିଆ ଘରର ସ୍ୱାମୀ ସ୍ତ୍ରୀଙ୍କ କଥୋପକଥନ ପରି ରହିଛି ସେଇଠି ଦେବତ୍ୱର କୌଣସି ସ୍ଥାନ ନାହିଁ । ଜଗନ୍ନାଥ ବାରମ୍ବାର ଲକ୍ଷ୍ମୀଙ୍କୁ ବଡଦେଉଳ ଛାଡି ଚାଲିଯିବା ପାଇଁ କହିଛନ୍ତି । ଲକ୍ଷ୍ମୀ ଦୁଃଖରେ ଚାଲିଯାଇଛନ୍ତି କିନ୍ତୁ ନାରୀର ସମ୍ମାନ ପାଇଁ ଜଗନ୍ନାଥଙ୍କୁ ଅଭିଶାପ ଦେଇଛନ୍ତି। ଲକ୍ଷ୍ମୀ ଯେଉଁଠୁ ଧନର ଦେବୀ ସିଏ ଜଗନ୍ନାଥଙ୍କ ପାଖରେ ଥିବା ସମସ୍ତ ଧନକୁ ହରିନେଇଛନ୍ତି। ଲକ୍ଷ୍ମୀଙ୍କ ଅଭିଶାପର ଫଳ ସ୍ୱରୂପ ଜଗନ୍ନାଥଙ୍କୁ ୧୨ ବର୍ଷ ଭୋକ ରେ ରହିବାକୁ ପଡିଛି ଏବଂ ଶେଷରେ ଲକ୍ଷ୍ମୀଙ୍କ ଦ୍ୱାର ରେ ହିଁ ତାଙ୍କୁ ଖାଇବାକୁ ମିଳିଛି । ଏହି ପୁରାଣର ମୂଳ ଲକ୍ଷ୍ୟ ଅସ୍ପୃଶ୍ୟତାର ଦୂରିକରଣ। ଦୁଇଟି ଯାକ ସମସ୍ୟାର ସମାଧାନ ଦୀର୍ଘ ୪୦୦ ବର୍ଷ ପୂର୍ବ ରୁ ବଳରାମ ଦାସ ଚିନ୍ତା କରିଥିଲେ । ଜଗନ୍ନାଥଙ୍କ ଆଗରେ ଲକ୍ଷ୍ମୀଙ୍କ ଏହି ଏକ ମାତ୍ର ଦାବି ଥିଲା ଯେ ବଡଦେଉଳରେ ବ୍ରାହ୍ମଣ ଓ ଚଣ୍ଡାଳ ଭିତରେ କୌଣସି ଭେଦ ଭାବ ରହିବ ନାହିଁ । ବ୍ରାହ୍ମଣଙ୍କ ହାତ ରୁ ଚଣ୍ଡାଳ ଛଡେଇ ଖାଇବେ ତାହେଲେ ଲକ୍ଷ୍ମୀ ବଡଦେଉଳକୁ ଯିବେ ଆଜି ମଧ୍ୟ ଏହା ବଡଦେଉଳରେ ପାଳନ କରାଯାଉଛି ।

ଓଡିଶା ରେ ଏମିତି ଏକ ଉନ୍ନତ ଚିନ୍ତା ଧାରା ଦେଖିଲେ ନିଜକୁ ଗୌରବାନ୍ୱିତ ମନେ ହୁଏ । ଆଜି ମଧ୍ୟ ମହିଳା ମାନେ ନିର୍ଯାତିତ ଏବଂ ଅସ୍ପୃଶ୍ୟତା ତାହେଲେ ଆମେ ନିଜକୁ କେଉଁ ଦୁଷ୍ଟିରୁ ଆଧୁନିକ କହିବା ?

ପୂର୍ବ ଓଡିଶାରୁ ପଶ୍ଚିମ ଓଡିଶା ଉତ୍ତର ଓଡିଶାରୁ ଦକ୍ଷିଣ ଓଡିଶା ସବୁ ଘରେ ଲକ୍ଷ୍ମୀ ପୂଜା କରାଯାଏ । ଲକ୍ଷ୍ମୀ ପୁରାଣ ପଢାଯାଏ କିନ୍ତୁ କେତେ ଲୋକ ତାର ତତ୍ତ୍ୱ ବୁଝନ୍ତି କହି ହେବନାହିଁ । ଲେଖକ ବଳରାମ ଦାସ କେଉଁ ଉଦ୍ଦେଶ୍ୟ ନେଇ ଏହି ପୁରାଣ ଲେଖିଥିଲେ ଏବଂ ତାଙ୍କ ଉଦ୍ଦେଶ୍ୟ ପୂରା ହେଉପାରିଛି କି ନାହିଁ କଣ ନାହିଁ ।


ବ୍ରହ୍ମପୁର, ଖୋଡାସିଙ୍ଗ
କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯


## ଆମ ଦେଶ ଇଣ୍ଡିଆ ନା ଭାରତ ?



### ଗୋପାଳ ମହାପାତ୍ର



ଆମ ସମ୍ବିଧାନର ଅନୁଚ୍ଛେଦ ୧(୧) ରେ ଦେଶର ନାମ "ଇଣ୍ଡିଆ ଦ୍ୟାଟଇଜ୍ ଭାରତ" ବୋଲି ଉଲ୍ଲେଖ ରହିଛି। ଏହାର ଅର୍ଥ ହେଉଛି ଆମ ଦେଶର ମୂଳ ପ୍ରାଚୀନ ନାମ "ଭାରତ" କୁ ବିକଳ୍ପ ନାମ ଭାବେ ଉଲ୍ଲେଖ କରାଯାଇଛି। ପରିଶେଷ ସ୍ୱରୂପ ଭାରତର ସମ୍ବିଧାନ "ଇଣ୍ଡିଆର ସମ୍ବିଧାନ" ପାଲଟିଗଲା ଏବଂ ସବୁ ସ୍ଥାନରେ "ଇଣ୍ଡିଆ" ଶବ୍ଦର ପ୍ରୟୋଗ ଏବଂ ପ୍ରଚାର କରାଗଲା। ଆମ ସଂସ୍କୃତି ଏବଂ ସଭ୍ୟତା ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ଅଟେ। ଏପରିକି ଦେଶର ବାସ୍ତବିକ୍ ନାମ ଭାରତବର୍ଷ ଅଟେ। ପୁରାଣ ଏବଂ ଗୀତା ଭଳି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଏବେଶକୁ ଭାରତ ବୋଲି ବର୍ଣ୍ଣନା କରାଯାଇଛି। ଚକ୍ରବର୍ତ୍ତୀ ସମ୍ରାଟ ଭରତଙ୍କ ନାମ ଅନୁସାରେ ଆମ ଦେଶର ନାମ ଭାରତ ହୋଇଛି ବୋଲି ଅନେକଙ୍କ ମତ। ସମ୍ରାଟ ଭରତ ଥିଲେ ରାଜା ଦୁଷ୍ମନ୍ତ ଏବଂ ରାଣୀ ଶକୁନ୍ତଳାଙ୍କ ସୁପୁତ୍ର। ବିଷ୍ଣୁ ପୁରାଣରେ ଆମ ଦେଶର କ୍ଷେତ୍ରୀୟ ସୀମା ବାବଦରେ ଯାହା ଉଲ୍ଲେଖ କରାଯାଇଛି ତଦନୁସାରେ "ଉତ୍ତରଂ ଯତ୍ – ସମୁଦ୍ରସ୍ୟ ହିମଦ୍ରେ ସଚୈବ ଦକ୍ଷିଣମ୍ ବର୍ଷମ୍ ତତ୍ ଭାରତଂ ନାମ ଭାରତୀ ଯତ୍ର ସନ୍ତତି"। ଅର୍ଥାତ୍ ଉତ୍ତରରେ ସମୁଦ୍ର ଏବଂ ଦକ୍ଷିଣରେ ବରଫାବୃତ ପର୍ବତ, ମଧ୍ୟରେ ଯେଉଁ ଦେଶ ରହିଛି ତାକୁ ଭାରତ କୁହାଯାଏ। ମହାଭାରତରେ ଆମର ମାତୃଭୂମୀର ଉଲ୍ଲେଖ ଭାରତବର୍ଷ ଉପରେ କରାଯାଇଛି। ରାଜା ଭରତଙ୍କ ଦ୍ୱାରା ସ୍ଥାପିତ ଏବଂ ଶାସିତ ସାମ୍ରାଜ୍ୟରେ କେବଳ ଯେ ବର୍ତ୍ତମାନର ଭାରତୀୟ ଭୂଭାଗ ଥିଲା ତା ନୁହେଁ ବରଂ ଆଖପାଖର ଅନ୍ୟଦେଶ ବର୍ମା (ବ୍ରହ୍ମଦେଶ), ନେପାଳ, ତିବ୍ବତ, ଆଫଗାନିସ୍ଥାନ, ଉଜବେକିସ୍ଥାନ, ଋଷ, ଚୀନ, ମାଲେସିଆ, ଇଣ୍ଡୋନେସିଆ ଏବଂ ବର୍ତ୍ତମାନର ଭାରତରୁ ବିଭାଜିତ ପାକିସ୍ଥାନ ଓ ବଙ୍ଗଳାଦେଶ ସାମିଲ ଥିଲା।

କୁହାଯାଇପାରେ ଯେ ଭାରତର ବର୍ତ୍ତମାନ ଇଂରାଜୀ ନାମ ଉତ୍ତର ପଶ୍ଚିମର ପବିତ୍ର ନଦୀ ସିନ୍ଧୁରୁ ହିଁ ଆସିଛି। ପାରସୀ ମାନେ ଏହି ନଦୀକୁ ସିନ୍ଧୁ ଭାବେ ଉଚ୍ଚାରଣ ନକରି "ହିନ୍ଦୁ" ବୋଲି ଉଚ୍ଚାରଣ କରୁଥିଲେ ଏବଂ ୟୁନାନୀ "ଇନ୍ଦୁ" ବୋଲି ଉଚ୍ଚାରଣ କରୁଥିଲେ ବୋଲି ଐତିହାସିକ ମାନେ ଉଲ୍ଲେଖ କରିଛନ୍ତି। ରାଜା ଆଲଫ୍ରେଡ୍ ଓରୋସିୟସ ଅନୁବାଦରେ ଭାରତର ଇଂରାଜୀ ନାମର ପ୍ରୟୋଗ କରିଥିଲେ ବୋଲି ୫ମ ଶତାବ୍ଦୀରେ ଲାଟିନରେ ଲେଖାଯାଇଥିବା ବିଶ୍ୱ ଇତିହାସରେ ବର୍ଣ୍ଣିତ ଅଛି। ଏହାପରେ ମୋଗଲ, ଫ୍ରେଞ୍ଚ, ଜେନିସ, ପର୍ତ୍ତୁଗାଲ ମାନେ ଭାରତକୁ ଭିନ୍ନ ଭିନ୍ନ ନାମରେ ନାମିତ (ଉଚ୍ଚାରିତ) କରିଥିଲେ। ମୋଗଲ ମାନେ ହିନ୍ଦୁସ୍ଥାନ କହୁଥିଲେ କିନ୍ତୁ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତ ଆସିବା ପରେ ନାମ ପରିବର୍ତ୍ତନ କରି ଦେଶର ନାମ ଇଣ୍ଡିଆ କରି ଦେଲେ କାରଣ ଇଂରେଜ ମାନେ ଆମକୁ ରାଜା (କିଙ୍ଗ) ଆଲଫ୍ରେଡ୍‌ଙ୍କ ସମୟରୁ ଇଣ୍ଡିଆ ନାମରେ ଜାଣିଥିଲେ। ୧୮୫୮ ମସିହା ଅଗଷ୍ଟ ମାସରେ ଇଷ୍ଟଇଣ୍ଡିଆ କମ୍ପାନୀ ଠାରୁ ଭାରତର ଶାସନର ଦାୟିତ୍ୱ ନେବା ବେଳେ ତତ୍କାଳୀନ ବ୍ରିଟିଶ ସରକାର "ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ ଅଧିନିୟମ" ଗୃହୀତ କରାଇଥିଲେ ଫଳତଃ ଭାରତର ନାମ ସେବେଠାରୁ ଇଣ୍ଡିଆ ହୋଇଯାଇଥିଲା ଓ ଦେଶ ସ୍ୱାଧିନ ହେବା ପରେ ମଧ୍ୟ ଦେଶର ନାମ ଇଣ୍ଡିଆ ରହିଗଲା।

ବ୍ରିଟିଶ ଉପନିବେଶକମାନଙ୍କ ମାନଙ୍କ ଦ୍ୱାରା ଲଦି ଦିଆଯାଇଥିବା "ଇଣ୍ଡିଆ" ନାମ ଗୋଲାମୀର ପ୍ରତୀକ ଅଟେ ଏବଂ ଏହା ଭାରତୀୟ ଲୋକଙ୍କ ଭାବନା, ସ୍ୱାଭିମାନ, ସଂସ୍କୃତି ଏବଂ ସଭ୍ୟତା ଉପରେ ଆଘାତ ନିଶ୍ଚୟ। ସ୍ୱାଧିନତାର ୭୭ ବର୍ଷ ପରେ ମଧ୍ୟ "ଭାରତ" ସ୍ଥାନରେ "ଇଣ୍ଡିଆ" ନାମରେ ଚଳଣି ଜାରି ରହିବା କେବଳ ଯେ ଦୁର୍ଭାଗ୍ୟ ତା ନୁହେଁ ଏହା ଅଲୋକତାନ୍ତ୍ରିକ ଏବଂ ଜନବିରୋଧି ମଧ୍ୟ। କ'ଣ ବିଶ୍ୱମାନଚିତ୍ରରେ "ଭାରତ" ନାମରେ କୌଣସି ଦେଶ ଅଛି? କ'ଣ କେହି ବିଦେଶୀ (ବିଶ୍ୱର ଅନ୍ୟଦେଶର ଲୋକ) "ଭାରତ" ନାମରେ କୌଣସି ଦେଶର ଅସ୍ତିତ୍ୱ ବାବଦରେ ଜାଣିଛନ୍ତି? କ'ଣ ଭାରତ ପରିଭ୍ରମଣରେ ଆସୁଥିବା ବିଦେଶୀ ଜାଣନ୍ତି ଯେ ସେମାନେ "ଭାରତ" ଦେଶରେ ଅଛନ୍ତି? ଭାରତୀୟ ସ୍ୱାଧିନତା ଅଧିନିୟମ ୧୯୪୭ ଅନୁସାରେ "ଇଣ୍ଡିଆ" ତ ସ୍ୱାଧିନ ହୋଇଗଲା ହେଲେ ମହାନ "ଭାରତ" ନାମରେ ଅସ୍ତିତ୍ୱ ହଜିଗଲା। ଯେଉଁ ଦେଶ ମାନେ ସ୍ୱାଧିନ ହେବା ପରେ ତାଙ୍କର ମୂଳ ନାମ ପୁନଃ ସ୍ଥାପିତ କରିଛନ୍ତି ସେମାନେ ହେଲେ ଶ୍ରୀଲଙ୍କା, ସୁରିନାମ, ଘାନା, ଜାମ୍ବିଆ, ଜିମ୍ବାୱେ ଆଦି ଦେଶ। ସ୍ୱାଧିନତା ପୂର୍ବରୁ ଶ୍ରୀଲଙ୍କାର ନାମ ଥିଲା ସିଲୋନ କିନ୍ତୁ ସ୍ୱାଧିନତା ପରେ ହେଲା ଶ୍ରୀଲଙ୍କା। ଡ଼ଚ୍ ଗୁଆନାର ନାମ ସୁରିନାମ, ଗୋଲ୍ଡକୋଷ୍ଟରୁ ଘାନା, ଉତ୍ତର ରୋଡ଼େସିଆରୁ ଜାମ୍ବିଆ ଏବଂ ଦକ୍ଷିଣ ରୋଡ଼େସିଆ ସ୍ୱାଧିନତା ପରେ ଜିମ୍ବାୱେ ହୋଇଥିଲା। ଜାମ୍ବିଆର ସ୍ୱାଧିନ ହେଲା ପରେ ତାର ନାମ ତାଞ୍ଜାନିଆ ଏବଂ ଫାରସର ନାମ ଇରାନ୍, ମେସୋପଟାମିଆର ଇରାକ୍, ଫର୍ମାସା ସ୍ୱାଧିନ ହେବା ପରେ ତାଇୱାନ ହେଲା। ସ୍ୟାମ ହେଲା ଥାଇଲାଣ୍ଡ, ବର୍ମା ହେଲା ମ୍ୟାମାର, ହଲାଣ୍ଡ ହେଲା ନେଦରଲାଣ୍ଡ, ଦକ୍ଷିଣ ପଶ୍ଚିମ ଆଫ୍ରିକା ହେଲା ନାମିଆ।

ଆମ ଦେଶରେ ଅନେକ ସହରର ନାମକୁ ବଦଳାଯାଇଛି। ବମ୍ବେକୁ ମୁମ୍ବାଇ, କଲକତାକୁ କୋଲକତା, ମାଡ୍ରାସକୁ ଚେନ୍ନାଇ, ବେଙ୍ଗାଲୋରକୁ ବେଙ୍ଗାଲୁର, ଆଲହାବାଦ କୁ ପ୍ରୟାଗରାଜ, ଗୁଡ଼ଗାଓଁକୁ ଗୁରୁଗ୍ରାମ, ପଣ୍ଡିଚେରୀକୁ ପୁଡୁଚେରୀ, ବରୋଦାକୁ ବଡ଼ଦୋରା, ତ୍ରିଭେନ୍ଦ୍ରମ୍ କୁ ଥିରୁଅନନ୍ତପୁରମ ଓ୍ୟାଲଟିୟରକୁ ବିଶାଖାପାଟଣା, ତାଞ୍ଜୋର କୁଞ୍ଜାବୁର, କନୟୋରକୁ କାନପୁର, କାଲିକଟକୁ କୋଝିକୋଡ଼, କ୍ୟାପ କମେରିନକୁ କନ୍ୟାକୁମାରୀ, ମୋଗଲସରାଇକୁ ଦୀନଦୟାଲ ନଗର, ଓ ହୋସଙ୍ଗାବାଦକୁ ନର୍ମଦାପୁରମ୍ ଭଳି ଆହୁରି ଅନେକ ସହର ଅଛି ଯାହାର ନାମ ପରିବର୍ତ୍ତନ କରାଯାଇଛି। ୨୦୧୧ରେ ଓଡ଼ିଶା ରାଜ୍ୟର ନାମ ପରିବର୍ତ୍ତନ କରାଯାଇ ଓଡ଼ିଶା କରାଯାଇଥିଲା। କେନ୍ଦ୍ର ସରକାର ଏବେ ଆହୁରି ଅନେକ ସହରର ନାମ ପରିବର୍ତ୍ତନ କରିବାକୁ ଯାଉଛନ୍ତି। କେବଳ ଏତିକି ନୁହେଁ ଅନେକ ଗାଁ, ଜିଲ୍ଲା, ରେଲଷ୍ଟେସନ, ସଂସ୍ଥାନ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ନାମ ମଧ୍ୟ ପରିବର୍ତ୍ତନ କରାଯାଇଛି। ସ୍ୱାଧିନତା ପ୍ରାପ୍ତିର ୭୫ ବର୍ଷ ପୂରା ହେବା ପରେ "ଆଜାଦୀ ବା ଅମୃତ ମହୋତ୍ସବ" ପାଳନ କରାଯାଉଛି। ଏହି ଅବସରରେ ସଂସଦରେ ସମ୍ବିଧାନର ଅନୁଚ୍ଛେଦ ୧(୧)ରେ ସଂଶୋଧାନ କରାଯାଇ ଦେଶର ନାମ "ଇଣ୍ଡିଆ ଦ୍ୟାଟ ଇଜ ଭାରତ" ପରିବର୍ତ୍ତେ "ଭାରତବର୍ଷ ଦ୍ୟାଟ ଇଜ ଭାରତ" ଅଥବା କେବଳ "ଭାରତ" କରାଯିବା ପାଇଁ ସରକାର ଉଦ୍ୟମ କରିବା ଆବଶ୍ୟକ। ଫଳତଃ ଏଭ ମହାନ ଦେଶର ଇଂରାଜୀ ନାମ ଇଣ୍ଡିଆ ସ୍ଥାନରେ ନିଜର ମୂଳ ପ୍ରାଚୀନ ନାମ ଭାରତ ଭାବେ ପରିଚିତ ହୋଇ ପାରିବ।



ରାମଚନ୍ଦ୍ରପୁର, ରଣପୁର
ମୋ :-୯୪୩୮୪୮୫୦୯୪





### ଆସ ମା' ପଦ୍ମଜା...

ରାମଚନ୍ଦ୍ର ବେହେରା



ମଗୁଶିର ଶେଷ ଗୁରୁବାର ଆଜି
ଆସ ଆସ ମା' ପଦ୍ମଜା
ତୁମ ଆଗମନେ ପଲ୍ଲୀ ସହର
ଘରେ ଘରେ ସାଜସଜା।
ତୁମ ପାଦ ଚିହ୍ନ ପଦ୍ମଁ ଚିତାରେ
ହସୁଛି ଘର ଅଗଣା
ଝୁଣା ଧୂପ ସହ କର୍ପୂର ଆଳତୀ
ଭରିଛି ଭକ୍ତି ଭାବନା।
ଭକ୍ତିପୂତ ଚିତ୍ତେ ସର୍ବେ ପାଳୁଛନ୍ତି
ତବ ମାଣବସା ବ୍ରତ
ତୁମ ଶୁଭାଶିଷେ ବୈଭବର ଆଶେ
ସଂସାର ଆଜି ଆଶ୍ରିତ।
ଗେଣ୍ଡୁ ପଦ୍ମଁର ଅପୂର୍ବ ସଜାରେ
ହେବ ତୁମ ଆଗମନୀ
ସୁଶୋଭିତ ମାଣ ତୁମ ଅପେକ୍ଷାରେ
ଆସ ସାଗର ଦୁଲଣୀ।
ଶୁକ୍ଳ ଧାନବେଣୀ ଗୁଆ ଓ କଦଳୀ
ଆଖୁ ମୂଳା ପୁଷ୍ପ ଆଣି
ଛିଟ କପଡ଼ାରେ ନବବଧୂ ରୂପେ
ସଜେଇ ଦେବେ ଗୃହିଣୀ।
ସମର୍ପଣ ଭାବ ହୃଦୟରେ ଭରି
ଆଶାର ପ୍ରଦୀପ ଜାଳି
ସୁଖ ଶାନ୍ତି ପାଇଁ ପୂଜିବେ ତୁମକୁ
ବିନମ୍ର ପ୍ରଣତି ଢାଳି।
ତୁମେ ପରାଣ୍ଡର ଆଶୀର୍ବାଦ ଦେବ
ଧନର ବରଷା ହେବ
ଦୁଃଖ ଦାରିଦ୍ର୍ୟତା ଦୂରେ ଛୁଟିଯିବ
ସୁଖ ଶାନ୍ତି ବିରାଜିବ।
ତୁମ ଆଗମନେ ଏ ପୁଣ୍ୟ ଉତ୍କଳେ
ଶୁଭେ ଶଙ୍ଖ ହୁଳହୁଳି
ଆସ ମା' ବରଦା ବାଣ୍ଟ ସ୍ନେହ ଶ୍ରଦ୍ଧା
ଏତିକି ମୋହର ଅଳି।


ଚେଙ୍ଗୁଡିପଦା, ଜଗତସିଂହପୁର
ମୋ-୭୩୫୫୬୭୩୪୩୬


### ବୋଉର ମଗୁଶିର ମାଣ


ପୁଷ୍ପାଞ୍ଜଳି ପଣ୍ଡା



କନକ ତିଆରି
ଧାନଧାନର ଶିଂସାରେ
ବେଣୀ ହବ
ଆଗାଡି, ମାରା ଧାନ,
କଳାଧାନ ବାଛି
ଠାକୁର ଘରେ ରଖିବ
କେହି ଛୁଇଁ ଦେଲେ
ହେବନାହିଁ।
ଆଖୁ,ମୂଳା ,କଦଳୀ
ଗେଣ୍ଡୁଫୁଲ, ଝୋରିଶ ଫୁଲ
ଦୁବ, ବରକୋଳି ପତ୍ର
ଆୟଡ଼ାଳ
ସଜାଇ ରଖି ସାରିବା ପରେ
ସମୟ ମିଳିଲେ
ଚିତା ଲେଖି
ଗୁରୁବାର ମାଣ ଖଟୁଲି ସଜାଡ଼ିବା
କାହିଁକି, କେମିତି
ଖଟୁଲିରେ ମା ଲକ୍ଷ୍ମୀଙ୍କୁ ବସାଇ
ଧନବାନ ହେବାର
ବିଶ୍ୱାସ ଏମିତି ବଢିଯାଏ ବୋଉର
ଜାଣିପାରିନି ଏଯାଏ...!!
ଏବେ ଘରେ ଘରେ ପୁରେ ପୁରେ
ମଗୁଶିର ମାଣ ।
ବିଶ୍ୱାସ କମ
ଦେଖାଣିଆ ବେଶି ଭାଗରେ
ମା ଲକ୍ଷ୍ମୀଙ୍କୁ ଦେଖୁଛି
ବୋଉ ବେଶି ମନେପଡୁଛି।

ଉତ୍କୃଷ୍ଟ କଳାର କଳାକାର
ଧନ ସମ୍ପଦର ହକଦାର
ସୁନାର ରୁପାର ବେଦୀ ରେ ବସି
ସଂସାର କରେ,
ନିଜ ଭାଗ୍ୟ ଟେକିଦିଏ
ତୃତୀୟ ଅଦୃଶ୍ୟ ଇଶ୍ୱର ହାତରେ।
ଧର୍ମ ବିଶ୍ୱାସ ରେ
ଏବେବି ଚାଣ୍ଡାଳ ଅଛୁଆଁ
ଏବେବି ଏଉଠି ଅନେକ ଶ୍ରୀଆ..!!
ଝିଅ ବାହା ହେଇଯାଇ ଅଛୁଆଁ
ମାଣ ଭୋଗ
ଲକ୍ଷ୍ମୀ ପ୍ରସାଦ
ଅପ୍ରାପ୍ୟ ତାକୁ।
ଉତ୍ତର ଖୋଜୁଛି ଝିଅ
କାହିଁକି .. ଏମିତି ...
ବୋଉର ମଗୁଶିର ମାଣ।


କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୬୫୬୩



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୪୬



ଡ.ସିନ୍ଧୁ ସେନ୍

କୌଣସି ଦ୍ୱିଧା ନରଖି ପଚାରିଲି । ତୁମେ କ'ଣ ବିବାହିତା ? କାହିଁ ଏଠି ତ ଆଉ କାହାକୁ ଦେଖିବାକୁ ପାଉନି । ସେ କିନ୍ତୁ ବେଶ୍ ରୋକ୍‌ଠୋକ୍ ଭାବେ କହିଲେ ଏ ପର୍ଯ୍ୟନ୍ତ ମୁଁ ବିବହ କରିନି ତେବେ ମୋର ପିତା ବିଷ୍ଣୁଙ୍କୁ ଜାମାତା ରୂପେ ମନେମନେ ବରଣ କରି ସାରିଛନ୍ତି । ମୁଁ ତେଣୁ ବିଷ୍ଣୁଙ୍କୁ ପତିରୂପେ ପାଇବା ପାଇଁ ଏ ଆଶ୍ରମରେ ରହି ତପସ୍ୟା କରୁଛି ।

କି ଆଶ୍ଚର୍ଯ୍ୟ ବିଷ୍ଣୁଙ୍କ ଭିନ୍ନ ଅନ୍ୟ ପୁରୁଷ କ'ଣ କେହି ନାହାନ୍ତି ? ଜାଣିଶୁଣି କୋମଳ ତନୁକୁ ଏତେ କଷ୍ଟ ଦେଉଛ କ'ଣ ପାଇଁ ?

ସନ୍ନ୍ୟାସିନୀ ଏଥର ଖୁବ୍ କ୍ରୋଧିତ ହୋଇ ଉଠିଲେ । କ'ଣ କହିବାକୁ ଚାହୁଁଛନ୍ତି ଆପଣ । ବିଷ୍ଣୁ ତ ପୁରୁଷୋତ୍ତମ । ତାଙ୍କ ଅପେକ୍ଷା ଅଧିକ ମହତ୍ତର କେହି ପୁରୁଷ କ'ଣ ତ୍ରିଭୁବନରେ ଥାଇପାରନ୍ତି ? କିଏ କହିଲା, ମୋତେ ଦେଖ ମୁଁ ନିଜେ ଲଙ୍କାଧିପତି ରାବଣ । ବ୍ରହ୍ମାଙ୍କ ବଳରେ ବଳୀୟାନ୍ । ବିଶ୍ୱବିଜୟୀର ବର ପାଇଛି । ମୁଁ ତୁମକୁ ପତ୍ନୀ ରୂପେ ବରଣ କରିବାକୁ ଚାହେଁ ।

ସନ୍ନ୍ୟାସିନୀଙ୍କ ମୁଖମଣ୍ଡଳ କ୍ରୋଧରେ ରକ୍ତିମ ହୋଇ ଉଠିଲା । ବିଷ୍ଣୁ ନିନ୍ଦା ତାଙ୍କ ପାଇଁ ଅସହ୍ୟ । ଅତିଶୟ କ୍ରୋଧରେ ସେ ଭୀଷଣ ଉତ୍ତେଜିତ ହୋଇଉଠିଲେ । ଆପଣ ହୋଇପାରନ୍ତି ଲଙ୍କାର ରାଜା । କାହାର ବର ଦ୍ୱାରା ଶକ୍ତିମାନ ବିଷ୍ଣୁ ସେ ଯେ ସ୍ୱୟଂସଂପୂର୍ଣ୍ଣ । ବିଷ୍ଣୁଭଙ୍କ ସହ ନିଜକୁ ତୁଳନା କରିବାର ଆପଣଙ୍କର ସାହସ ହେଲା କେମିତି ? ଆପଣଙ୍କ ଅହଂକାର ଅଜ୍ଞତା ପ୍ରମାଣ କରିଦେଉଛି ଯେ, ଆପଣ କେତେ ଶକ୍ତିହୀନ, ଦୁର୍ବଳ ।

ସନ୍ନ୍ୟାସିନୀର ତାଚ୍ଛଲ୍ୟଭରା ହସରେ ମୋର ତନୁମନରେ ସଞ୍ଚରି ଯାଉଥିଲା କ୍ରୋଧାଗ୍ନି । ପୂର୍ବରୁ ମୋତେ କେହି କେବେ ଏମିତି ଅପମାନ ଜନକ କଥା କହି ନଥିଲେ । ତେବେ, ସନ୍ନ୍ୟାସିନୀର ଅହଂକାର ତ କମ୍ ନୁହେଁ । ନା ନା ତାକୁ ଉଚିତ ଶିକ୍ଷା ଦେବାକୁ ପଡ଼ିବ । ସେ ଜାଣେନି ରାବଣର ବଳବୀର୍ଯ୍ୟ କେତେ ଲଙ୍କେଶଙ୍କ ପକ୍ଷରେ ଏଭଳି ଅପମାନ ଅସହ୍ୟ । କ୍ରୋଧରେ ମୁଁ ଅନ୍ଧପାଲଟି ଯାଇଥିଲି । ଭୁଲି ଯାଇଥିଲି ସନ୍ନ୍ୟାସିନୀର ଆତିଥେୟତାକୁ, ବଳପୂର୍ବକ ଅପହରଣ ଉଦ୍ଦେଶ୍ୟରେ ତାଙ୍କୁ ଧରିବା ପାଇଁ ଉଦ୍ୟତ ହେଲି । ଏମିତି ଆକସ୍ମିକ ଆକ୍ରମଣ ପାଇଁ ସେ ପ୍ରସ୍ତୁତ ନଥିଲେ । ମୋ ଠାରୁ ନିଜର ସୁରକ୍ଷା ପାଇଁ ସେ ବେଶ୍ ଦମ୍ଭର ସହ କହିଲେ । ମୋତେ ରକ୍ଷା କରିବାପାଇଁ କାହାରି ସହାୟତା ମୋର ଲୋଡ଼ା ନାହିଁ । ସତୀନାରୀ ନିଜକୁ ନିଜେ ହିଁ ରକ୍ଷା କରିପାରେ । ଏହାକହି ଅଗ୍ନିରେ ଆତ୍ମବିସର୍ଜନ କରିବା ଉଦ୍ଦେଶ୍ୟରେ ଯଜ୍ଞକାଷ୍ଠରେ ଅଗ୍ନିସଂଯୋଗ କଲେ । ବିସ୍ଫାରିତ ନୟନରେ ମୁଁ କେବଳ ଅନାଇ ରହିଥିଲି । ସନ୍ନ୍ୟାସିନୀଙ୍କ ଶରୀରରୁ ନିର୍ଗତ ହେଉଥିବା ଯୋଗାଗ୍ନିରେ ସେ ପୋଡ଼ି ହୋଇ ଯାଉଥିଲେ । ସେହି ଅଗ୍ନିଶିଖା ମଧ୍ୟରୁ ଚିତ୍କାର କରି କହୁଥିଲେ ରେ ପାପିଷ୍ଠ, ତୋରି ପାଇଁ ମୋର ମୃତ୍ୟୁ ହେଲା । ତେଣୁ ତୋତେ ମଧ୍ୟ ଅଭିଶାପ ଦେଉଛି । ପରଜନ୍ମରେ ମୁଁ ତୋ ମୃତ୍ୟୁର କାରଣ ହେବି ।

ହଁ ଦୀର୍ଘବର୍ଷ ପରେ ତେବେ ବେଦମତୀ କ'ଣ ସୀତା ରୂପରେ ଜନ୍ମ ନେଇଚି ? ନହେଲେ ଏକାରୂପ, ଏକା ଚେହେରା, ଏତେ ସାମଞ୍ଜସ୍ୟ କେମିତି ସମ୍ଭବ ? ମୁଁ ଯେତେଯେତେ ଅନାଇ ରହିଥିଲି ମୋ ଆଖି ସାମ୍ନାରେ ସୀତା ବେଦମତୀ ହୋଇ ଯାଉଥିଲେ ଆଉ ବେଦମତୀ ସୀତା ଭାବିଲି ସୀତାଦେବୀ ତେବେ ମୋରି ମୃତ୍ୟୁ ଦୂତ ହୋଇ ଉଭା ହୋଇଛନ୍ତି । ଯେଉଁ ଅଭିଶାପର ବୋଝକୁ ମୁଁ ଏତେଦିନ ଧରି ମୁଣ୍ଡାଇ ଆସିଥିଲି ଏବେ ସେ ମୋ ସମ୍ମୁଖରେ ଉପନୀତ ସ୍ୱୟଂମ୍ବର ସଭାର ସେଇ ସୀତାଦେବୀଙ୍କୁ ମୁଁ କେବଳ ଏକଲୟରେ ଅନାଇ ରହିଥିଲି । ସତରେ ପ୍ରତ୍ୟେକ ନାରୀ ମାତୃଜାତିର ପ୍ରତିମୂର୍ତ୍ତି ମୋ ସମ୍ମୁଖରେ ନାରୀ ଜଣକ ସୀତା ହୁଅନ୍ତୁ କି ବେଦମତୀ, ସେ ତ ମାତୃଜାତିର ମୁଁ ସେଇ ସୀତାମାତାଙ୍କୁ ମନେମନେ ପ୍ରଣାମ କରୁଥିଲି । ମୋତେ କ୍ଷମା କରିଦିଅ । ସେଦିନର ଭୁଲ୍ ପାଇଁ ଏ ପାପୀ ରାବଣ ତୁମଠାରୁ କ୍ଷମାପ୍ରାର୍ଥୀ । କିନ୍ତୁ ସୀତାଦେବୀ ଯେ ରାମଙ୍କ ନିକଟରେ ଦଣ୍ଡାୟମାନ ।

ରାମ କ'ଣ ତେବେ ବିଷ୍ଣୁଙ୍କ ଅବତାର । ସେଦିନର ବେଦମତୀର ତପସ୍ୟା ତେବେ କ'ଣ ଏ ଜନ୍ମରେ ପୂରଣ ହୋଇଯାଇଛି ।

ଏବେ ମଧ୍ୟ ଜୀବନର ଅନ୍ତିମ ଲଗ୍ନରେ ସେ ସବୁକଥା ମନକୁ ଆସୁଛି । ବେଦମତୀର ଅଭିଶାପ ଫଳିଛି । ସୀତାଦେବୀଙ୍କୁ ଅପହରଣ କରି ଆଣିବା ପରଠାରୁ ମୁଁ ତ ମୋ ମୃତ୍ୟୁକୁ ସଂଗରେ ନେଇ ଆସିଥିଲି । ସୀତାଦେବୀଙ୍କ ପାଇଁ ତ ରାମଚନ୍ଦ୍ର ଆଜି ମୋ ସମ୍ମୁଖରେ । ଏ ତ ମୋର ଅଭିଶାକ ନୁହେଁ । ବରଂ ସୌଭାଗ୍ୟ, ଜନକନନ୍ଦିନୀ ମାଆ ସୀତାଙ୍କୁ ଆଶୀର୍ବାଦ । ମୋର ଭାଗ୍ୟ, ଶେଷ ନିଃଶ୍ୱାସ ଚାଲିଥିବା ପର୍ଯ୍ୟନ୍ତ ମୁଁ ସୀତାରାମଙ୍କ ନାମ ଜପ କରିପାରୁଛି । ରାମଙ୍କୁ ଦର୍ଶନ କରି ପାରୁଛି । ରାମଙ୍କ ଭିତରେ ଦେଖୁଛି ସୀତାଙ୍କୁ ।

॥ ଏକୋଇଶ ॥

ବୈଶାଖ ମାସ । ଅସହ୍ୟ ହୋଇ ଉଠୁଥିଲା ଗ୍ରୀଷ୍ମର ଉତ୍ତାପ । ସୂର୍ଯ୍ୟଙ୍କ କିରଣ କ୍ରମଶଃ ପ୍ରଖର ହେଉଥିଲା । ରାତି ଠାରୁ ଦିନଟା ଥିଲା ବେଶି କଷ୍ଟକର । ଖାଲି କ'ଣ ଆମ ପାଇଁ, ଗଛ ବୃଛ ଆକାଶ, ବତାସ ସବୁ ଉତ୍ତପ୍ତ । ଧୂଧୂ ମରୁବାଲିର ତାତି । ଲଙ୍କାରେ ଏଇ ଋତୁଟା ହିଁ ବେଶି କଟ୍‌କେର । ରାତି ହେଲେ କିଛିଟା ଆଶ୍ୱାସନା ମିଳେ ।

ସ୍ୱୟଂମ୍ବର ସଭାରୁ ଫେରିବା ପରେ ମୁଁ ଅନେକ ଭାଂଗି ପଡ଼ିଥିଲି । ମନରେ ଅନେକ ଗ୍ଲାନିର ତିକ୍ତତା । ହେବାଟା ମଧ୍ୟ ସ୍ୱାଭାବିକ କାରଣ ଯିଏ ଜୀବନରେ ପରାଜୟ କ'ଣ ଜାଣି ନଥିଲା, ତାର ପୁଣି ଏଭଳି ଲଜ୍ଜାକର ପରାଜୟ । ବାସ୍ତବରେ ସେଠାରେ ତ ମୋରି ଭଳି ଆହୁରି ଅନେକ ରାଜା, ମହାରାଜା ପରାଜୟ ବରଣ କରି ଫେରି ଯାଇଥିଲେ । ଅଥଚ ମୁଁ କାହିଁକି ପରାଜୟ ଗ୍ଲାନିରେ ମ୍ରିୟମାଣ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫


# ଆଧ୍ୟାତ୍ମବାଦ ଓ ମାନବଧର୍ମ



ଡ଼ଃ.ଅରୁନ୍ଧତୀ ଦେବୀ

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ରହିଛି - 'ଦୁଃଖୁ ଯେ ପରିତ୍ରାଣ କରେ, ସଙ୍କଟୁ ପ୍ରାଣୀଙ୍କୁ ଉଦ୍ଧାରେ । ଯେ ରହେ ପର ଉପକାରେ, ଧନ୍ୟ ଜୀବନ ତା ସଂସାରେ । ମହତେ ଯାହା ଆଚରିବେ, ଇତରେ ତାହାହିଁ କରିବେ । ସେ ଯାହା ପ୍ରମାଣ କରିବେ, ଲୋକେ ସେ ପଥେ ପ୍ରବର୍ତ୍ତିବେ । ସେମଦରଶୀ ଯାର ଚିତ୍ତ, ତାହାର ନାହିଁ ଶତ୍ରୁ ମିତ୍ର । ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ ।।' ଜୀବନରେ ମହତ୍ ବ୍ୟକ୍ତିର ଆଚରଣ ଓ ମାନବୀୟତାକୁ ନେଇ ଏହି ଅମୂଲ୍ୟ ପଂକ୍ତି ଆଜିର ମାନବ ସମାଜ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ । ଯେଉଁ ମଣିଷ ଆଧ୍ୟାତ୍ମବାଦ ଗ୍ରହଣ କରେ ତା ହୃଦୟରେ ପରମଶକ୍ତି ବିରାଜନ୍ତି । ଏ ଭଳି ମଣିଷ ବର୍ଣ୍ଣ-ଭେଦ, ରୂପ-ରଙ୍ଗ ଦେଖେନାହିଁ । ତାହାକୁ କେବଳ ଆତ୍ମା ମାତ୍ର ଦୃଶ୍ୟ ହୁଏ ଏବଂ ସେ ବିବିଧ ଧର୍ମର ଉର୍ଦ୍ଧ୍ୱକୁ ଯାଇ, କେବଳ ମାନବଧର୍ମ ଗ୍ରହଣ କରେ । ସକଳ ପ୍ରାଣୀଙ୍କୁ ଶ୍ରଦ୍ଧା କରିବା ମାନବଧର୍ମ । ମାନବଧର୍ମୀ, ପିମ୍ପୁଡ଼ି, ଚାଣ୍ଡାଳ, ହାତୀ ଓ ମନୁଷ୍ୟ ଭିତରେ ଅସାମଞ୍ଜସ୍ୟ ଦେଖେ ନାହିଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖେ । ଆଜିର ବିପର୍ଯ୍ୟସ୍ତ ସମାଜକୁ କେବଳ ଆଧ୍ୟାତ୍ମବାଦ ଦ୍ୱାରା ସଜଡ଼ାଯାଇପାରେ । ମହୁମାଛି, ବିଭିନ୍ନ ପ୍ରକାରର ଫୁଲ ଉପରେ ବସି ରସ ଓ ପରାଗ ଗ୍ରହଣ କରେ ଏବଂ ମହୁ ତିଆରି କରେ । ଠିକ୍ ସେହି ପରି ବିନା ଭେଦ ଭାବରେ ବିଭିନ୍ନ ଫୁଲ ରୂପୀ ସମସ୍ତ ଧର୍ମର ସାର ଗ୍ରହଣ କରିବା ହେଉଛି, ଆଧ୍ୟାତ୍ମବାଦ । ଏହାର ପ୍ରସାର କରିବା ମାନବର ଧର୍ମ । ଏହା ସନ୍ଥମାନେ କହିଛନ୍ତି ସବୁ ଶାସ୍ତ୍ରରେ ଲେଖାଯାଇଛି । ଏହା ଅନାଦିକାଳରୁ ମାନବ ସହ ଅଛି । ଏହା ହିଁ



ମାନବର ସହଜାତ ସ୍ୱରୂପ ଓ ସ୍ୱଭାବ । ଏହାକୁ ବୁଝିବା, ଧାରଣ କରିବା ହେଉଛି ଆତ୍ମଜ୍ଞାନ । ଆଉ ଜୀବନରେ ପ୍ରକଟ କରିବା ମାନବଧର୍ମ ।

ସର୍ବଦା ସତ୍‌କାର୍ଯ୍ୟ କରିବା ପାଇଁ ମାନବର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ହେଉଛି ଧର୍ମ ।' ମାନବିକ ଇଚ୍ଛାଶକ୍ତିର ତ୍ରୁଟିହୀନ ଅନୁଶୀଳନ ମାଧ୍ୟମରେ ସଦାଚାରର ସାଧନ ସମ୍ଭବ । ସଦାଚାର, ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ଅପରିହାର୍ଯ୍ୟ ଅଙ୍ଗ । ସତ୍‌କର୍ମରେ ମାନବର ଇଛା ବା ଅଭିରୁଚି ଅନୁବର୍ତ୍ତୀ ହୋଇ କାର୍ଯ୍ୟ କରିବାକୁ ଏହା ବୁଝାଇଥାଏ । ଭାରତୀୟ ଭାବଧାରାରେ ଧର୍ମ ଏକାଧାରରେ ସମସ୍ତ ଶାରୀରିକ, ନୈତିକ, ସାମାଜିକ, ଧାର୍ମିକ ଓ ଆଧ୍ୟାତ୍ମିକ କର୍ତ୍ତବ୍ୟ ଓ ବାଧ୍ୟତାମୂଳକ ଦାୟିତ୍ୱକୁ ବୁଝାଏ । 'ମାନବର ସମସ୍ତ ଆବେଗର ସଂଘର୍ଷ ଓ ଦ୍ୱନ୍ଦ୍ୱର ସମାଧାନ ହେଲା ଶାନ୍ତିର ମୌଳିକ ଭାବ' । ମଣିଷର କାମନାଗୁଡ଼ିକ ତାର ମନରୂପକ ହ୍ରଦର ନିଷ୍ଚଳ ଜଳ ଉପରେ ଆଲୋଡ଼ନ ଘଟାଇ ନାନା ପ୍ରକାରର ଅସ୍ଥିରତା ସୃଷ୍ଟି କରିଥାଏ । କାମନାରହିତ ମନ ତା'ର ଶାନ୍ତି ଅବସ୍ଥା ଫେରି ପାଇଥାଏ । ଯେତେବେଳେ ମଣିଷର ମନରେ ସ୍ଥାୟୀ ସ୍ଥିରତା ବା ପ୍ରଶାନ୍ତି ଥାଏ ସେତେବେଳେ ସେ ଚିରସ୍ଥାୟୀ ଶାନ୍ତି ପାଇପାରେ; କେବଳ ପ୍ରଶାନ୍ତ ମନରେ ହିଁ ଜ୍ଞାନଲୋକ ଉଦିତ ହୋଇପାରିବ । ଏହି ପରମ ଶାନ୍ତି ହିଁ ଆନନ୍ଦ । ପରମ ଶାନ୍ତି ଲାଭ କରିବା ପାଇଁ ମଣିଷକୁ ସହନଶୀଳତା ଅନୁଶୀଳନ କରିବାକୁ ହେବ, ଦୁଃଖ ଓ ସୁଖ ଉଭୟକୁ ସମାନ ଭାବରେ ଗ୍ରହଣ କରିବାକୁ ହେବ, ଯେପରି ତାହା ମନର ଭାରସାମ୍ୟକୁ ଦୋହଲାଇ ନଦିଏ, ଜୀବାତ୍ମାର ଶକ୍ତି ତଥା ନିୟତିର ରକ୍ଷାକାରୀ କ୍ଷମତା ଉପରେ ଯେପରି ଅଟଳ ଆସ୍ଥା ରହେ ସେଥିପାଇଁ ଅଭ୍ୟାସ କରିବାକୁ ହେବ, ଜାଗତିକ ଆସକ୍ତି, ଅଧିକରୁ ଅଧିକ ପରିହାର କରି ଭଗବାନଙ୍କ ପ୍ରତି ଆସକ୍ତି ଅଧିକରୁ ଅଧିକ ବଢ଼ାଇବାକୁ ହେବ ଏବଂ ପ୍ରତ୍ୟହ ଭଗବାନଙ୍କୁ ଧ୍ୟାନ ଧାରଣା କରିବାକୁ ହେବ । ଏହି ସମସ୍ତ କାର୍ଯ୍ୟ କରିବା ଦ୍ୱାରା ଜଣେ ବ୍ୟକ୍ତି ନିଶ୍ଚୟ ପରମ ଶାନ୍ତି ଲାଭ କରିପାରିବ । ଯେତେବେଳେ ସଦା ଭଗବତ୍ ପ୍ରେମାସକ୍ତ ବ୍ୟକ୍ତିର ହୃଦୟ ସମଗ୍ର ମାନବ ଜାତିର ଭ୍ରାତୃତ୍ୱ ଓ ସମସ୍ତ ଜୀବମାନଙ୍କର ଜ୍ଞାତିତ୍ୱ ବିଷୟକ ସତ୍ୟକୁ ଉପଲବ୍ଧି କରେ, ସେତେବେଳେ ଏହା 'ପ୍ରେମ' ପଦବାଚ୍ୟ ହୁଏ । ଆତ୍ମାର ସଂପୂର୍ଣ୍ଣ ପ୍ରସ୍ଫୁଟନ ଏବଂ ଅଦ୍ୱୈତ ଭାବାବସ୍ଥାର ପ୍ରାପ୍ତି ତଥା ସର୍ବଜୀବରେ ଏକତ୍ୱ ଓ ଐକ୍ୟବୋଧରୁ ଅହିଂସାର ସୃଷ୍ଟି । ସୃଷ୍ଟିର ସମସ୍ତ ଜୀବ ସହ ନିଜର ଐକ୍ୟ ଅନୁଭୂତିର ସ୍ତର ହେଲା ଅହିଂସା । ଆଧ୍ୟାତ୍ମିକ ସଚେତନତାରୁ ଏହାର ଜନ୍ମ; ଜାଗ୍ରତ ଜୀବାତ୍ମାର ଏହା ଗୁଣ ଓ ଲକ୍ଷଣ । ସୃଷ୍ଟିର ସମସ୍ତ ଅଣୁ ପରମାଣୁରେ ସର୍ବ ପ୍ରାଣରେ, ସର୍ବ ବସ୍ତୁରେ ଓ ସର୍ବତ୍ର ଏହା ଭଗବତ୍ ସତ୍ତା ଦର୍ଶନ କରେ । ଏହିପରି ସଚେତନ ଆତ୍ମା, ଅନ୍ୟ ଯେ କୌଣସି ଜୀବ ଓ ପ୍ରାଣୀର ସୁଖ ଓ ଦୁଃଖକୁ ନିଜର ବୋଲି ଅନୁଭବ କରେ । ଏତାଦୃଶ ବ୍ୟକ୍ତି ନିଜର ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ବିଭିନ୍ନତା ଅନୁଭବ କରେନାହିଁ ।


+ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,

ମୋ : ୯୯୩୭୧୭୨୮୧୦



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୭୧ ॥

କଶ୍ୟପଙ୍କ ଭୁବନ ମଧ୍ୟରେ ସମସ୍ତ ମାତାଙ୍କ ପରେ କେବଳ ଦିତି ଓ ଅଦିତି ଦୁଇ ରାଜ ବଂଶୀୟ । ପତ୍ନୀ ମାନଙ୍କର ହିଁ ଅଧିକ ଗୁରୁତ୍ୱ ଥିଲା । ଅନ୍ୟ ପତ୍ନୀ ମାନେ କେହି ବା ଦିତି, କେହି ବା ଅଦିତିଙ୍କ ସପକ୍ଷରେ ଥିଲେ । ସୁରଭି ଙ୍କର ସନ୍ତାନ ମାନେ ତୃଣ ଭୂମି ଅନ୍ୱେଷଣ କରୁଥିଲେ । ସରମାଙ୍କ ସନ୍ତାନମାନେ ମାଂସ,ସରୀସୃପ ମାନେ ଜୀବ ଓ ପକ୍ଷୀମାନେ କ୍ରୋଧବଶାଙ୍କ ସହ ପୋକ,ଜୋକ ଓ ଫଳ ଅନ୍ୱେଷଣରେ ବାହାରି ଯାଉଥିଲେ । (ହୁଏତ ଜୀବ, ଜନ୍ତୁ ମାନଙ୍କୁ ଜନ୍ମ ଦେଇଥିବା କଶ୍ୟପଙ୍କର ପତ୍ନୀମାନେ କେବଳ ଜୀବ, ଜନ୍ତୁ ହିଁ ଥିଲେ । ଭାଗବତ ରେ ସେମାନଙ୍କ ବିଷୟରେ ବିଶେଷ କିଛି ଲେଖାନାହିଁ । ସେମାନେ ଯିବା ପରେ ପତ୍ନୀ ମାନେ ପାନ, ଭୋଜନ, ଗନ୍ଧର୍ବୀ ଓ କିନ୍ନକ୍ଷରୀଙ୍କ ଶିକ୍ଷା ମଣ୍ଡପ ରେ ସଙ୍ଗୀତ, ନୃତ୍ୟ ଆଦି ଉପଭୋଗରେ ସମୟ ବିତାଉଥିଲେ । ସନ୍ଧ୍ୟା ପରେ ସେମାନେ ତତ୍ତ୍ୱାବଧାରକ ମାନଙ୍କ ସହ ଗୃହକୁ ଫେରିବାପରେ ପୁଣି ସେମାନଙ୍କର ଯତ୍ନ ନେଉଥିଲେ । ଦନୁ, ଦିତି, ସୁରସାଙ୍କ ଭବନରୁ ଭାସି ଆସୁ ଥିଲା ସେମାନେ ଶିକାର କରି ଆଣିଥିବା ମାଂସ ଓ ମତ୍ସ୍ୟ ପୋଡ଼ା ବା ରନ୍ଧା ସହ ମଦିରାର ବାସ୍ନା । କେହି ବା ଉଚ୍ଚ ପର୍ବତ ମାନଙ୍କରେ କାଷ୍ଠର ଆଶ୍ରୟ ଶାଳା, କୃଷି ଉପକରଣ ମାନ ନିର୍ମାଣ କରାଉ ଥିଲେ, କେହି ବସ୍ତ୍ର ବୟନ ଶିକ୍ଷା ଦେଉ ଥିଲେ, କେହି ଉପବନ ବା କୃଷି କ୍ଷେତ୍ରରେ ଥିଲେ । ସମସ୍ତେ କଶ୍ୟପଙ୍କ ନିର୍ଦ୍ଦେଶରେ ହିଁ ସଜାଗ ସେନା ବାହିନୀ ପରି ଆସନ୍ତା ପ୍ରଳୟକୁ ସମ୍ମୁଖୀନ ହେବା ପାଇଁ ଅପେକ୍ଷାରେ ଥିଲେ । ତାଙ୍କ ଭବନରେ ନିରନ୍ତର ଆନନ୍ଦ ଓ ସୁଖ ଲାଗି ରହିଥିଲା । କାହା ମନରେ ଦୁଃଶ୍ଚିନ୍ତା ବା ଦୁଃଖ ନଥିଲା ।

କଶ୍ୟପଙ୍କ ନିକଟରେ କେହି ମଧ୍ୟ ନଥିଲେ । କଶ୍ୟପ ଏବଂ ଅଦିତି ସାତ୍ତ୍ୱିକ ଆହାର କରୁଥିଲେ । ସ୍ୱାମୀଙ୍କୁ ଖାଦ୍ୟ ପରିବେଷଣ କଲା ପରେ ସ୍ୱୟଂ ଅଦିତି ତାଙ୍କ ନିକଟରେ ବ୍ୟଜନ ହସ୍ତରେ ପତଙ୍ଗ ମାନଙ୍କୁ ଘଉଡ଼ାଇ ଦେଉଥିଲେ । କଶ୍ୟପଙ୍କର ଭୋଜନ ପରେ ଅବଶିଷ୍ଟ ବଳକା ଫଳକୁ ସେହି ପତ୍ର ଉପରେ ସେ ନିଜେ ପରମ ତୃପ୍ତିରେ ଆହାର କରୁଥିଲେ । ସେତେବେଳେ ସ୍ୱାମୀତ୍ୱର ଅନୁଭବରେ କଶ୍ୟପ ଗୌରବାନ୍ୱିତ ହେଉଥିଲେ । ଏହାପରେ କଶ୍ୟପଙ୍କର ବିରାଟ ବିଜ୍ଞାନ ଶାଳାରେ ନୂତନ ନୂତନ ସୃଷ୍ଟିପାଇଁ ସେ ଗବେଷଣା ରତ ରହୁଥିଲେ । ଏହି ସମୟ ମଧ୍ୟରେ ବାହାର ପାର୍ଶ୍ୱର ଉଟଜରେ ସମିଧରେ ଅଗ୍ନି ସଂଯୋଗ କରି ଅଦିତି ମାଟି ପାତ୍ରରେ ସାତ୍ତ୍ୱିକ ଯବ, ତଣ୍ଡୁଳ, ଗହମର ରୁଟି,ଅନ୍ନ ଓ ଶାକ, ବ୍ୟଞ୍ଜନ ଆଦି ରନ୍ଧନ କରୁଥିଲେ । ବିଜ୍ଞାନ ଶାଳାରେ ଗବେଷଣା ଶେଷ କରି ଅପରାହ୍ନରେ ପ୍ରତ୍ୟାବର୍ତ୍ତନ କରୁଥିଲେ କଶ୍ୟପ । ତାଙ୍କ ପ୍ରତ୍ୟହ ଗବେଷଣାର ସୂଚୀ ଅଦିତିଙ୍କୁ ହିଁ ପ୍ରସ୍ତୁତ କରିବାକୁ ପଡୁଥିଲା । ତାଙ୍କର ସନ୍ତାନମାନେ ସମସ୍ତେ ଖାଦ୍ୟ ସଂଗ୍ରହ କାର୍ଯ୍ୟରେ ତମାମ ଦିନ ବ୍ୟୟ କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ସନ୍ତାନ ଆଶ୍ରମ ଉପବନକୁ ନଫେରି ନିକଟବର୍ତ୍ତୀ କାନନକୁ ଚାଲି ଯାଇ ଥିଲେ । ସେମାନେ ଏହି ସମସ୍ତ କାର୍ଯ୍ୟକୁ ଅଚିନ୍ତା ରେ ଓ ପ୍ରାକୃତିକ ଭାବେ କରୁଥିଲେ । ସେ ପର୍ଯ୍ୟନ୍ତ ମାନବ ବା ଦାନବ ମାନେ ତାଙ୍କଠାରୁ ଜନ୍ମ ହୋଇ ନଥିଲେ । କଶ୍ୟପ ଅପରାହ୍ନରେ ପ୍ରତ୍ୟାବର୍ତ୍ତନ କରି ଭୋଜନ ଶେଷ କରିବା ସହିତ ଭବନର ସମସ୍ତେ ନିଜ ଭୋଜନ ଶେଷ କରୁଥିଲେ । ଏହାପରେ ଆଚମନ ସାରି ସେ ଯଜ୍ଞ ବେଦୀ ନିକଟକୁ ଆସୁଥିଲେ । ପୂର୍ବରୁ ସମିଧ, ଘୃତାଦି ସଜାଡ଼ି ରଖୁଥିଲେ ଅଦିତି । ସନ୍ଧ୍ୟା ବେଳକୁ ଭବନର ପ୍ରତି କକ୍ଷରେ ଘୃତ, ପୋଲାଙ୍ଗ ବା କରଞ୍ଜ ତେଲର ଦୀପ ଜଳି ଉଠୁଥିଲା । ସେହି ଦୀପ ଜ୍ୟୋତି ନିକଟରେ ସମସ୍ତେ ପ୍ରାର୍ଥନା କରୁଥିଲେ । କଶ୍ୟପଙ୍କର ହୃଦୟ ଓ ମସ୍ତିଷ୍କ ସହିତ ଏକାକାର ସ୍ୱପ୍ନ ପ୍ରତିମା ଅଦିତି । ଈର୍ଷା ଓ ଅସୂୟା ହୀନ ହୃଦୟରେ ଭବନରେ ସମସ୍ତଙ୍କ ତତ୍ତ୍ୱାବଧାନ କରୁଥିଲେ, ସମସ୍ତଙ୍କ ସେବା ଓ ଯତ୍ନ ନେଉଥିଲେ । କିନ୍ତୁ ସ୍ୱାମୀଙ୍କୁ କେବେ ତାଙ୍କ ସହ ବାର୍ତ୍ତାଳାପ କରିବାର ସୁଯୋଗ ଦେଉନଥିଲେ । ଦିନେ, ଦିନେ ଭୋଜନ ପରଷିବା ସମୟରେ ସେ ଅଦିତିଙ୍କୁ ସ୍ପର୍ଶ କରିବାକୁ ହାତ ବଢ଼ାଉଥିଲେ । କିନ୍ତୁ ଅଦିତି ଖୁବ୍ ଚତୁରତାର ସହିତ ତାଙ୍କ ନିକଟରୁ ଅନ୍ୟ କାର୍ଯ୍ୟ ରେ ଚଞ୍ଚଳ ଗତି ରେ ଚାଲି ଯାଉଥିଲେ । କେବେ ଅବା ମୃଦ୍ୟୁ ଧିକ୍କାର କରି କହୁଥିଲେ 'ଛିଃ, ଆପଣ କଣ ନିଜର ପ୍ରତିଜ୍ଞା କଥା ଭୁଲି ଗଲେ ? ପତ୍ନୀ କେବଳ ପୁରୁଷର ଉପଭୋଗ୍ୟା ନୁହେଁ । ସେ ପୁରୁଷର ସହକର୍ମିଣୀ, ସହ ଧର୍ମିଣୀ ସହ ଯାତ୍ରିଣୀ ଓ ସହ ମର୍ମିଣୀ ଅଟେ । ଆପଣଙ୍କ ସହିତ ବିବାହ ସମୟରେ ଋତ୍ୱିକ ଯେଉଁ ମନ୍ତ୍ର ଉଚ୍ଚାରଣ କରୁଥିଲେ ତାହା କଣ ଆପଣଙ୍କର ସ୍ମରଣ ନାହିଁ ? ହଁ, ସେ କହିଥିଲେ ପିତୃ ଦେବ ଭବଃ, ମାତୃଦେବୀ ଭବଃ । ଇତର ପ୍ରାଣୀ ମାନଙ୍କ ଭଳି କେବଳ ମୈଥୁନ ଓ ପ୍ରଜନନ ଆମର ଉଦ୍ଦେଶ୍ୟ ନୁହେଁ । ବିବାହ ପରେ ଜଣେ ନାରୀ ପୁରୁଷର ପରିବାର ପିତା,ମାତା, ଭାଇ,ଭଗ୍ନୀ , ବନ୍ଧୁ ଓ କୁଟୁମ୍ବଙ୍କ ସହିତ ଏକ ଆତ୍ମୀୟତାର ବନ୍ଧନରେ ବାନ୍ଧି ହୋଇଯାଏ । ସେମାନଙ୍କ ପ୍ରତି କର୍ତ୍ତବ୍ୟ କରି ସେ ସ୍ୱାମୀକୁ ସନ୍ତୋଷ କରେ । ସ୍ୱାମୀର ବଂଶ ପରମ୍ପରା କ୍ରମେ ଚଳୁଥିବା ସଂସ୍କୃତି, ଆଚାର, ବ୍ୟବହାର ଓ ଅନୁଷ୍ଠାନ ମାନଙ୍କୁ ଆପଣାର କରି ଗ୍ରହଣ କରେ । ସ୍ୱାମୀର ଦୁଃଖ ଓ ସୁଖରେ ସମ ଭାଗିନୀ ହୁଏ । ସର୍ବୋପରି ସ୍ୱାମୀଙ୍କ ଔରସରେ ଦେବୋପମ ଆଦର୍ଶ ସନ୍ତାନ ମାନଙ୍କୁ ଜନ୍ମ ଦେଇ ନିଜର ମାତୃତ୍ୱକୁ ସାର୍ଥକ କରେ । ଆପଣ କଣ ଜାଣନ୍ତି ନାହଁ ଯେ, ଦିବସ ବା ସନ୍ଧ୍ୟା ସମୟ ନାରୀ ସଙ୍ଗ ପାଇଁ ନିଷିଦ୍ଧ ଲଗ୍ନ ଅଟେ ? ନିଷିଦ୍ଧ ସମୟରେ ଗର୍ଭ ଧାରଣ କଲେ କୁସନ୍ତାନ ମାନେ ଜନ୍ମ ହୁଅନ୍ତି ? ସର୍ବୋପରି ଆପଣ ଜଣେ ସାଧାରଣ ମାନବ ନୁହନ୍ତି । ପ୍ରଜା ପତି ବ୍ରହ୍ମାଙ୍କ ଦ୍ୱାରା ଆପଣ ପ୍ରଜା ସୃଷ୍ଟି ପାଇଁ ଆଦିଷ୍ଟ ହୋଇଛନ୍ତି । ବର୍ତ୍ତମାନ ହେଉଛି ଆପଣଙ୍କ ଗବେଷଣାର ସମୟ । ପୃଥିବୀରେ ବିବିଧ ବୃକ୍ଷଲତା ଓ ଜୀବଜନ୍ତୁ ମାନଙ୍କୁ ସୃଷ୍ଟି କରିବା ପାଇଁ ବ୍ରହ୍ମା ଆପଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମେ ନିଜର କାର୍ଯ୍ୟ ଓ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । ଆପଣ ସାଧାରଣ ମଣିଷ ମାନଙ୍କ ସହ ସମାନ ନୁହନ୍ତି । ସ୍ମରଣ ରଖନ୍ତୁ ଯେ, ଆପଣ ଜଣେ ପ୍ରଜାପତି ଓ ବୈଜ୍ଞାନିକ ଅଟନ୍ତି । ସମଗ୍ର ବିଶ୍ୱର ମଙ୍ଗଳ ପାଇଁ ଆପଣଙ୍କର ସର୍ଜନା ହିଁ ସାହାଯ୍ୟ କରିବ ଏବଂ ଆପଣଙ୍କ କାର୍ଯ୍ୟର ସହାୟତା ପାଇଁ ମୁଁ ସର୍ବଦା ଆପଣଙ୍କ ନିକଟରେ ଛାୟା ପରି ଉପସ୍ଥିତଅଛି ।' ଏହାପରେ ଅଦିତି ଯୋଗ କକ୍ଷକୁ ଚାଲି ଯାଉଥିଲେ ।


ଅଦିତିଙ୍କର ଏହି ନିଷେଧ ହିଁ କଶ୍ୟପ ଙ୍କର ତାଙ୍କ ସହ ବାର୍ତ୍ତାଳାପ ଓ ମିଳିତ ହେବାର ଇଚ୍ଛାକୁ ବଳ ବତ୍ତର କରି ଦେଉଥିଲା । ଯଜ୍ଞ ପରେ ଉଭୟ ଅଦିତି ଓ କାଶ୍ୟପ ନିଜ, ନିଜ କକ୍ଷକୁ ଯାଇ ଯୋଗାସନରେ ବସି ଯାଉଥିଲେ । କଶ୍ୟପ ଜାଣିଥିଲେ, ଅଦିତି ମଧ୍ୟ ପ୍ରତିଦିନ ଯୋଗ ଅଭ୍ୟାସ କରନ୍ତି । ତାଙ୍କୁ ନିଜର ଦକ୍ଷତା ଜଣାଇବା ପାଇଁ ସେ ଦିନେ ବିଳମ୍ବିତ ରାତ୍ରୀରେ ଯାଇ ତାଙ୍କ କକ୍ଷରେ ଉପସ୍ଥିତ ହୋଇଗଲେ । କଶ୍ୟପ ନିଜ ଆତ୍ମା ସହ ସ୍ୱରୂପ ଧରି ଅଦିତିଙ୍କ ସମ୍ମୁଖରେ ମୃଗ ଚର୍ମର କୋମଳ ଆସନରେ ବସି ହସୁଥିଲେ । ଅଦିତି ଆଶ୍ଚର୍ଯ୍ୟ ଓ ଲଜ୍ଜିତ ହୋଇ ପ୍ରଶ୍ନ କଲେ,'ଆପଣ ଏଠାକୁ, ମୋ କକ୍ଷକୁ କାହିଁକି ଆସିଲେ ?'

' ତୁମ ସହିତ ମୋର କିଛି ବାର୍ତ୍ତାଳାପ କରିବାର ଅଛି ଅଦିତି । ଯାହା ଶୁଣିଲେ ତୁମେ ବିଶ୍ୱାସ କରି ପାରିବ ନାହିଁ । ତେଣୁ ମୁଁ କେବଳ ମୋର ଆତ୍ମା ସହ ଏଠାରେ ଉପସ୍ଥିତ ଅଛି । ଏହାର କୌଣସି ପ୍ରମାଣ ନାହିଁ । ତୁମେ ଜାଣ ଯେ, ତୁମଠାରୁ ଦଶ ଜଣ ଆଦିତ୍ୟ ପୁତ୍ର ଜନ୍ମ ହେବେ । ତୁମେ ଜାଣ କି ଏହି ଆଦିତ୍ୟ ମାନେ କିଏ ? କେଉଁ ମାନେ ତୁମର ପୁତ୍ର ରୂପେ ଜନ୍ମ ହେବେ ତାହା ଜାଣିବାର ଆଗ୍ରହ କଣ ତୁମର ନାହିଁ ? ............. ? ସେ କୋଟି, କୋଟି ବର୍ଷ ତଳର କଥା । ମହାକାଶର ଆଦିମ ଅନ୍ଧକାର ଓ ଶୂନ୍ୟତା ମଧ୍ୟରେ ମହତ୍ ବିକାରର ତରଙ୍ଗ ମାନ ସୃଷ୍ଟି ହେଲା ।.....

ଅଦିତି ଆଗ୍ରହରେ ଉତ୍କର୍ଣ୍ଣ ହୋଇ ଉଠିଲେ । ବାସ୍ତବରେ ସେ ଜନ୍ମ ଦେବାକୁ ଯାଉଥିବା ଆଦିତ୍ୟ ମାନେ କିଏ ???


+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ବିଷ୍ଣୁକାନ୍ତ ଶାସ୍ତ୍ରୀ ରଚନା-ସଂଚୟନ' ପୁସ୍ତକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉନ୍ମୋଚିତ




ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧/୧୨ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ମଙ୍ଗଳବାର ନୂଆଦିଲ୍ଲୀର ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିବା ମହାନ ଶିକ୍ଷାବିତ୍ ତଥା ହିନ୍ଦୀ ସାହିତ୍ୟିକ ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ଉପରେ କେନ୍ଦ୍ରୀତ ପୁସ୍ତକ 'ବିଷ୍ଣୁକାନ୍ତ ଶାସ୍ତ୍ରୀ ରଚନା-ସଂଚୟନ' ଉନ୍ମୋଚିତ ହୋଇଯାଇଛି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରସିଦ୍ଧ ଲେଖକ ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ମହାନ ବ୍ୟକ୍ତିତ୍ୱ ଓ ଚିନ୍ତାଧାରାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଦିଗରେ ସାହିତ୍ୟ ଏକାଡେମୀର ଏହି ପୁସ୍ତକ ଏକ ସାର୍ଥକ ପ୍ରୟାସ ଏବଂ ତାଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ଅଟେ । ଜଣେ ପ୍ରକୃତ ଦେଶଭକ୍ତ, କର୍ମଠ ନେତା ଏବଂ ଜଣେ ପ୍ରଖ୍ୟାତ ବିଦ୍ୱାନ ଭାବରେ ବିଷ୍ଣୁକାନ୍ତ ଶାସ୍ତ୍ରୀ ଭାରତରେ ସାଂସ୍କୃତିକ ଜାତୀୟତାବାଦକୁ ଦିଗଦର୍ଶନ ଦେଇଥିଲେ ।

୩୦ ବର୍ଷ ପୂର୍ବେ ଆଦରଣୀୟ ଶାସ୍ତ୍ରୀଜୀଙ୍କ ମାର୍ଗଦର୍ଶନରେ ମୁଁ ଗଣତନ୍ତ୍ରର ମନ୍ଦିର 'ସଂସଦ'କୁ ଯାଇ ବିଭିନ୍ନ ରାଜନୈତିକ ପ୍ରସଙ୍ଗ ବୁଝିବାର ସୁଯୋଗ ପାଇଥିଲି, ଯାହା ମୋର ସୌଭାଗ୍ୟ । ସେ ଜଣେ ଦେଶଭକ୍ତ ଭାବରେ ଶ୍ରୀରାମ ଜନ୍ମଭୂମି ଏବଂ ଧାରା ୩୭୦ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ବିଷ୍ଣୁକାନ୍ତ ଶାସ୍ତ୍ରୀଜୀଙ୍କ ପର୍ଯ୍ୟନ୍ତ, ଏହି ମହାନ ବ୍ୟକ୍ତିତ୍ୱମାନେ ଯେଉଁ ଭାରତୀୟତାର ମୂଳ ଉପରେ ଯୋର୍ ଦେଇଥିଲେ, ତାହାକୁ ସାକାର କରିବାର ମାର୍ଗ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ ପ୍ରଣୟନ ହୋଇଥିବା 'ଜାତୀୟ ଶିକ୍ଷା ନୀତି -୨୦୨୦' ଅଟେ ।

'ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ରଚନା-ସଂଚୟନ' ପୁସ୍ତକ ଉନ୍ମୋଚନ ଅବସରରେ ପୁସ୍ତକକୁ ସମ୍ପାଦନ କରିଥିବା ଡ. ପ୍ରେମ ଶଙ୍କର ତ୍ରିପାଠୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀକୁ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି ।

# ବାଲି ଭାରୀଯାନରୁ ବେଆଇନ ଚାନ୍ଦା ଆଦାୟ: ପ୍ରତିବାଦ କରିବାରୁ ଆକ୍ରମଣ ଓ ଗାଡି ଭଂଗାରୁଜା ନେଇ ମାଲିକ ସଂଘ ପକ୍ଷରୁ ଥାନାରେ ଅଭିଯୋଗ

କୋରେଇ, ୧୧/୧୨ (ନି.ପ୍ର): କୋରେଇ ଓ ପାଣିକୋଇଲି ଥାନା ଅଂଚଳରେ ଚାଲିଥିବା ବାଲିଗାଡିରୁ ପ୍ରାୟ ୧୦ରୁ ଉର୍ଦ୍ଧ ସ୍ଥାନରେ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଉଛି । ବିଭିନ୍ନ ସ୍ଥାନରେ ବାରମ୍ବାର ବାଲି ଗାଡି ଚାନ୍ଦା ଦେଇଦେଇ ନୟାନ୍ତ ହେଉଛନ୍ତି । ଫଳରେ ଏନେଇ ମାଧପୁର ମା ସୁବର୍ଣ୍ଣମୁଖି ଟ୍ରକ ଏବଂ ଟପର ଓନରସ ଆସୁସିଏସନ ନିକଟରେ ଚାଳକ ମାନେ ଅଭିଯୋଗ କରିଥିଲେ। ଫଳରେ ଆସୋସିଏସନ ପକ୍ଷରୁ ଉପସଭାପତି ମାନସ ରଂଜନ ଧଳଙ୍କ ନେତୃତ୍ୱରେ ଏକ ଟିମ ଏହାର ଯାଂଚ କରିବାକୁ କୁହାଯାଉଥିଲା । ମଙ୍ଗଳବାର ଭୋରୁ ମାନସ ଧଳ, ଲକ୍ଷ୍ମୀଧର ଜେନା, ସୁକାନ୍ତ ଧଳ ପ୍ରମୁଖ ଟ୍ରକ ମାଲିକ ଏକ କାର ଯୋଗେ ସଠିପୁର ଠାରୁ ବରୁଣ୍ଡାଇ ଅଭିମୁଖେ ଯାଉଥିଲେ । ପଳସା ଗ୍ରାମ ଛକ ଠାରେ ପଳସା ଗ୍ରାମର ରମାକାନ୍ତ ବାରିକ, ଅମରେନ୍ଦ୍ର ବାରିକ, କାହ୍ନୁ ସାହୁ, ଅବିନାଶ ବାରିକ, ହରେକୃଷ୍ଣ ସାହୁ, ମୁନା ଶିଅଳ, କାଳିଆ ଭୁଇ, ପ୍ରଦୀପ ମହାପାତ୍ର, ପବିତ୍ର ସେଠୀ, ଶରତ ଖଣ୍ଡାଇ, ସୌରଭ ସାହୁ, ସତ୍ୟବ୍ରତ ପଣ୍ଡାଙ୍କ ସମେତ ୩୦ରୁ ଉର୍ଦ୍ଧ ବ୍ୟକ୍ତି ଖଣ୍ଡା ଭୁଜାଲି ଓ ମାରଣାସ୍ତ୍ର ଧରି ଗାଡିକୁ ଅଟକାଇ ହଠାତ୍ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ମାନସ ଧଳଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ଅନ୍ୟମାନଙ୍କୁ ମାଡ ମରିଥିଲେ । ଯାହା ଫଳରେ ସେମାନେ ବି ଆହତ ହୋଇଥିଲେ । ଗାଡି ଡିକିରେ ଥିବା ନଗଦ ଅର୍ଥ ଓ ବେକରୁ ସୁନା ଚେନ ଛିଡାଇ ନେଇଥିଲେ ଏବଂ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ମାଡ ମାରି ତାଙ୍କୁ ରାସ୍ତା କଡକୁ ଫିଂଗି ଦେଇ ପଳାଇଥିଲେ । ଏନେଇ ମାନସଙ୍କ ସମେତ ସୁବର୍ଣ୍ଣ ମୁଖି ଟ୍ରକ ଓନରସ ଆସୋସିଏସନ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ବାରମ୍ବାର ବେଆଇନ ଚାନ୍ଦା ଆଦାୟ ସହ ଟ୍ରକ ଚାଳକମାନଙ୍କୁ ମାଡ ମାରିବାର ଧମକ ଦିଆଯାଉଛି । ଏନେଇ ଟ୍ରକ ମାଲିକ ସଂଘ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

# ଶୁଦ୍ଧି ମଣ୍ଡପ କାର୍ଯ୍ୟକ୍ଷମ କରିବାକୁ ଦାବି

ଜୟପୁର, ୧୧/୧୨ (ନି.ପ୍ର): ଜଗନ୍ନାଥ ସାଗର ତଟ ରାଜୁସାହି ନିକଟରେ ଥିବା ଶୁଦ୍ଧି ମଣ୍ଡପ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି । ଜୟପୁର ଉପ ଜିଲାପାଳ ଆକାବରମ ସସ୍ୟା ରେଡ୍ଡି ଙ୍କ ନିକଟରେ ଦାବି କରାଯାଇଛି । ବିଜେଡି ନଗର ସଭାପତି ହର ମିଶ୍ର ଙ୍କ ନେତୃତ୍ୱରେ ସାହି ବାସିନ୍ଦା ଯାଇ ଦାବି କରିଛନ୍ତି । ଉପ ଜିଲାପାଳ ଙ୍କ ସାକ୍ଷାତ ସମୟରେ ରଘୁ ତ୍ରିପାଠି, ରଶ୍ମି ରଥ, ବାପି ପଣ୍ଡା, ପିଣ୍ଟୁ ତ୍ରିପାଠି ଉପସ୍ଥିତ ଥିଲେ । ଶୁଦ୍ଧି ମଣ୍ଡପ କାଯ୍ୟକ୍ଷମ ହୋଇ ନଥିବାରୁ ରାଜୁ ସାହି, ଗଙ୍ଗାନଗର , ମାଦଳା ସାହି ଗୋଡିଆ ଧୋବା ସାହି, ପାଇଲ ସାହି, ପାଓର ହାଉସ, ବେହେରା ସାହି, ବାଲିପେଟା ସାହି ନୁଆସାହି, ସୌରା ସାହି ଭଳି ଅନେକ ସାହି ବାସିନ୍ଦା ହଇରାଣ ହରକତ ହେଉଛନ୍ତି । ତେଣୁ ତୁରନ୍ତ ପ୍ରଶାସନ ହସ୍ତକ୍ଷେପ କରି ଶୁଦ୍ଧି ମଣ୍ଡପକୁ କାର୍ଯ୍ୟକ୍ଷମ କଲେ ଜୟପୁର ବାସୀ ଉପକୃତ ହୋଇପାରି ଥାନ୍ତେ ବୋଲି ଦାବି କରାଯାଇଛି । ଉପ ଜିଲାପାଳ ଆକା ବରମ ସସ୍ୟା ରେଡ୍ଡି ଦାବିକୁ ଗ୍ରହଣ କରି ପଦକ୍ଷେପ ନେବା ପାଇଁ ପ୍ରତିଶୃତି ଦେଇଥିଲେ ।

# ଟ୍ରକ୍ - ଟ୍ରକ୍ ମୁହାଁମୁହିଁ ଧକ୍କା: ଚାଳକ ମୃତ ଓ ଖଲାସି ଗୁରୁତର

କୋରେଇ, ୧୧/୧୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଖରସ୍ରୋତା ନଦୀ ଉପରେ ଥିବା ସାହାପୁର ବ୍ରିଜର ଦକ୍ଷିଣପାଶ୍ୱର୍ ବ୍ରିଜର ମରାମତି ପାଇଁ ଡିବିଏଲ କମ୍ପାନୀ ପକ୍ଷରୁ ଖଣ୍ଡିତର ଛକ ଠାରୁ ରାସ୍ତା ବନ୍ଦ କରିଦିଆଯାଇଥିଲା । ଫଳରେ ସେଠାରେ ଗୋଟିଏ ବ୍ରିଜ ଦେଇ ଉଭୟପାଶ୍ୱର୍ର ଗାଡି ଯାତାୟତ କରୁଥିଲା । ବ୍ରିଜ ମରାମତି ସରିଥିଲେ ମଧ କମ୍ପାନୀ ଉକ୍ତ ରାସ୍ତାକୁ ନଖୋଲି ବନ୍ଦ କରି ରଖିଥିଲା । ମଙ୍ଗଳବାର ଭୋର ୫ଟା ବେଳେ ଶ୍ରୀନଗରରୁ ଏକ ଏକ ଟ୍ରକ କଟକ ଅଭିମୁଖେ ଯାଉଥିଲା । ବିପରିତ ଦିଗରୁ ଏକ ମାର୍ବଲ ବୋଝେଇ ଟ୍ରକ ଆସୁଥିଲା । ଅନ୍ୟଏକ ବସ ମଧ ଯାଉଥିଲା । ମାର୍ବଲ ବୋଝେଇ ଟ୍ରକଟି ହଠାତ ଦ୍ରୁତଗତିରେ ଗାଡିକୁ ଅତିକ୍ରମ କରିବାରୁ ସାମ୍ନାରେ ଅସୁଥିବା ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ମାର୍ବଲ ଗାଡିର ଚାଳକ ଗାଡିରେ ଚାପି ହୋଇ ପ୍ରାଣ ହରାଇଥିବା ବେଳେ ଖଲାସି ଗୁରୁତର ଆହତ ହୋଇଥିଲା । ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା । ଫଳରେ ଉଭୟ ପାଶ୍ୱର୍ରେ ଆମ୍ବୁଲାନ୍ସ ସମତେ ବସ, ଟ୍ରକ , କାର ହଜାର ହଜାର ସଂଖ୍ୟାରେ ଅଟକି ରହିଥିଲା । ଖବର ପାଇଁ ରାଜପଥ ପେଟ୍ରୋଲିଂଗ ଓ ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଂଚିଥିଲେ । ଆମ୍ବୁଲାନ୍ସ ଓ ଅଗ୍ନୀଶମ ବାହିନୀ ଜରିଆରେ ଗ୍ୟାସ୍ କଟର ଲଗାଇ ଗାଡି କଟାଯାଇ ମୃତ ଚାଳକ ଓ ଖଲାସୀକୁ ଉଦ୍ଧାର କରାଯାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ଅଟକି ରହିଥିବା ଗାଡି ଗୁଡିକ ଯୋଗୁ ରାଜପଥରେ ୬ ଘଂଟାଧରି ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଥିଲା । ଫଳରେ ରୋଗୀ ଓ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖିନ ହୋଇଥିଲେ । ପାଣିକୋଇଲି ପୁଲିସ ପକ୍ଷରୁ ରାଜପଥ ବିଭାଗ ଉପରେ ଚଢଉ ପରେ ସେମାନେ ଖଣ୍ଡିତର ଠାରେ ବନ୍ଦ କରିଥିବା ରାସ୍ତାକୁ ଖୋଲିଥିଲେ । ଫଳରେ ଉଭୟ ବ୍ରିଜ ଉପରେ ଗାଡି ଯାତାୟତ କରିବା ପରେ ପ୍ରାୟ ୧ ଘଂଟା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ପୁଲିସ ଗାଡି ଦୁଇଟିକୁ ଜବତ କରିଛି । ହେଲେ ଏହି ଦୁର୍ଘଟଣା ପାଇଁ ରାଜପଥ ବିଭାଗର ଠିକାସଂସ୍ଥା ଡିବିଏଲକୁ ଦାୟୀ କରାଯାଇଛି । ଆଗାମୀ ଦିନରେ ଏ ଦିଗରେ ପ୍ରଶାସନ ଦୃଷ୍ଟି ବୋଲି ସାଧାରଣରେ ଆଶା ପ୍ରକଟ କରିଛନ୍ତି ।

# ବର ଓ ଓସ୍ତ ଗଛର ବାହାଘର ଅନୁଷ୍ଠିତ

ମାଲକାନଗିରି, ୧୧/୧୨ (ନି.ପ୍ର): ଯଜ୍ଞ କୁଣ୍ଡରେ ଜଳୁଛି ହୋମ ନିଆଁ, ପଡୁଛି ହାତଗଣ୍ଠି । ବାଜୁଛି ବାଜା ଓ ଶଙ୍ଖ ସହ ହୁଳୁହୁଳିରେ ପ୍ରକମ୍ପିତ ହେଉଛି ପରିବେଶ । ତୁହାକୁ ତୁହା ଚାଲିଛି ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନି । ସମ୍ପୂର୍ଣ୍ଣ ପାରମ୍ପରିକ ରୀତିନୀତିରେ ଚାଲିଛି ବାହାଘର । ତେବେ ଏ କୌଣସି ମଣିଷ ବାହାଘର ନୁହେଁ ଉଭୟ ବର କନ୍ୟା ପକ୍ଷ ଥାଇ ଚାଲିଛି ଗଛ ବାହାଘର । ମାଲକାନଗିରି ଜିଲ୍ଲାର ଏମଭି ୭୯ ସ୍ଥିତ ଇରିଗେସନ୍ କଲୋନୀ ଠାରେ ବରଗଛ ସହ ଓସ୍ତ ଗଛର ବାହାଘର ହୋଇଛି । ବରଗଛ ବର ସାଜିଥିଲା ବେଳେ ଓସ୍ତ ଗଛ କନ୍ୟା ସାଜିଥିଲା । ବଡ ଧୁମଧାମରେ ସମସ୍ତ ବୈଦିକ ରିତିରେ ଅନୁଷ୍ଠିତ ହୋଇଥିଲା ଏହି ବାହାଘର । ପୁରୁଣା ପରମ୍ପରାକୁ ବଜାୟ ରଖିବା ପାଇଁ ଏହି ବୃକ୍ଷ ବାହାଘର କରାଯାଇଛି । ବରଗଛକୁ ନାରାୟଣ ଓ ଓସ୍ତ ଗଛକୁ ଲକ୍ଷ୍ମୀ ବୋଲି କୁହନ୍ତି । ବିଶ୍ୱାସ ରହିଛି ଏହି ଗଛ ଦୁଇଟିର ବାହାଘର କରିଲେ ଅଶେଷ ପୁଣ୍ୟ ମିଳିଥାଏ । ଯାହାର ଆଧାରରେ ବେଶ ଧୁମଧାମରେ ଏହି ଗଛ ବାହାଘର କରାଯିବା ସହିତ ଭୋଜି ଭାତର ଆସର ଜମିଛି । ଆଉ ନିମନ୍ତ୍ରିତ ଅତିଥି ମଧ୍ୟ ଆସି ବାହାଘରରେ ଯୋଗଦାନ କରିଛନ୍ତି । ଏକ ବିରାଟ ପଟୁଆରରେ ବରଯାତ୍ରୀ ବାଜା ଓ ଶଙ୍ଖ ବଜାଇ ନାଚି ନାଚି ପହଂଚିବା ପରେ ଆରମ୍ଭ ହୋଇଥିଲା ବାହାଘରର ବିଧି । ପ୍ରଥମେ ବାଟବରଣ କରାଯିବା ପରେ ବେଦୀ ପୂଜା ହୋଇଥିଲା । ଏହାପରେ ସମୟ ନିର୍ଘଣ୍ଟ ଅନୁଯାୟୀ ହୋମ କରାଯାଇ ହସ୍ତଗଣ୍ଠି ପଡିଥିଲା । ବରଯାତ୍ରୀ ପହଂଚିବା ପରେ ଜଳଖିଆ ଖାଦ୍ୟର ଆୟୋଜନ କରାଯାଇଥିଲା ଓ ବାହାଘର ପରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ଏହି ବାହାଘରରେ ଅନେକ ଲୋକ ଯୋଗ ଦେଇଥିଲେ । ପରିବେଶକୁ ଭଲ ପାଇବା ଓ ଗଛକୁ ସୁରକ୍ଷା ଦେବା ନେଇ ଏହି ବରଗଛ ଓ ଓସ୍ତ ଗଛକୁ ବାହାଘର କରାଯାଇଛି । ଯାହା ସମାଜକୁ ଏକ ନୂଆ ବାର୍ତ୍ତା ପହଂଚାଇବ । ମଧୁସୂଦନ ରାଉତଙ୍କ ଝିଅ ରୂପେ ଓସ୍ତ ଓ କେ.ମାଧବ ରେଡ୍ଡୀଙ୍କ ପୁଅ ରୂପେ ବର ଗଛଙ୍କ ବିବାହ ହୋଇଛି।

# ଠେଙ୍ଗାରେ ଆକ୍ରମଣ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର, ୧୧/୧୨ (ନି.ପ୍ର): ଠେଙ୍ଗାରେ ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ପୁଟ୍ରାର ଭୀମ ଭୁମିଆ (୬୨) । ପୋଲିସ ସୁଚନା ଅନୁଯାଇ ବିମଳ ଗୌଡ (୪୫)ଙ୍କ ବାଡିରେ ଭୀମ ଭୁମିଆ ଙ୍କ ଗାଇ ପଶି ନଷ୍ଟ କରିଥିଲା । ଏନେଇ ବିମଳ ପଚାରିବାରୁ ଭୀମ ଉତ୍ୟକ୍ତ ହୋଇ ଗତ ୬ ତାରିଖରେ ଏକ ଠେଙ୍ଗାରେ ଆକ୍ରମଣ କରିଥିଲା । ଫଳରେ ବିମଳର ହାତ ଭାଙ୍ଗିଯାଇଥବା ନେଇ ଗତ ୮ ତାରିଖ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଆଜି ସଂନ୍ଧ୍ୟା ୫ଟା ୩୦ ମିନିଟ ସମୟରେ ସୂଚନା ଦିଆଯାଇଛି ।

# ମାନବ ଅଧିକାର ଦିବସ ପାଳିତ

ଜୟପୁର, ୧୧/୧୨ (ନି.ପ୍ର): ଜିଲ୍ଲା ଆଇନ ସେବାପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୂଲ୍ୟରେ ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ, ଟାଙ୍କୁଆ ଠାରେ ମାନବ ଅଧିକାର ଦିବସ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଆଇନ ସେବାପ୍ରାଧିକରଣ ସଚିବ ତଥା ବିଚାପରପତି ସୁମନ ଜେନା ମୁଖ୍ୟ ଅତୀଥି ଭାବରେ ଯୋଗଦେଇଥିଲେ । ଅନ୍ୟ ଅତିଥି ଭାବରେ ସ୍ପେସିଆଲ ପିପି ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ, କୋର୍ଟ ଜୟପୁର, ଡଃ. ବି.ଗାୟତ୍ରୀ ଦେବୀ, ଡେପୁଟି ମୁଖ୍ୟ ଆଇନ ପ୍ରତିରକ୍ଷା ପରାମର୍ଶଦାତା ହିରଣ ଚନ୍ଦ୍ର ମୁଦୁଲି, ପ୍ୟାନେଲ ଆଇନଜୀବି ପି.ସନ୍ୟାସି ରାଓ, ସମ୍ମୁଖ କାର୍ଯ୍ୟାଳୟ, ରିଟେନର ଲୟର ସୁରେଶ ହୁଡୁପୁ, ଯୋଗ ଦେଇଥିଲେ । ତା ସହିତ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ପ୍ରଧାନ ଶିକ୍ଷକ, ଶ୍ରୀ ନାରାୟଣ ପ୍ରଧାନ, ସହକାରୀ ଶିକ୍ଷକ ଶ୍ରୀ ସତ୍ୟବ୍ରତ ପ୍ରଧାନ ମଧ ଯୋଗଦେଇଥିଲେ । ପ୍ରତିବର୍ଷ ୧୦ ଡିସେମ୍ବରରେ ଅନ୍ତର୍ଜାତୀୟ ସମୁଦାୟ ଦ୍ୱାରା ମାନବ ଅଧିକାର ଦିବସ ପାଳନ କରାଯାଏ । ଏହା ୧୯୪୮ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭା ମାନବିକ ଅଧିକାରର ସର୍ବଭାରତୀୟ ଘୋଷଣାନାମା ଗ୍ରହଣ କରିଥିଲା । ମାନବ ଅଧିକାର ଦିବସର ଆନୁଷ୍ଠାନିକ ଆରମ୍ଭ ୧୯୫୦ ମସିହାରୁ ହୋଇଥିଲା, ବିଧାନସଭା ୪୨୩ (୦) ସଂକଳ୍ପ ପାରିତ କରିବା ପରେ ସମସ୍ତ ରାଜ୍ୟ ତଥା ଆଗ୍ରହୀ ସଂଗଠନକୁ ପ୍ରତିବର୍ଷ ୧୦ ଡିସେମ୍ବର ମାନବ ଅଧିକାର ଦିବସ ଭାବରେ ଗ୍ରହଣ କରିବାକୁ ଆମନ୍ତ୍ରଣ କରିଥିଲା । ଯେତେବେଳେ ସାଧାରଣ ସଭା ଏହି ଘୋଷଣାନାମା ଗ୍ରହଣ କଲା, ସେତେବେଳେ ଏହା ଏକ 'ସମସ୍ତ ଲୋକ ତଥା ସମସ୍ତ ଦେଶ ପାଇଁ ସଫଳତାର ଏକ ସାଧାରଣ ମାନକ' ଭାବରେ ଘୋଷିତ ହେଲା, ଯାହା ଉପରେ ବ୍ୟକ୍ତିବିଶେଷ ତଥା ସମାଜ 'ସର୍ବଭାରତୀୟ ତଥା ପ୍ରଭାବଶାଳୀ ମାନ୍ୟତା ପାଇବାକୁ ପ୍ରଗତିଶୀଳ ପଦକ୍ଷେପ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରୟାସ କରିବା ଉଚିତ୍ ଏବଂ ପାଳନ 'ମାନବିକ ଅଧିକାରର ସର୍ବଭାରତୀୟ ଘୋଷଣାନାମା ମୌଳିକ ଅଧିକାର ଏବଂ ସ୍ୱାଧୀନତାର ଏକ ବ୍ୟାପକ ସୀମା ନିର୍ଦ୍ଧାରଣ କରେ ଯେଉଁଥିରେ ଆମେ ସମସ୍ତେ ହକଦାର । ଜାତୀୟତା, ବାସସ୍ଥାନ, ଲିଙ୍ଗ, ଜାତୀୟ କିମ୍ବା ଜାତିଗତ ଉତ୍ପତ୍ତି, ଧର୍ମ, ଭାଷା କିମ୍ବା ଅନ୍ୟ କୌଣସି ସ୍ଥିତି ଉପରେ ଆଧାର କରି ଏହା ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ ବ୍ୟକ୍ତିର ଅଧିକାରକୁ ନିଶ୍ଚିତ କରେ ।

# ବାସୁଦେବପୁରଠାରେ କୁରାଳ ପଂଚମୀ ଉଦ୍‌ଯାପିତ

ଧର୍ମଶାଳା, ୧୧/୧୨ (ନି.ପ୍ର): ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ବାସଦେବପୁର କୋଠଘର ପରିସରରେ କୁରାଳ ପଂଚମୀ ମହାସମାରୋହରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଏକ ସପ୍ତାହରୁ ଉର୍ଦ୍ଧ ଦିନ ଧରି ଚାଲିଥିବା ଏହି ପୂଜା ମଣ୍ଡପରେ ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା । ପ୍ରଥମ ଦିବସରେ ଭକ୍ତମାନେ ନିକଟସ୍ଥ କେଲୁଅ ନଦୀରୁ କଳସ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପରେ ପଂହଚିବା ପରେ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା । ବିଶିଷ୍ଟ ପଣ୍ଡିତ ବାସୁଦେବ ଓ ସୁରେନ୍ଦ୍ର ପଣ୍ଡାଙ୍କ ତତ୍ୱାଧାନରେ ମୁଖ୍ୟକର୍ତ୍ତା ଚନ୍ଦନ ସାହୁ ଓ ଉପକର୍ତ୍ତା ବିଷ୍ଣୁ ସାହୁ ପୂଜାକର୍ମରେ ସହଯୋଗ କରିଥିଲେ । ବିଭିନ୍ନ ଦିବସମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ପାଲା ଓ ନାମସଂକୀର୍ତ୍ତନ ଓ ଶେଷ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ସମାରୋହ ହୋଇଥିଲା । ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗ ଦେଇ ପ୍ରଭୁଙ୍କୁ ଦର୍ଶନ କରି ବିଭୂକୃପା ଲାଭ କରିଥିଲେ ।

# ୧୩ ବର୍ଷର ସଂଘର୍ଷ ପରେ ମିଳିଲା ପେନସନ

ଘଟଗାଁ, ୧୧/୧୨ (ନି.ପ୍ର): ସଂଘର୍ଷ ସଫଳତାର ମୂଳ ମନ୍ତ୍ର ଏକଥା ପ୍ରମାଣ କରିଦେଇଛନ୍ତି ପିଇଓ ସଂଘ ସଭାପତି ମାୟାଧର ବାରିକ । ପୂର୍ବତନ ସରକାର ଅମଳରୁ ବର୍ତମାନ ସରକାର ପର୍ଯ୍ୟନ୍ତ ଅନେକ ଅଭିଯୋଗ ପ୍ରକୋଷ୍ଠରେ ନିଜର ଅଧିକାର ସାବ୍ୟସ୍ତ କରି ଆସୁଥିଲା ପିଇଓ ସଂଘ । ବିଗତ ଦିନରେ ଘଟଗାଁ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାର ଅବସରପ୍ରାପ୍ତ ପଂଚାୟତ ନିର୍ବାହୀ ଅଧିକାରୀ ସଂଘର ସଭାପତି ମାୟାଧର ବାରିକ ସଂଘର ପେନସନ ପାଇବା ନେଇ ଅଭିଯୋଗ କରିଥିଲେ । ହେଲେ ପୂର୍ବତନ ସରକାର ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିଲେ । ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ଲିଖିତ ଅଭିଯୋଗ କରିଥିଲେ । ପଂଚାୟତରାଜ ବିଭାଗ ନିର୍ଦ୍ଦେଶ ଅନୁଯାଇ ସମସ୍ତ ଅଭିଯୋଗକୁ ବିଚାରକୁ ନେଇ ଘଟଗାଁ ବି.ଡି.ଓ. ଭାଗବତ ପ୍ରସାଦ ମହାପାତ୍ର ପେନସନ ପାଇବା ଦାବିକୁ ଅନୁପାଳନ କରିଥିଲେ । ଏଥିରେ ଅବସରପ୍ରାପ୍ତ ପିଇଓ ମାୟାଧର ବାରିକ, ନୃସିଂହ ଚରଣ ରାଉତ ଓ ରଘୁନାଥ ମହାରଣାଙ୍କୁ ନିଜ ନିଜ ବ୍ୟାଙ୍କ ଜମା ଖାତାକୁ ପେନସନ ଅର୍ଥ ପୈଠ କରିଥିଲେ । ଦୀର୍ଘ ୧୩ ବର୍ଷର ସଂଘର୍ଷ ପରେ ଆଜି ସଫଳତା ମିଳିଥିବାରୁ କେନ୍ଦୁଝର ଅଧିଷ୍ଠାତ୍ରୀ ଦେବୀ ମା ' ତାରିଣୀ ଓ ବାଣେଶ୍ୱର ଶୈବ ପୀଠରେ ପୂଜାର୍ଚ୍ଚନା କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜିଲ୍ଲାପାଳ ବିଶାଳ ସିଂହ, ବିଡ଼ିଓ ଭାଗବତ ପ୍ରସାଦ ମହାପାତ୍ରଙ୍କୁ ସଂଘ ତରଫରୁ କୃତଜ୍ଞତା ଜଣାଇଛନ୍ତି କ୍ଷ ଅନ୍ୟ ପକ୍ଷରେ ଯେଉଁ ବ୍ଲକର ପିଇଓ ଅଦ୍ୟାବଧି ପେନସନ ପାଇ ନାହାନ୍ତି ସେମାନେ ପେନସନ ପାଇବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବାକୁ ସଂଘର ସଭାପତି ଶ୍ରୀ ବାରିକ ପରାମର୍ଶ ଦେଇଛନ୍ତି ।


# ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ କର୍ମଶାଳା

ପୁରୀ, ୧୧/୧୨ (ନି.ପ୍ର): ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ କାର୍ଯ୍ୟକ୍ରମ ନିମିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଉଦବୋଧନ ଦେବା ସହିତ ଏହି କାର୍ଯ୍ୟକ୍ରମ ପାଳନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଡାକ୍ତର ବିନୋଦ ବିହାରୀ ରଥ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଉପସ୍ଥିତ ରହି ମହିଳା ଓ ଘରୋଇ ହିଂସା ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ ଏବଂ ସରକାରୀ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ବିସ୍ତୃତ ଭାବରେ ପ୍ରକାଶ କରିଥିଲେ । ଡାକ୍ତର ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ) ଘରୋଇ ହିଂସାରୁ ନିବୃତ ରହିବା ପାଇଁ କେଉଁ କେଉଁ ପଦକ୍ଷପ ନିଆଯାଇପାରିବ ସେ ବିଷୟ ସୂଚନା ଦେଇଥିଲେ । ତତ୍-ସହିତ ସରକାରୀ ବିଧିବ୍ୟବସ୍ଥା ଓ ଡାକ୍ତରଖାନାରେ ଦିଆଯାଉଥିବା ସହାୟତା ସମ୍ବନ୍ଧରେ ମଧ ଆଲୋକପାତ କରିଥିଲେ । ଆଇନ ଉପମୁଖ୍ୟ ସହାୟତା ପ୍ରତିରୋଧ ପରିଷଦର ଜ୍ୟୋତି ଶଙ୍କର ହରିଚନ୍ଦନ ମହିଳା ଓ ଘରୋଇ ହିଂସା ନିମିତ ଆଇନରେ ଥିବା ନିୟମ କାନୁନ ଉପରେ ଆଲୋକପାତ କରିଥିଲେ । ଏଥି ସହିତ ଜିଲ୍ଲା ରେ ଥିବା ସଖି ଙଘର ଝଞ୍ଜଙଚ ରେ ମିଳୁଥିବା ସେବା ବିଷୟରେ ଅବଗତ କରାଇଥିଲେ । ଓକିଲ ରାମଶଙ୍କର ପାତ୍ର ପିସିପିଏନ୍‌ଡ଼ିଟିଆକ୍ଟ ସମ୍ବନ୍ଧରେ ମଧ ଅନେକ ତଥ୍ୟ ପ୍ରକାଶ କରିଥିଲେ । ପରିଶେଷରେ ଡିପିଏମ୍ ଶ୍ରୀ ଟି ନାରାୟଣ ରାଓ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଭାରତର ଶିକ୍ଷା ବ୍ୟବସ୍ଥାକୁ କଂଗ୍ରେସ ଧ୍ୱଂସ ଭିତରକୁ ଠେଲି ଦେଇଥିଲା, ମୋଦୀ ଏହାର ପୁନରୁଦ୍ଧାର କରିଛନ୍ତି: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧/୧୨ (ନି.ପ୍ର): ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତର ସାକ୍ଷରତା ହାରରେ ଉଲ୍ଲେଖନୀୟ ଅଗ୍ରଗତି ତଥା ମହିଳା ସାକ୍ଷରତା ବୃଦ୍ଧି ହେତୁ ୨୦୨୩-୨୪ ବର୍ଷରେ ଭାରତର ଗ୍ରାମୀଣ ସାକ୍ଷରତା ହାର ଯଥେଷ୍ଟ ବୃଦ୍ଧି ପାଇ ୭୭.୫ ପ୍ରତିଶତରେ ପହଞ୍ଚିଛି । ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂସ୍କାରମୂଳକ ପଦକ୍ଷେପ ଓ ଉଦ୍ୟମକୁ ଶ୍ରେୟ ଦେଇଛନ୍ତି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ଶାସନରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ଛାତ୍ରଛାତ୍ରୀମାନଙ୍କୁ ସବୁବେଳେ ଗୁଣାତ୍ମକ ଶିକ୍ଷାର ସନ୍ଧାନରେ ରହିବାକୁ ପଡୁଥିଲା । ଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିଲା । ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ କିଛି ପ୍ରମୁଖ ଲୋକଙ୍କ ନିୟନ୍ତ୍ରଣରେ ରହୁଥିଲା । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଏହି କ୍ଷେତ୍ରରେ ଅନେକ ସୁଧାର ଆସିଛି । ଗ୍ରାମୀଣ ସାକ୍ଷରତା ୨୦୧୧ରେ ୬୭.୭୭% ଥିବାବେଳେ ୨୦୨୩-୨୪ରେ ଏହା ୭୭.୫% କୁ ବୃଦ୍ଧି ପାଇଛି । ସେହିପରି ମହିଳା ସାକ୍ଷରତା ୫୭.୯୩% ରୁ ୭୪.୬%କୁ ବୃଦ୍ଧି ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଂସ୍କାର କାରଣରୁ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରୟାସ କେବଳ ସହରାଞ୍ଚଳରେ ନୁହେଁ ବରଂ ଦେଶର କୋଣ ଅନୁକୋଣରେ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିଛି । ଏକବିଂଶ ଶତାବ୍ଦୀରେ ଶିକ୍ଷା ବିନା ଭାରତର ଉନ୍ନତି ଅସମ୍ପୂର୍ଣ୍ଣ । କେହି ଯେପରି ପଛରେ ନ ରହିଯିବେ, ସେଥିପ୍ରତି ପ୍ରଧାନମନ୍ତ୍ରୀ ବିଶେଷ ଦୃଷ୍ଟି ଦେଉଛନ୍ତି । ତାଙ୍କର ସଂସ୍କାର ଭାରତକୁ ଏପରି ଏକ ଭବିଷ୍ୟତ ଆଡ଼କୁ ନେଉଛି, ଯେଉଁଠାରେ ଶିକ୍ଷାର କୌଣସି ସୀମା ନାହିଁ ।



୭୦ ବର୍ଷ ମଧ୍ୟରେ କଂଗ୍ରେସ ଦ୍ୱାରା କେବଳ ୭ଟି ଏମ୍ସ ପ୍ରତିଷ୍ଠା ହୋଇଥିଲା । ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତରେ ୨୩ଟି ଏମ୍ସ ସ୍ଥାପିତ ହୋଇଛି । ୭୦୦ରୁ ଅଧିକ ମେଡିକାଲ କଲେଜ, ୫୦ ହଜାରରୁ ଅଧିକ କଲେଜ ରହିଛି । ଏମବିବିଏସ ଓ ଆଇଆଇଟି ସିଟ୍ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ଏହି ସଂଖ୍ୟାଗୁଡ଼ିକ ଭାରତର ଶିକ୍ଷା କ୍ଷେତ୍ରକୁ ନୂଆ ରୂପ ଦେଉଥିବା ପରିବର୍ତନମୂଳକ ସଂସ୍କାରକୁ ପ୍ରତିଫଳିତ କରୁଛି । ଶିକ୍ଷା ସଂସ୍କାରରେ ବୈଷୟିକ ଜ୍ଞାନକୌଶଳ ଓ ଉଦ୍ଭାବନର ଭୂମିକାକୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବରୁ ଦୁର୍ଗମ ଅଂଚଳରେ ଶିକ୍ଷା ସ୍ଥିତି ବହୁତ ଗମ୍ଭୀର ଥିଲା । କଂଗ୍ରେସ ସରକାର ସେହି ଅଞ୍ଚଳରେ ଶିକ୍ଷାର ସ୍ଥିତିକୁ ସୁଧାରିବା ପାଇଁ କୌଣସି ପ୍ରକାର ବିହିତ ପଦକ୍ଷେପ ନେଇନଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଡିଜିଟାଲ ଇଣ୍ଡିଆ ମିଶନ, ନୂତନ ଶିକ୍ଷା ନୀତି, ବେଟି ବଚାଓ ବେଟି ପଢ଼ାଓ ଯୋଜନା, ପିଏମ ଶ୍ରୀ ଯୋଜନା, ବିଦ୍ୟାଲକ୍ଷ୍ମୀ ଯୋଜନା ଏବଂ ଉଲ୍ଲାସ ଯୋଜନା ଭଳି ପଦକ୍ଷେପ ଶିକ୍ଷା ଓ ଦକ୍ଷତା ବିକାଶକୁ ଏକ ନୂଆ ଉଚ୍ଚତାକୁ ନେଇଛି । ୨୦୧୫ରେ ଆରମ୍ଭ ହୋଇଥିବା 'ଡିଜିଟାଲ ଇଣ୍ଡିଆ ମିଶନ' ସ୍କୁଲଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହିତ କରିଛି । ସାରା ଦେଶରେ ଡିଜିଟାଲ ଭିତ୍ତିଭୂମି, ଇଣ୍ଟରନେଟ୍ ସଂଯୋଗ ଏବଂ ଇ-ଲର୍ଣ୍ଣିଂ ପ୍ଲାଟଫର୍ମ ବୃଦ୍ଧି ପାଇଁ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି । ଇତିମଧ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା କେବଳ ଶିକ୍ଷାରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁନାହିଁ ବରଂ ଜନ୍ମ ସମୟରେ ଜାତୀୟ ଲିଙ୍ଗ ଅନୁପାତରେ ମଧ ଯଥେଷ୍ଟ ଉନ୍ନତି ଆଣିଛି । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ 'ନୂତନ ଶିକ୍ଷାନୀତି' ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଉଲ୍ଲାସ କାର୍ଯ୍ୟକ୍ରମ ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହା ଏକ ନିଆରା ପଦକ୍ଷେପ । ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ୧୫ ବର୍ଷ ରୁ ଅଧିକ ଯୁବକ ଯୁବତୀଙ୍କୁ ସେମାନଙ୍କ ପାଠପଢା ଶେଷ କରିବା ପାଇଁ ଏକ ଭଲ ସୁଯୋଗ ପ୍ରଦାନ କରୁଛି । ଏହି କାର୍ଯ୍ୟକ୍ରମ ପାଇଁ ୧୦୩୭ କୋଟି ଟଙ୍କାରୁ ଅଧିକ ଆର୍ଥିକ ଆବଣ୍ଟନ ହୋଇଥିବା ବେଳେ ୨ କୋଟିରୁ ଅଧିକ ଶିକ୍ଷାର୍ଥୀ ଏଥିରେ ସାମିଲ ହୋଇସାରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ପଦକ୍ଷେପ କିଶୋର କିଶୋରୀଙ୍କ ଶିକ୍ଷାର ପରିଭାଷାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି ।

'ଚଳିତବର୍ଷ ବଜେଟରେ ଶିଶୁମାନଙ୍କ ପାଇଁ ପିଏମ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମର ମଧ ଘୋଷଣା କରାଯାଇଛି । ତେଣୁ ପ୍ରଧାନମନ୍ତ୍ରୀ ମୋଦୀ କେବଳ ଶିକ୍ଷା କିମ୍ବା ଦକ୍ଷତା ବିଷୟରେ ଚିନ୍ତା କରୁନାହାଁନ୍ତି ବରଂ ରୋଜଗାର ଉପରେ ମଧ ଚିନ୍ତା କରୁଛନ୍ତି । ଶିକ୍ଷା କ୍ଷେତ୍ରରେ ତାଙ୍କର ଅନେକ ସଂସ୍କାରମୂଳକ ପ୍ରୟାସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀ ଏକ ସମୃଦ୍ଧ ଏବଂ ଜ୍ଞାନଭିତ୍ତିକ ଭବିଷ୍ୟତ ପାଇଁ ଏକ ମଜଭୁତ୍ ଭିତ୍ତିଭୂମି ତିଆରି କରିଛନ୍ତି । ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ସଂକଳ୍ପ ନେଇ ଆମେ ଆଗକୁ ବଢୁଥିବା ବେଳେ ଏହି ଶିକ୍ଷା ସଂସ୍କାର ଆମକୁ ନୂଆ ଉର୍ଜା ପ୍ରଦାନ କରୁଛି । ଗର୍ବର ସହ ଏହି ଢାଞ୍ଚାରେ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ପକ୍ଷରୁ ଶିଶୁ ଉତ୍ସବ



ବସ୍ତା, ୧୧/୧୨ (ନି.ପ୍ର): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ(ଓଷ୍ଟା) ପକ୍ଷରୁ ବସ୍ତା ବ୍ଲକ୍ ଅନ୍ତର୍ଗତ ଇଡଦା ଗୋଲକ ନାରାୟଣ ବନଦୂର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛିକ୍ଷ ପ୍ରଥମ ଅଧିବେସନରେ ବସ୍ତା ଓଷ୍ଟା ମଣ୍ଡଳର ସଭାପତି ଚୈତନ୍ୟ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧରଣୀଧର ନାୟକ, ମୁଖ୍ୟ ବକ୍ତା ତଥା ପ୍ରାକ୍ତନ ଓଷ୍ଟା ରାଜ୍ୟ ସଭାପତି ଇନ୍ଦୁମାଧବ ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର କୁମାର ମହନ୍ତ, ଓଷ୍ଟା ଜିଲ୍ଲା ସଭାପତି ମନୋରଂଜନ ଦାସ,ବସ୍ତା ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ସାହୁ ,ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ଆଜିର ସମାଜରେ ପିଲାମାନେ ନିଜ ଭିତରେ ଲୋକାୟିତ ପ୍ରତିଭା କୁ ପ୍ରସ୍ଫୁଟିତ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଅପରାହ୍ନରେ ଦ୍ୱିତୀୟ ଅଧିବେସନରେ ମଧ୍ଯ ସଭାପତି ଚୈତନ୍ୟ ପ୍ରସାଦ ସାହୁଙ୍କ ସଭାପତିତ୍ୱ ସଭା ଓ ପ୍ରତିଭାସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ପରିବେଶବିତ ତଥା ସମାଜସେବୀ ସୁମନ୍ତ କୁମାର ଜେନା ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ଯେ ଶିଶୁ ମାନଙ୍କ ମଧରେ ଥିବା ଲୁକ୍କାୟିତ ସର୍ଜନାଶୀଳତା ଓ ପ୍ରତିଭା ବିକଶିତ କରିବା ପାଇଁ ଏହା ଏକ ଉଚିତ ଓ ସୁନ୍ଦର କାର୍ଯ୍ୟକ୍ରମ , ପିଲାମାନଙ୍କୁ ପ୍ରତିଯୋଗିତା ମନନ ହେବା ସହ ପରିଶ୍ରମ ଓ ଗୁରୁଜନ ତଥା ଗୁରୁଜୀ ମାନଙ୍କ ପ୍ରତି ପ୍ରତିବଦ୍ଧତା ରଖିବାକୁ ବିଭିନ୍ନ ଗଳ୍ପର ଉଦାହରଣ ମାଧମରେ ଆହ୍ୱାନ ଦେଇଥିଲେ।ମୁଖ୍ୟ ବକ୍ତା ଭାବେ ସମାଜସେବୀ ଧୀରେନ୍ଦ୍ର ନାରାୟଣ ପ୍ରହରାଜ, ସମ୍ମାନିତ ଅତିଥିଭାବେ ସରପଞ୍ଚ ମମତା ଜେନା , ଶ୍ରୀପତି ଚରଣ ପାତ୍ର, ରମେଶ ଚନ୍ଦ୍ର ନାୟକ, ସୃଷ୍ଟି ଧର ପାତ୍ର, ଯତୀନ୍ଦ୍ର ନାଥ ଦାସ ଅଧିକାରୀ, ତାପସ କୁମାର ଦାସ,,ଶିବ ଶଙ୍କର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ହରିବସ ଦାସ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଯତୀନ୍ଦ୍ର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧରେ ବକ୍ତୃତା, ଚିତ୍ରାଙ୍କନ , କଣ୍ଠ ସଙ୍ଗୀତ , ନୃତ୍ୟ , କୁଇଜ୍ , ଗଳ୍ପ ଲିଖନ , ସାଧାରଣ ଜ୍ଞାନ , ଏକକ ଅଭିନୟ ଓ କବିତା ରଚନା ଆଦି ବିଷୟରେ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇ ସାଟିଫିକେଟ ପ୍ରଦାନ କରାଯିବା ସହ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ପାଇଁ ନିମନ୍ତ୍ରଣ କରାଯାଇଥିଲା । ଏହି କାର୍ଯକ୍ରମରେ ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ ।

# ଗୌତମ ବୁଦ୍ଧଙ୍କ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୧/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବେରୁହାଁ ଗ୍ରାମରେ ଗୌତମ ବୁଦ୍ଧ କମିଟି ତରଫରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ସମାଜସେବୀ ଚିତରଞ୍ଜନ ଦାସ ପ୍ରଥମେ ବୃକ୍ଷରୋପଣ କରିବା ସହିତ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଓ ସମ୍ମାନିତ ଅତିଥି ବେରୁହାଁ ସରପଂଚ ବାବାଜୀ ଚରଣ ସ୍ୱାଇଁ ଯୋଗ ଦେଇ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏବଂ ବରିଷ୍ଠ ସମାଜସେବୀ ସୀତାକାନ୍ତ ନାୟକ ସଭାରେ ସଭାପତିତ୍ୱ କରିଥିଲେ। ଏହି ବାର୍ଷିକ ଉତ୍ସବଟିକୁ ଆୟୋଜକ କରିଥିଲେ କମିଟିର ମୁଖ୍ୟ ଆଶୁତୋଷ ଶରଣସିଂ, ଧୂଳେଶ୍ୱର ମଲ୍ଲିକ, ଭୀମସେନ ଦାସ, ରାଜକିଶୋର ମଲ୍ଲିକ, କାଳନ୍ଦୀ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ଖାରବେଳ ମଲ୍ଲିକ, ହେମନ୍ତ ମଲ୍ଲିକ, ଭାରତୀ ମଲ୍ଲିକ, ନମିତା ଦାସ, ଶୋଭାବତୀ ମଲ୍ଲିକ, ମହେନ୍ଦ୍ର ମଲ୍ଲିକ, କିଶୋର ମଲ୍ଲିକ, ଅନିଲ କୁମାର ଘଡ଼ାଇ, ରାଜେନ୍ଦ୍ର ମଲ୍ଲିକ ଓ ସମସ୍ତ କର୍ମୀ। ଏହି ଉତ୍ସବରେ ବୁଦ୍ଧ ମହାସଭାର ଭନ୍ତେ ସୁମଙ୍ଗଳ ବୋଧି ଯୋଗ ଦେଇ ଧମ୍ମ ବିଷୟରେ ଆଲୋଚନା ଓ ବୁଦ୍ଧଙ୍କ ଜୀବନୀ, ବୁଦ୍ଧ ଏସିଆ ଆଲୋକ, ଶାନ୍ତିର ପ୍ରତୀକ ବୋଲି ଭନ୍ତେ କହିଥିଲେ। ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କମିଟି ତରଫରୁ ସଭାପତି ପ୍ରତୀକ ମିଶ୍ର, ଦେବାଶିଷ ମିଶ୍ର, ପିନାକୀ ସାମନ୍ତରାୟ, ଦେବାଶିଷ ସାହୁ, ଅକ୍ଷୟ ମଲ୍ଲିକ, ବାବୁଲି ମଲ୍ଲିକ, ବରିଷ୍ଠ ସାମ୍ବାଦିକ ହିମାଂଶୁ ଶେଖର ମହାନ୍ତି, ଅଶୋକ ସାହୁ, ଫିଂଟୁ ସାମଲ, ପ୍ରମୁଖ ସାମ୍ବାଦିକ ଯୋଗ ଦେଇଥିଲେ। ସଚ୍ଚିଦାନନ୍ଦ ଯୁବକ ସଂଘର ସଭାପତି ସରୋଜ କାନ୍ତ ବେହେରାଙ୍କୁ କମିଟି ତରଫରୁ ସମାଜସେବା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ ମୁଖ୍ୟ ଅତିଥି। ଶେଷରେ ଧନ୍ୟବାଦ ଦେଇଥିଲେ କମିଟିର ମୁଖ୍ୟ।

# ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪

କେନ୍ଦ୍ରାପଡ଼ା, ୧୧/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ ଇଛାପୁର ହାଇସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କୁନି ବୈଜ୍ଞାନିକମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ବୈଜ୍ଞାନିକ ଚେତନା ଓ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ନୂତନ ଉଦ୍‌ଭାବନ ମୂଳକ ଚିନ୍ତାଧାରାର କ୍ରମବିକାଶ ଛାତ୍ରଛାତ୍ରୀଙ୍କ ଠାରେ ଅଧିକରୁ ଅଧିକ ଭାବରେ ସୃଷ୍ଟି କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ହେବା ଆବଶ୍ୟକ। ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆମ ଚାରି ପାଖରେ ଥିବା ଓ ଘଟୁଥିବା ବିଭିନ୍ନ ଘଟଣାର ବୈଜ୍ଞାନିକ କାରଣଗୁଡ଼ିକୁ ଅତି ସରଳ ଭାଷାରେ ପିଲାମାନଙ୍କୁ ବୁଝାଇଥିଲେ। ତେବେ ବିଜ୍ଞାନ ପ୍ରତି ସକାରାତ୍ମକ ଚିନ୍ତାଧାରା ନେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଗଲେ ଭବିଷ୍ୟତରେ ନୂତନ ବୈଜ୍ଞାନିକ ସୃଷ୍ଟି ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ଏହି ପ୍ରଦର୍ଶନୀରେ ୯ଟି ବ୍ଲକର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କରାଯାଇ ଥିବା ୬୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ଶ୍ରେଷ୍ଠ ବିବେଚିତ ୭ ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନିତ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ ବାର୍ଷିକ ବିଜ୍ଞାନ ପ୍ରକଳ୍ପ ସମ୍ବନ୍ଧୀୟ ରିପୋର୍ଟ ଉପସ୍ଥାପନ କରିଥିଲେ। ଗରଦପୁର ଶିକ୍ଷା ଅଧିକାରୀ ଅଜୟ କୁମାର ସେଠୀ, ମହାକାଳପଡ଼ା ଶିକ୍ଷା ଅଧିକାରୀ ତନ୍ମୟ ବେହେରା, କେନ୍ଦ୍ରାପଡ଼ାର କୈଳାସ ତରାଇ, ଆଳିର ନଳିନୀକାନ୍ତ ରାଉତରାୟ ପ୍ରମୁଖ ମଂଚାସୀନ ଥିଲେ । ବ୍ଲକ ବିଜ୍ଞାନ ସଂଯୋଜକ ପ୍ରଭାସ ରଂଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବାବେଳେ ଉଦ୍‌ଯାପନୀ ସଭାରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପକ ବିଶ୍ୱରଂଜନ ପୁହାଣ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିଳିପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ରଂଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେରଣା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ପ୍ରତିନିଧିତ୍ୱ କରି ଗୁଜୁରାଟ ଠାରେ ଅନୁଷ୍ଠିତ ଜାତୀୟ ସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ରୁଦ୍ର ନାରାୟଣ ସାହୁ ଓ ଗାୟତ୍ରୀ ନାଥ ତଥା ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଅପରାଜିତା ପାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇ ଥିଲା।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡରଗୁଡିକ ମୁଖ୍ୟ ବୈଦ୍ୟୁତିକ ଇଞ୍ଜିନିୟର (ପ୍ରୋଜେକ୍ଟ) / ଗାର୍ଡେନ୍ ରିଚ୍, କୋଲକାତା, ଏସ୍। ରେଲୱେ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଆମନ୍ତ୍ରିତ: **ସିରିଏଲ ନଂ ୧ ଏବଂ ଇ-ଟେଣ୍ଡର ନଂ।; ଏହାର ଅବସ୍ଥାନ ସହିତ କାର୍ଯ୍ୟର ନାମ; ପାଖାପାଖି ଏହି କାର୍ଯ୍ୟର ମୂଲ୍ୟ; ସର୍ବଶ୍ରେଷ୍ଠ ଟଙ୍କା (1) MRTSER / GRC / Engg / WT-01** (ଖୋଲା), **ତାରିଖ ୧୦.୧୨.୨୦୨୪;** 1x25 KV ରୁ 2x25 KV ଟ୍ରାକ୍ସନ୍ ସିଷ୍ଟମର ଅପ-ଗ୍ରେଡେସନ୍ କାର୍ଯ୍ୟ ପାଇଁ ଲୋହର୍ଦାଗାରେ ଅନ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଯେପରିକି ଯୌଗିକ କାନ୍ଥ, ଡ୍ରେନ୍, ଆରସିସି ରୋଡ୍ ଇତ୍ୟାଦି ସହିତ ୧୦ ୟୁନିଟ୍ ଟାଇପ୍-୨ କ୍ୱାର୍ଟର ନିର୍ମାଣ ପାଇଁ ଇ-ଟେଣ୍ଡର ଖୋଲନ୍ତୁ । 3000MT ଲୋଡିଂ ଲକ୍ଷ୍ୟ ପୂରଣ କରିବାକୁ ରାଞ୍ଚି ଡିଭିଜନ୍ ଅନ୍ତର୍ଗତ ଦକ୍ଷିଣ ପୂର୍ବ ରେଳର ମୁରି-ରାଞ୍ଚି-ଟୋରୀ ବିଭାଗ ପାଇଁ; ୩,୯୭,୧୬,୩୨୦.୯୪; ୩,୪୮,୬୦୦ / - **(2) MRT SER / GRC / Engg/ WT-02** (ଖୋଲା), ତାରିଖ **୧୦.୧୨.୨୦୨୪;** 1x25 KV ରୁ 2x25 KV ଟ୍ରାକ୍ସନ୍ ସିଷ୍ଟମର ଅପ-ଗ୍ରେଡେସନ୍ କାର୍ଯ୍ୟ ପାଇଁ ଲୋହର୍ଦାଗାରେ ଅନ୍ୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଯେପରିକି ଯୌଗିକ କାନ୍ଥ, ଡ୍ରେନ୍, ଆରସିସି ରୋଡ୍ ଇତ୍ୟାଦି ସହିତ ୧୦ ଟି ୟୁନିଟ୍ ଟାଇପ୍ -୩ କ୍ୱାର୍ଟର୍ ନିର୍ମାଣ ପାଇଁ ଇ-ଟେଣ୍ଡର ଖୋଲନ୍ତୁ । 3000MT ଲୋଡିଂ ଲକ୍ଷ୍ୟ ପୂରଣ କରିବାକୁ ରାଞ୍ଚି ଡିଭିଜନ୍ ଅନ୍ତର୍ଗତ ଦକ୍ଷିଣ ପୂର୍ବ ରେଳର ମୁରି-ରାଞ୍ଚି-ଟୋରୀ ବିଭାଗ ପାଇଁ; ୪,୫୭,୫୨,୯୨୦.୭୯; ୩,୭୮,୮୦୦ / -। **କାର୍ଯ୍ୟର ସମାପ୍ତି ଅବଧି: S।** ପାଇଁ ୧୫ (ପନ୍ଦର) ମାସ ୧ ନଂ ୨ ପାଇଁ ୧ ଏବଂ ୧୮ (ଅଷ୍ଟାଦଶ) ମାସ । **ବନ୍ଦ ତାରିଖ ଏବଂ ସମୟ:** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ IREPS ପୋର୍ଟାଲ ବ୍ୟବହାର କରି ଇ-ଟେଣ୍ଡର ଅନଲାଇନରେ ଗ୍ରହଣ କରାଯିବ । ଉଭୟ ପାଇଁ ୦୨.୦୧.୨୦୨୫ ରେ **ୱେବସାଇଟ୍ ବିଶେଷତା ଏବଂ ବିଜ୍ଞପ୍ତି ବୋର୍ଡ ଅବସ୍ଥାନ:** ୱେବସାଇଟ୍ ନମ୍ବର **www.ireps.gov.in** ଏବଂ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ପ୍ରକଳ୍ପ) /S.E e କାର୍ଯ୍ୟାଳୟ । ଉଭୟ ପାଇଁ ରେଲୱେ / ଗାର୍ଡେନ ରିଚ୍ (Engg) **କରିଗେଣ୍ଡମ୍:** ଯେକୌଣସି କରିଗେଣ୍ଡମ୍ ଦୟାକରି ବିଡ୍ ଆରମ୍ଭ ହେବା ପୂର୍ବରୁ ଦେଖାଯାଇପାରେ ଯଥା ୧୯.୧୨.୨୦୨୪ ପର୍ଯ୍ୟନ୍ତ IREPS ପୋର୍ଟାଲ୍ ଉଭୟ ପାଇଁ **www.ireps.gov.in**

(PR-889)

# ସହରରେ ଏବେ ନାଟ୍ୟ ମହୋତ୍ସବ ପ୍ରସ୍ତୁତିର ରଙ୍ଗ

କେନ୍ଦ୍ରାପଡ଼ା, ୧୧/୧୨ (ନି.ପ୍ର): ବିବିଧ କଳାର ସମାବେସୀ ମଂଚ 'ସିମ୍ଫୋନି' ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ହେଉଥିବା ପ୍ରଥମ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ଖୁବ୍ ଉତ୍ସାହରେ ଅଗ୍ରସର ହେଉଥିବାର ପରିଲକ୍ଷିତ ହେଉଛି। ସହରର ବିଭିନ୍ନ ସ୍ଥାନରେ ଏହି ନାଟ୍ୟ ମହୋତ୍ସବର ରଙ୍ଗୀନ ହୋର୍ଡିଂ ସବୁ ଲଗାଯାଇଥିବା ପରିଲକ୍ଷିତ ହେଉଛି। ଆସନ୍ତା ଡିସେମ୍ବର ୨୮ ଓ ୨୯ ତାରିଖ ସହର ଉପକଣ୍ଠ ଗୁଆଲସିଂସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଏହି ଦ୍ୱିଦିବାସୀୟ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଡ଼ ବିନାୟକ ପ୍ରସାଦ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।


**OFFICE OF THE JALESWAR MUNICIPALITY, JALESWAR**

No 5475 Date 10.12.2024

**E-ProcurementNotice**

BID Identification No.JM_03_2023_24

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Interior works as mentioned in DTCN
2. No. of works : 01
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 11-12-2024 to 20-12-2024
6. Last date and time for receipt : 20-12-2024 up to 5.30 pm
7. Bids received online shall be opened on : 21-12-2024 from 10.00 am onwards
8. Name and address of the Officer Inviting Bid :Executive Officer, Jaleswar Municipality

Further details can be seen from the e-procurement portal i.e.https://tendersodisha.gov.in/nicgep/app.

OIPR : 13126/11/0010/2425

Executive Officer
Jaleswar Municipality



**ELECTION OFFICER, BANESWAR FISH FARMERS PRODUCER COOPERATIVE SOCIETY LTD.**

**ELECTION NOTICE**

NO.......07....... DATE.....07-12-2024

In exercise of power conferred on me under Odisha Cooperative Society Act (O.C.S Act), 1962 and O.C.S (Elections to the Committee) Rules-1992 and directions of the State Cooperative Election Commission, I, Sri Upendra Hembram Election Officer of Baneswar Fish Farmers Producers Cooperative Society Ltd. At- Bairam Nagar, P.O- Motiganj, Via/PS- Town Thana, Block- Sadar, District- Balasore, Pin-756001 do hereby notify that the Election to the Members of the Committee of Management will be held on date 09/02/2025 .

The election will be held for 15 no of Members for the Committee from 15 constituencies, one from each constituency. The detail programme will be published in due time.

07.12.2024

Election Officer, Baneswar Fish Farmers Producers Cooperative Society Ltd.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପ୍ରଥମଥର ପାଇଁ ...

କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆସନ୍ତାବର୍ଷ ରଥ ଦୀଘାସ୍ଥିତ ଜଗନ୍ନାଥ ମନ୍ଦିରରେ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରଥଯାତ୍ରାରେ ବ୍ୟବହୃତ ସୁନା ଝାଡୁ ପାଇଁ ନିଜ ଆକାଉଣ୍ଟରୁ ୫ ଲକ୍ଷ ଟଙ୍କା ଦେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଦୀଘାର ଜଗନ୍ନାଥ ମନ୍ଦିରକୁ ପୁରୀ ସହ ତୁଳନାକୁ ମନା କଲେ ମମତା ପୁରୀର ଏହି ମନ୍ଦିର ରାଜାଙ୍କ ସମୟରେ ନିର୍ମିତ ହୋଇଥିଲା । ଦୀଘା ମନ୍ଦିରକୁ ରାଜ୍ୟ ସରକାର ନିର୍ମାଣ କରିଛନ୍ତି । ସମ୍ପୂର୍ଣ୍ଣ ଅର୍ଥ ରାଜ୍ୟ ସରକାର ପ୍ରଦାନ କରିଛନ୍ତି ବୋଲି ମମତା କହିଥିଲେ। ଦୀଘା ଜଗନ୍ନାଥ ମନ୍ଦିରର ବିଶେଷତ୍ୱ କ'ଣ? ୨୦୦ ଏକର ଜମିରେ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି। ୯୦ ପ୍ରତିଶତ କାମ ଶେଷ ହୋଇଛି।

## ୧୬ଟି କାର୍ଯ୍ୟଦିବସ ଥାଇ...

ସରକାର ଏହି ବିଲକୁ ଚଳିତ ଅଧିବେଶନରେ ପାରିତ କରାଇବାକୁ ଆଗ୍ରହ ଦେଖାଇନଥିବା ଜଣାପଡ଼ିଛି । ଚଳିତ ଅଧିବେଶନରେ ୧୨ଦିନ ଗୃହ ଚାଲିଥିଲେ ମଧ ସେଥିରୁ ମାତ୍ର ୭ଟି କାର୍ଯ୍ୟଦିବସ ରହିଥିଲା । ସର୍ବଭାରତୀୟ ଡିଜି ସମ୍ମିଳନୀ ପାଇଁ ଗୃହ ୨ଦିନ ମୁଲତବୀ ରହିଥିଲା । ଗୃହରେ ଚଳିତ ଅଧିବେଶନରେ ୨୪ଟି ତାରକା ପ୍ରଶ୍ନ ଉପରେ ଆଲୋଚନା ହୋଇଥିବାବେଳେ ୧୭୫୦ଟି ତାରକା ପ୍ରଶ୍ନର ଉତ୍ତର ସରକାରଙ୍କ ପକ୍ଷରୁ ଲିଖିତ ଆକାରରେ ଦିଆଯାଇଛି । ତା'ଛଡ଼ା ବିଧାୟକମାନଙ୍କର ୨୨୯୫ଟି ଅଣତାରକା ପ୍ରଶ୍ନ ମଧ୍ୟରୁ ୨୧୯୧ଟି ପ୍ରଶ୍ନର ଲିଖିତ ଉତ୍ତର ମଧ ସରକାର ଦେଇଛନ୍ତି । ବିରୋଧୀ ଦଳ ଦ୍ୱାରା ଆଗତ ୬ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରିଥିବାବେଳେ ୨ଟି ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିଲା । ଚଳିତ ଅଧିବେଶନରେ ଗୃହରେ ୮ଟି ସିଏଜି ରିପୋର୍ଟ ସମେତ ୧୦ଟି ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଉପସ୍ଥାପିତ ହୋଇଛି । ଅନ୍ୟପକ୍ଷରେ ପୁଳାପୁଳା ପ୍ରସଙ୍ଗ ଥିଲେ ମଧ ଦୁଇ ପ୍ରମୁଖ ବିରୋଧୀ ଦଳ ଏହାକୁ ପ୍ରଭାବଶାଳୀ ଢଙ୍ଗରେ ଗୃହରେ ଉତଥାପନ କରିବାରେ ସକ୍ଷମ ହୋଇପାରିନଥିଲେ । ବିରୋଧୀ ଦଳଗୁଡ଼ିକର ସାମାନ୍ୟ ହଇଗୋଳ ଭିତରେ ବି ଶାସକ ଦଳ ଚଳିତ ଅଧିବେଶନକୁ ବେଶ୍ ସୁରୁଖୁରୁରେ ସମ୍ପାଦନ କରିବାରେ ସକ୍ଷମ ହୋଇଛି ।

## ଜଗଦୀପ ଧନଖଡ଼ ...

ନିୟମ ଅନୁଯାୟୀ ରାଜ୍ୟସଭାକୁ ଚଲାଉଥିଲେ। କିନ୍ତୁ ସେ (ରାଜ୍ୟସଭା ଅଧକ୍ଷ ଜଗଦୀପ ଧନଖଡ଼) ତାଙ୍କ ପରବର୍ତ୍ତୀ ପଦୋନ୍ନତି ପାଇଁ ସରକାରଙ୍କ ମୁଖପାତ୍ର ଭଳି କାର୍ଯ୍ୟ କରୁଛନ୍ତି। ଏହା କହିବାରେ ମୁଁ ଆଦୌ ସଙ୍କୋଚ କରୁ ନାହିଁ ଯେ ରାଜ୍ୟସଭାରେ ସବୁଠୁ ଅଧିକ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ନିଜେ ଏହାର ଅଧକ୍ଷ। ତାଙ୍କ କାର୍ଯ୍ୟ ଶୈଳୀ ଦେଶର ସମ୍ମାନକୁ ନଷ୍ଟ କରିଛି। କଂଗ୍ରେସ ସଭାପତି ଶ୍ରୀ ଖଡଗେ ଆହୁରି କହିଛନ୍ତି, ତାଙ୍କ (ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧକ୍ଷ ଜଗଦୀପ ଧନଖଡ଼) ସହିତ କୌଣସି ବ୍ୟକ୍ତିଗତ ଶତ୍ରୁତା ନାହିଁ। ବହୁ ଚିନ୍ତା କରିବା ପରେ ଆମେ କେବଳ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଏହି (ଅନସ୍ଥା ପ୍ରସ୍ତାବ) ପଦକ୍ଷେପ ନେଇଛୁ।

## ଦୋଛକିରେ ନବୀନ...

ଏନଡିଏ ସହ ରହିବ ବିଜେଡି ? ଏହାକୁ ନେଇ ଜାତୀୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଥିବାବେଳେ ବିଜେଡି ସୁପ୍ରିମୋ କହିଛନ୍ତି, ତର୍ଜମା ଚାଲିଛି । ଆଗକୁ ଆଭିମୁଖ୍ୟ ସ୍ପଷ୍ଟ ହେବ । ୨୦୨୪ ନିର୍ବାଚନରେ ନବୀନଙ୍କୁ କ୍ଷମତାରୁ ହଟାଇବା ପାଇଁ ପୁରା ବଳ କଷିଥିଲେ ମୋଦି-ଶାହାଙ୍କ ଯୋଡି । ୨୪ ବର୍ଷର ଶାସନରେ ଥିବା ବିଜେଡି ବି ମାଟି କାମୁଡିଥିଲା । ଏବେ ବିରୋଧୀ ଥିବା ବିଜେଡି କାହିଁକି ଜାତୀୟ ରାଜନୀତିରେ ସ୍ପଷ୍ଟ ନିଷ୍ପତ୍ତି ନେଇପାରୁନି, ସେ ନେଇ ରାଜନୈତିକ ମହଲ ଦ୍ୱନ୍ଦ୍ୱରେ ପଡିଛି । ସବୁବେଳେ ସମଦୂରତାର କଥା କହୁଥିବା ନବୀନ ପକ୍ଷ ବଦଳାଇବେ କି? ଦିଲ୍ଲୀରେ କାହିଁକି ବିଜେପିକୁ ବିରୋଧ କରିପାରୁନି ବିଜେଡି ? ରାଜ୍ୟସଭା ଅଧକ୍ଷଙ୍କ ଅନାସ୍ଥା ପ୍ରସଙ୍ଗରେ କାହିଁକି ସ୍ପଷ୍ଟ ନିଷ୍ପତ୍ତି ନେଇପାରୁନାହାନ୍ତି ନବୀନ ? ବିଭିନ୍ନ ଦୁର୍ନୀତି ଅଭିଯୋଗରେ ଇଡି, ସିବିଆଇର ଭୟ ରହୁଛି କି? ରାଜ୍ୟସଭା ଅଧକ୍ଷଙ୍କ ବିରୋଧରେ ନୋଟିସ ରାଜ୍ୟସଭା ମହାସଚିବଙ୍କୁ ଦେଇଛନ୍ତି ବିରୋଧୀ । ରାଜ୍ୟସଭାରେ ଗୃହୀତ ପ୍ରସ୍ତାବକୁ ଲୋକସଭା ସମର୍ଥନ କରିବା ଜରୁରୀ । ଅନାସ୍ଥା ପାଇଁ ୧୪ ଦିନ ଆଗରୁ ନୋଟିସ ଦିଆଯିବା ଆବଶ୍ୟକ। ତେବେ ପାର୍ଲାମେଣ୍ଟ ଅଧିବେଶନ ୨୦ ତାରିଖରେ ଶେଷ ହେଉଥିବାରୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

## ମେଣ୍ଟ ଚର୍ଚ୍ଚାକୁ ...

ସହ ଆପର ମେଣ୍ଟ ଚର୍ଚ୍ଚାକୁ ବଳ ଦେଇଥିଲା। ମାତ୍ର କଂଗ୍ରେସ ସହ ମେଣ୍ଟ ନକରିବା ନେଇ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ସୋସିଆଲ ମିଡିଆ ପୋଷ୍ଟ ଏହି ଚର୍ଚ୍ଚାରେ ବିରାମ ଲଗାଇଛି । ହରିଆଣା ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି ସହ ମେଣ୍ଟ ନେଇ ପ୍ରଥମେ କଂଗ୍ରେସ ପ୍ରସ୍ତାବ ଦେଇଥିଲା । ମାତ୍ର ଆସନ ଭାଗବଣ୍ଟାକୁ ନେଇ କଂଗ୍ରେସର ବଡଭାଇପଣିଆକୁ ପ୍ରତ୍ୟାଖାନ କରି ଆପ ଏକାକୀ ଲଢ଼ିଥିଲା । ଯାହାର ପ୍ରତିଫଳନ ଏବେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ହେବାକୁ ଯାଉଛି । ଏଠାରେ ଆପ ହେଉଛି ବଡଭାଇ । ଗତ ୨୦୧୩ରୁ ଆପ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ନେତୃତ୍ୱରେ ଦିଲ୍ଲୀ ନିର୍ବାଚନ ଜିତି ଆସୁଛି। ଏପରିକି ୨୦୧୫ ନିର୍ବାଚନରେ ଆପ ଦିଲ୍ଲୀରୁ ୭୦ ବିଧାନସଭା ଆସନରୁ ୬୫ ଜିତି ରେକର୍ଡ କରିଥିଲା । ତେଣୁ ଦିଲ୍ଲୀ ନିର୍ବାଚନରେ କାହା ସହିତ ବୁଝାମଣା ନକରିବାକୁ ଚାହିଁବା ସ୍ୱାଭାବିକ । ଗତ ଲୋକସଭା ନିର୍ବାଚନରେ ଆପ ଓ କଂଗ୍ରେସ ମଧ୍ୟରେ ମେଣ୍ଟ ହୋଇଥିଲା । ଦୁଇ ଦଳ ଦିଲ୍ଲୀର ୭ଟି ଲୋକସଭା ଆସନରୁ କୌଣସିରେ ଜିତିପାରିନଥିଲେ ମଧ ବିଜେପିକୁ ଭଲ ଟକ୍କର ଦେଇଥିଲେ । ଏଥରକ ଦିଲ୍ଲୀ ବିଧାନସଭା ନିର୍ବାଚନ ସ୍ଥିତି କିଛିଟା ଭିନ୍ନ । ଆପର ଦୁଇ ପ୍ରମୁଖ ଅରବିନ୍ଦ କେଜ୍ରିଓ୍ୱାଲ ଓ ତାଙ୍କ ସାଥୀ ମନିଷ ସିସୋଦିଆ ଦୁର୍ନୀତି ଅଭିଯୋଗରେ ବହୁଦିନ ଧରି ଜେଲରେ ଥିଲେ । ଏହାଛଡା ପ୍ରଦୁଷଣ ଓ ବହୁ ସ୍ଥାନୀୟ ସମସ୍ୟା ନେଇ ଦିଲ୍ଲୀବାସୀ ଲଗାତାର ବହୁଦିନ ଧରି ସମସ୍ୟା ଭୋଗୁଛନ୍ତି । ଯାହାକୁ ନେଇ ବିଜେପି ଆକ୍ରମଣ ମୁଦ୍ରାରେ ବଡ ଭୂମିକା ନେଇଛି । ଏପରି ସ୍ଥଳରେ ଆଗାମୀ ବିଧାନସଭା ନିର୍ବ ଜିତିବା ଆପ ବିଶେଷ କରି ଅରବିନ୍ଦ କେଜ୍ରିଓ୍ୱାଲଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇପାରେ ।

## ହୁସିଆର: ହଲ୍‌ମାର୍କ...

ଜୁଏଲର୍ସ ପଞ୍ଜୀକରଣ ନକରି ହଲମାର୍କ, ଅଣ ହଲମାର୍କ, ନକଲି ହଲମାର୍କ ସୁନା ଅଳଙ୍କାର ବିକ୍ରି କରୁଥିଲା। କୁଜଙ୍ଗର ରାଜଶ୍ରୀ ଜୁଏଲର୍ସ ବିକ୍ରି କରୁଥିଲା ବିନା ହଲମାର୍କ ସୁନା। ଅନ୍ୟ ୩ଟି ଜୁଏଲାର୍ସ ସୁନା ଅଳଙ୍କାର ନମୁନା ପରୀକ୍ଷାରେ ବିଫଳ ହେବାରୁ ଲାଇସେନ୍ସ ବାତିଲ କରିଛନ୍ତି ସରକାର। ମନ୍ତ୍ରୀ କହିଛନ୍ତି, ଆଗକୁ ଆହୁରି ଜୋରଦାର ହେବ ଚଢ଼ଉ। ନକଲି ସୁନା ବିକ୍ରି କରୁଥିଲେ ସିଲ ହେବ ଦୋକାନ। ହଲମାର୍କ ହେଉଛି ସୁନା ଶୁଦ୍ଧତାର ମାପକାଠି। ଏହାକୁ ଭାରତୀୟ ମାନକ ବ୍ୟୁରୋ ନିର୍ଦ୍ଧାରଣ କରିଛି। ଛଓଝ ଚିହ୍ନିତ ହଲମାର୍କ ଦ୍ୱାରା ସ୍ପଷ୍ଟ ହୋଇଥାଏ ଯେ, ସୁନା ଲ୍ୟାବରେ ପରୀକ୍ଷଣ ସହ ଯାଞ୍ଚ କରାଯାଇଛି। ଛଓଝ ୩ଟି ଗ୍ରେଡର ସୁନା ବଜାରକୁ ଛାଡ଼ିଥାଏ। ୧୪, ୧୮ ଓ ୨୨ କ୍ୟାରେଟ ଯୁକ୍ତ ସୁନା ପାଇଁ ହଲମାର୍କ ମାନକ ନିର୍ଦ୍ଧାରଣ କରିଛି ଭାରତୀୟ ମାନକ ବ୍ୟୁରୋ। ଏହାଦ୍ୱାରା ଆପଣ ଯେଉଁଠୁ କିଣିଲେ କିମ୍ବା ବିକ୍ରି କରୁଥିଲେ କୌଣସି ଅସୁବିଧାରେ ପଡିବେ ନାହିଁ। କିନ୍ତୁ ଏଥିରେ ମଧ ଠକେଇ କରୁଛନ୍ତି ଦୋକାନୀ।

## ଏଆଇ ଇଞ୍ଜିନିୟର...

ଭଳି ମାମଲା ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଅତୁଲ ସୁଭାଷ, ୨୪ ପୃଷ୍ଠାର ସୁସାଇଡ୍ ନୋଟ୍ ଓ ଦେଢ ଘଣ୍ଟାର ଭିଡିଓ ମେସେଜ୍ ଛାଡି ଜୀବନ ହାରିଛନ୍ତି। ଆକସେଞ୍ଚର ଭଳି ପ୍ରତିଷ୍ଠିତ ଆଇଟି କଂପାନୀରେ ଚାକିରୀ କରୁଥିବା ସତ୍ତ୍ୱେ ତାଙ୍କ ପତ୍ନୀ ନୀକିତା ଏକାଥରକେ ଛାଡ଼ପତ୍ର ସେଟେଲମେଣ୍ଟ ପାଇଁ ୩ କୋଟି ଟଙ୍କା ଦାବି କରୁଥିଲେ। ଯାହାକୁ ନେଇ ମାନସିକ ଚାପରେ ରହୁଥିଲେ ଅତୁଲ। ଲୋକମାନେ ଅତୁଲ ସୁଭାଷଙ୍କ ପାଇଁ ନ୍ୟାୟ ଦାବି କରୁଛନ୍ତି। ଯିଏ ଅତୁଲଙ୍କ କାହାଣୀ ଶୁଣୁଛି ସେ ଆଶ୍ଚର୍ଯ୍ୟ ହୋଇଯାଇଛି। ୩୪ ବର୍ଷୀୟ ଅତୁଲ, ମୂଳତଃ ବିହାରର, ବେଙ୍ଗାଲୁରୁରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ସ୍ତ୍ରୀ ନିକିତା ସିଙ୍ଘାନିଆ ଏବଂ ଶାଶୁଙ୍କ ବିରୋଧରେ ଅତୁଲ ଗୁରୁତର ଅଭିଯୋଗ କରିଛନ୍ତି। ଅତୁଲ କହିଛନ୍ତି ଯେ ତାଙ୍କ ସ୍ତ୍ରୀ ତାଙ୍କ ଦ୍ୱାରା ଅର୍ଜନ କରିଥିବା ଟଙ୍କା ତାଙ୍କ ବିରୋଧରେ ବ୍ୟବହାର କରନ୍ତି। ଏଭଳି ପରିସ୍ଥିତିରେ ସେ ଏହାର ମୂଳଦୁଆକୁ ନଷ୍ଟ କରିବାକୁ ଯାଉଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅତୁଲ ତାଙ୍କ ୪ ବର୍ଷର ପୁଅ ପାଇଁ ଏକ ବିଶେଷ ଉପହାର ଏବଂ ଚିଠି ମଧ ଛାଡିଛନ୍ତି। ତଥାପି, ସେ ତାଙ୍କ ପୁଅ ଉପରେ ୨୦୩୮ ପର୍ଯ୍ୟନ୍ତ ଏହି ଚିଠି ନ ଖୋଲିବାକୁ ଏକ ପ୍ରତିବନ୍ଧକ ଲଗାଇଛନ୍ତି। ତାଙ୍କ ସୁଇସାଇଡ ନୋଟରେ କୋଟି କୋଟି ଟଙ୍କା ଦାବି ସହ ମିଛ ମାମଲାରେ ଫଶାଯିବା ଭଳି ଅଭିଯୋଗ ରହିଛି। ପୁଲିସ ଛାନଭିନ ଆରମ୍ଭ କରିବା ସହ ସନ୍ଦିଗ୍ଧଙ୍କୁ ନେଇ ଜେରା କରୁଛି। ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ଅତୁଲ ବଡ଼ ପଦରେ କାମ କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## କରୋନାରେ ମୃତ...

ମାମଲାରୁ ପ୍ରକାଶ ଯେ, ସତ୍ୟବାଦୀ ଦେହୁରୀ ୧୯୯୯ରେ ପୁଲିସ କନଷ୍ଟେବଳ ଭାବେ ଚାକିରିରେ ଯୋଗ ଦେଇଥିଲେ। ୨୦୨୧ରେ ଅନୁଗୁଳ ରିଜର୍ଭ ଇନ୍ସପେକ୍ଟରଙ୍କ ଅଧିନସ୍ଥ ଏଚଆରଏମଏସରେ ସେ କାର୍ଯ୍ୟରତ ଥିବା ବେଳେ କରୋନା ସଂକ୍ରମଣ ସ୍ଥିତି ଉପୁଜିଥିଲା। ରିଜର୍ଭ କାର୍ଯ୍ୟାଳୟରେ ସେ ଡ୍ୟୁଟି କରୁଥିବା ବେଳେ ୨୦୨୧, ଅଗଷ୍ଟ୨୫ରେ କରୋନା ସଂକ୍ରମିତ ହୋଇଥିଲେ। ତାଙ୍କୁ ପ୍ରଥମେ ଅନୁଗୁଳର ଏକ ଡାକ୍ତରଖାନା ଓ ପରେ ଭୁବନେଶ୍ୱରସ୍ଥିତ ସରକାରଙ୍କ କୋଭିଡ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। କରୋନା ସଂକ୍ରମଣ କାରଣରୁ ୨୦୨୧, ଅକ୍ଟୋବର ୧୨ରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ୨୦୨୦, ଅଗଷ୍ଟ ୪ରେ ସରକାର ଜାରି କରିଥିବା ବିଜ୍ଞପ୍ତି ଅନୁସାରେ ଡ୍ୟୁଟି କରୁଥିବା ସରକାରୀ କର୍ମଚାରୀ ଯଦି କରୋନା ସଂକ୍ରମିତ ହୋଇ ପ୍ରାଣ ହରାଇଥାନ୍ତି ତେବେ ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ସ୍ୱତନ୍ତ୍ର ପେନସନ୍ ପ୍ରଦାନ କରାଯିବ। ସତ୍ୟବାଦୀ ଦେହୁରୀ ଡ୍ୟୁଟି କରୁଥିବା ବେଳେ କରୋନା ସଂକ୍ରମିତ ହୋଇଥିଲେ ଓ ଶେଷରେ ଏହି ସଂକ୍ରମଣରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ଅନୁଗୁଳ ଏସପିଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଓ ସ୍ୱତନ୍ତ୍ର ପେନସନ୍ ପାଇଁ ଆବେଦନକାରୀ ଦାଖଲ କରିଥିବା ଦରଖାସ୍ତକୁ ରାଜ୍ୟ ଗୃହ ବିଭାଗ ୨୦୨୨, ଜୁଲାଇ ୭ରେ ଖାରଜ କରିଥିଲା।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି

ବାରିପଦା, ୧୧/୧୨ (ନି.ପ୍ର): ପ୍ରାତଃସ୍ମରଣୀୟ ମୟୂରଭଞ୍ଜର ମହାରାଜା ତଥା ନ୍ୱୋଉତ୍କଳର ନବ ନିର୍ମାତା ଶ୍ରୀରାମଚନ୍ଦ୍ରଙ୍କ ଜୟନ୍ତୀ ପାଳନ ନିମନ୍ତେ ଆମେ ମୟୂରଭଞ୍ଜିଆ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପୌରପରିଷଦ ଯାତ୍ରୀ ନିବାସ ରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୭ ରେ ହେବାକୁଥିବା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ତମ ଜୟନ୍ତୀ ଉତ୍ସବ କୁ ପ୍ରତିବର୍ଷ ପରି ଗୌରବ ଦିବସ ଭାବେ ମହା ସମାରୋହ ରେ ପାଳନ ପାଇଁ ନିଷ୍ପତ୍ତି ହୋଇଛି । ଏହି ଅବସରରେ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ପକ୍ଷରୁ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଚିତ୍ରାଙ୍କନ, ମୁରୁଜ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ମହିଳା ମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦିବସ ବ୍ୟାପୀ ସ୍ଥାନୀୟ ଶିଶୁ ଉଦ୍ୟାନ ରେ ଥିବା ଐତିହାସିକ ବ୍ୟାଣ୍ଡ ଷ୍ଟାଣ୍ଡ ରେ ମହାରାଜା ଶ୍ରୀରାମ ଚନ୍ଦ୍ର ଙ୍କ ଉପରେ ଆଲୋଚନା ଚକ୍ର ସହିତ ବିଭିନ୍ନ ପ୍ରକାରର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେ୍ବାକୁ ସ୍ଥିର ହୋଇଛି । ଏଥି ସହିତ ଅପରାହ୍ନରେ ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଅନନ୍ୟ ମୋ ମୟୂରଭଞ୍ଜ ଶୀର୍ଷକ ରେ ଏକ କବିତା ପାଠଉତ୍ସବ ର ଆୟୋଜନ କରାଯାଇଛି । ଆମେ ମୟୂରଭଞ୍ଜିଆ ର ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀ ଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବିଶିଷ୍ଟ କ୍ରୀଡ଼ା ପ୍ରଶାସକ କୁମାର ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ଼ଃ ତରୁଣ କୁମାର ଓଝା, ଇଂ ସୁନୀଲ କୁମାର ପ୍ରଧାନ, ଶିକ୍ଷାବିତ କୋମଳ ଲୋଚନ ମହାକୁଡ଼, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, କଳା ଶିକ୍ଷୟିତ୍ରୀ ପ୍ରଣତି ପଟ୍ଟନାୟକ, ସମାଜସେବୀ ସାଇ ପ୍ରକାଶ ମହାନ୍ତି ପ୍ରମୁଖ ଯୋଗ ଦେଇ ଗୌରବ ଦିବସ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସଂକଳ୍ପ ନେଇଥିଲେ ।

## ବିଶିଷ୍ଟ ପାଲାଗାୟକ ଘନଶ୍ୟାମ ଦାସଙ୍କ ଦେହାନ୍ତ

ନୀଳଗିରି, ୧୧/୧୨ (ନି.ପ୍ର): ନୀଳଗିରି ବ୍ଲକ ଅଁଳାପାଳ ଗ୍ରାମର ବରିଷ୍ଠ ପାଲାଗାୟକ ଘନଶ୍ୟାମ ଦାସଙ୍କ ୯୧ ବର୍ଷ ବୟସରେ ଦେହାନ୍ତ ହୋଇଛି । ସେ ୩୦ ବର୍ଷ ଧରି ଓଡ଼ିଶାର ବିଭିନ୍ନ ସ୍ଥାନରେ ପାରମ୍ପରିକ ପାଲାଗାୟନ କରି ବେଶଚର୍ଚ୍ଚିତ ଥିଲେ । ଚାଷୀ ମାନଙ୍କ ପାଇଁ ଲଢେଇ କରି ସେ ୧୩ ଦିନ କାରାବରଣ ମଧ୍ୟ କରିଥିଲେ ।ସେ ଜଣେ ମିଷ୍ଟଭାଷୀ, ବନ୍ଧୁବତ୍ସଳ, ଦରଦିବନ୍ଧୁ ଭାବେ ଅଞ୍ଚଳରେ ପରିଚିତ ଥିବା ବେଳେ ସେ ନିଜର ଶେଷ ଜୀବନ ପର୍ଯ୍ୟନ୍ତ ନିଜକୁ ସମାଜସେବାରେ ଲଗାଇଥିଲେ । ସୋମବାର ବିଳମ୍ବିତ ରାତିରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଯେଉଁଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶବସତ୍କାର କରାଯାଇଛି ।ଶ୍ରୀ ଦାସଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ନିୟମ ଶୀର୍ଷକ କର୍ମଶାଳା

ଭଦ୍ରକ, ୧୧/୧୨ (ନି.ପ୍ର): ଜିଲ୍ଲା ପ୍ରଶାସନ, ଭଦ୍ରକ ଓ ଶିଶୁ ସୁରକ୍ଷାୟୁନିଟ୍ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଏକ ଦିବସୀୟ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ୍ ଓ ପ୍ରତିପାଳନ ଯତ୍ନ ଶୀର୍ଷକ କର୍ମଶାଳା ଶିଶୁ ମଂଗଳ ସମିତିର ଅଧ୍ୟକ୍ଷ ଡ଼ା. ଦେବରାଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଡ଼େପୁଟି କଲେକ୍ଟର ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନୀତ ଅତିଥି ରୂପେ ଡ଼ି.ଏସ୍.ପି ସତ୍ୟନନ୍ଦ, ଆମନ୍ତ୍ରିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ମଂଗଳ ଅଧିକାରିଣୀ ଉର୍ମିଳା ଗୋଚ୍ଛାୟତ, ସି.ଡ଼ି.ଏମ୍.ଓ.




ଏସ୍.ଏସ୍.ବଳ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଜିଲ୍ଲା ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାରମ୍ଭିକ ସୂଚନା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରଦାନ କରିଥିବା ବେଳେ ଶିଶୁ ସୁରକ୍ଷା ଅଧିକାରୀ କର୍ମଶାଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବାଲ୍ୟ ବିବାହ ସଂଯୋଜକ ପ୍ରଦୋଷ ରାଉତ, ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ମତ ରଖିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଆଇନସମ୍ମତ ଶିଶୁ ହିଁ ଗ୍ରହଣ ଯୋଗ୍ୟ ଅଟେ ବୋଲି ମତବ୍ୟକ୍ତ କରିଥିଲେ । ଓଇ.ଏସ୍.ପି. ଶ୍ରୀ ନନ୍ଦ ନିଜ ବକ୍ତବ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଆଇନ ଉପରେ ନିଜ ମତ ପ୍ରଦାନ କରିଥିଲେ । ବିଷୟ ବିଷାରଦ ରୂପେ ଅନୁଗୁଳର ଶିଶୁ ମଙ୍ଗଳ ସମିତି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରତିପାଳନ ଯତ୍ନ ପାଇଁ ପୋଷ୍ୟ ଗ୍ରହଣ ଦମ୍ପତି କିପରି ଆବେଦନ କରିପାରିବେ ଏବଂ ଅନଲାଇନ୍ ପଦ୍ଧତି ମାଧ୍ୟମରେ ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତି ସହଜ ଓ ସରଳ ଉପାୟରେ ଆବେଦନ କରି ଆଇନସମ୍ମତି ଶିଶୁ ଟିଏ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରି ପାରିବେ । ଏହି କର୍ମଶାଳାରେ ମହିଳା ଓ ଶିଶୁ ବିକାଶ ବିଭାଗର ସି.ଡ଼ି.ପି.ଓ., ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟରତ ପୋଲିସ୍ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ବାରିକ୍, ଦମୟନ୍ତୀ ଦାଶ, ଧୀରଜ ବାରିକ୍, ମହେଶ ଚନ୍ଦ୍ର ଦାଶ, ସୁଦର୍ଶନ ବାତ୍ରା ସମେତ ଚାଇଲ୍ଡ ଲାଇନର ସଂଯୋଜିକା ଶୁଭଶ୍ରୀ ପଢ଼ିଆରି, ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ଦିଗ୍‌ବିଜୟ ମହାନ୍ତି ଓ କର୍ମକର୍ତ୍ତା ସମେତ ଶିଶୁ ଅନୁଷ୍ଠାନର ସସ୍ମିତା ନାୟକ, ନିବେଦିତା ଲେଙ୍କା, ସସ୍ମିତ ମହାନ୍ତି, ଧନଞ୍ଜୟ ଜେନା, ଜ୍ୟୋତି ପ୍ରକାଶ ପତି, ଦିଗନ୍ତ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱର ଜିଲ୍ଲା ରେଡକ୍ରସ ଶାଖା ଗଠିତ

ବାଲେଶ୍ୱର, ୧୧/୧୨ (ନି.ପ୍ର): ଦୀର୍ଘଦିନ ଧରି ନୀରବ ଥିବା ଜିଲ୍ଲା ରେଡକ୍ରସ ଶାଖା ଆଜି ଅପରାହ୍ନରେ ଜିଲ୍ଲାପାଳ ତଥା ଶାଖାର ସଭାପତି ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ସଦଭାବନା ଗୃହରେ ଅନୁଷ୍ଠିତ ହୋଇ ଯାଇଅଛି । ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ନୂତନ ବାଇ ଲ ଅନୁସାରେ ନିର୍ବାଚନ ନିମନ୍ତେ ଘୋଷଣା କରିଥିଲେ । ସର୍ବସମ୍ମତି କ୍ରମେ ୧୦ ଜଣ ସଦସ୍ୟ ସଦସ୍ୟା ସର୍ବଶ୍ରୀ ଅନ୍ତର୍ଯାମି ପ୍ରଧାନ, ପ୍ରଦୀପ ଚାଟାର୍ଜୀ, ଅନିରୁଦ୍ଧ ଦାସ, ଲମ୍ବୋଦର ନାୟକ, ପ୍ରଶାନ୍ତି ପଣ୍ଡା, ସାଗରିକା ମହାନ୍ତି, ଅମୃତାଂଶୁ ପଟ୍ଟନାୟକ, ସାହିରୁଲ ହକ୍, କମଳ ଲୋଚନ ଦାସ ଓ ସଂଘମିତ୍ରା ମହାନ୍ତି ପ୍ରମୁଖ ନିର୍ବାଚିତ ହେବା ପରେ ସେମାନଙ୍କ ମଧ୍ୟରୁ ଅନ୍ତର୍ଯାମୀ ପ୍ରଧାନଙ୍କୁ ଚେୟାରମେନ ,ଲମ୍ବୋଦର ନାୟକ ଭାଇସ ଚେୟାରମେନ୍ ଓ ଏସ ବି ଆଇ, ଅଧିକାରୀ ରାଜେଶ କୁମାର ବେହେରାଙ୍କୁ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି । ଫାଇନାନ୍ସ କମିଟିର ଏମ.ଡି.ଇସଲାମ, ଡିଜାଷ୍ଟାର କମିଟିର ଶ୍ରୀନିବାସ ପ୍ରଧାନ, ସ୍ୱାସ୍ଥ୍ୟର କମିଟି ରାଜେନ୍ଦ୍ର ମହାନ୍ତି, ୟୁଥ ରେଡକ୍ରସର ଖଗେନ୍ଦ୍ର ସାହୁ ଓ ଜୁନିୟର ରେଡକ୍ରସ ସସ୍ମିତା ନନ୍ଦ ପ୍ରମୁଖ ସବ କମିଟି ଚେୟାରମେନ୍ ଭାବେ ନିର୍ବାଚିତ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଗଣେଶ୍ୱର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜରୁରୀ କାଳୀନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ମର୍ଡୁ ଫର୍ନାଣ୍ଡୋ ଶ୍ରୀଲଙ୍କା ସୁପ୍ରିମକୋର୍ଟରେ ଦ୍ୱିତୀୟ ମହିଳା ପ୍ରଧାନ ବିଚାରପତି

କଲମ୍ବୋ, ୧୧/୧୨ (ନି.ପ୍ର): ଡ.ଶିରାନୀ ଭଣ୍ଡାରନାୟକେଙ୍କ ପରେ ମର୍ଡୁ ଫର୍ନାଣ୍ଡୋ ଶ୍ରୀଲଙ୍କା ସୁପ୍ରିମକୋର୍ଟର ଦ୍ୱିତୀୟ ମହିଳା ପ୍ରଧାନ ବିଚାରପତି । ସେ କାଲି ନ୍ୟାୟର ସ୍ୱତନ୍ତ୍ର ଓ ନିରପେକ୍ଷ ମଧ୍ୟସ୍ଥ ଭାବେ ଦେଶର ନ୍ୟାୟପାଳିକାର ଅଖଣ୍ଡତା, ସ୍ୱାଧୀନତା ଓ ଗାରିମାକୁ ବଜାୟ ରଖିବା ପାଇଁ ନିଜ ଅତୁଟ ପ୍ରତିବଦ୍ଧତାର ପ୍ରତିଜ୍ଞା ନେଇଛନ୍ତି । ଡେଲି ମିରର ସମାଚାର ପତ୍ର ଅନୁସାରେ, ପ୍ରଧାନ ବିଚାରପତି ମର୍ଡୁ ଫର୍ନାଣ୍ଡୋ ଏହି ଟିପ୍ପଣୀ ଔପଚାରିକ ସ୍ୱାଗତ ସମାରୋହରେ କହିଛନ୍ତି । ଶ୍ରୀଲଙ୍କା ସୁପ୍ରିମକୋର୍ଟ ଦେଶର ୪୮ତମ ମୁଖ୍ୟ ବିଚାରପତିଙ୍କ ସ୍ୱାଗତ ପାଇଁ ସମାରୋହର ଆୟୋଜନ କରିଛି । ନବନିର୍ବାଚିତ ପ୍ରଧାନ ବିଚାରପତି ମର୍ଡୁ ଫର୍ନାଣ୍ଡୋଙ୍କର ସର୍ବୋଚ୍ଚ କୋର୍ଟ, ଅପିଲ କୋର୍ଟ, ହାଇକୋର୍ଟ, ଜିଲ୍ଲା କୋର୍ଟ ଓ ମାଜିଷ୍ଟ୍ରେଟ କୋର୍ଟର ବିଚାରପତିମାନେ ସ୍ୱାଗତ କରିଥିଲେ ।

## ସ୍ମୃତିରେ ଅଧୀପ ଦାସ

ବାଲେଶ୍ୱର, ୧୧/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସୁନହଟ ଅଞ୍ଚଳ ର ଜମିଦାର ତଥା ସମ୍ଭ୍ରାନ୍ତ ବଂଶର ଦାୟଦ ଭାବେ ସ୍ୱର୍ଗତ ଅନଙ୍ଗଭିମ ଦାସ ଙ୍କ ଦ୍ୱିତୀୟ ପୁତ୍ର ଅଧିପ ଦାସ ଜଣେ ସ୍ୱାଭିମାନୀ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହିସାବ ରେ ସମଗ୍ର ଓଡ଼ିଶା ରେ ପରିଚିତ । ଛାତ୍ର ଜୀବନରୁ ଛାତ୍ର ନେତା ହିସାବ ରେ ରାଜନୀତି ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଭୂମିକା ଦାୟିତ୍ୱ ର ସହିତ ତୁଲାଇଥିଲେ । ଛାତ୍ର ଜୀବନ ରେ ଫକୀର ମୋହନ ମହାବିଦ୍ୟାଳୟ ରେ ଛାତ୍ର ନେତା ହିସାବ ରେ ନିଖିଳ ଉତ୍କଳ ଛାତ୍ର ୟୁନିଅନ୍ ର ଟାଣୁଆ ନେତା ଭାବେ ଓଡ଼ିଶା ରେ, ସେ ସମୟରେ ବିଭିନ୍ନ ମହାବିଦ୍ୟାଳୟର ସାଂଗଠାନିକ ଦାୟିତ୍ୱ ନିର୍ବାହ କରିଥିଲେ । ପରବର୍ତ୍ତୀ ସମୟ ରେ ରାଜନୀତି ରେ ଯୋଗ ଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକ, ସ୍ୱର୍ଗତ ନୀଳମଣି ରାଉତରାୟ ଙ୍କ ଅତି ପ୍ରିୟ ତଥା ଅନୁଗାମୀ ଭାବେ ଆଦର୍ଶ ଜନିତ ରାଜନୀତି ରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବିଜୁ ବାବୁ ତାଙ୍କୁ ବାଲେଶ୍ୱର ନିର୍ବାଚନ ମଣ୍ଡଳୀରୁ ବିଧାୟିକ ଭାବେ ନିର୍ବାଚନ ଲଢ଼ିବାକୁ ଟିକେଟ ପ୍ରଧାନ କରି ଥିଲେ ମଧ୍ୟ ସେ ଏହାକୁ ଗ୍ରହଣ ନ କରି ପରବର୍ତ୍ତୀ



ସମୟ ରେ ବିଜୁ ବାବୁ ଙ୍କ ନିର୍ଦ୍ଦେଶ ଦଳୀୟ ସାଙ୍ଗଠନିକ ଦାୟିତ୍ୱ ନିର୍ବାହ କରିଥିଲେ । ସେ ଜଣେ ସଫଳ କ୍ରୀଡାବିତ୍ ଥିବାରୁ ବାଲେଶ୍ୱର ଜିଲ୍ଲାରେ ଜିଲ୍ଲା ର କ୍ରୀଡା ର ବିକାଶ ବିସ୍ତାର କରିବା ପାଇଁ ସେ ଅହରହ ପ୍ରଚେଷ୍ଟା ଜାରି ରଖି ରାଜ୍ୟ ତଥା ଜାତୀୟ ସ୍ତରରେ ଅନେକ କ୍ରୀଡାବିତ୍ ପ୍ରସ୍ତୁତ କରି ପାରିଛନ୍ତି । ତାଙ୍କର ଏହି ଅତୁଳନୀୟ ଅବଦାନ ପାଇଁ ବାଲେଶ୍ୱର ବାସୀ ତଥା ରାଜ୍ୟ ବାସୀ ଜଣେ ଦକ୍ଷ ତଥା ସ୍ୱାଭିମାନୀ ବ୍ୟକ୍ତିତ୍ୱ କୁ ହରାଇଲେ ବୋଲି ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ପକ୍ଷରୁ ସୂଚନା ପ୍ରଦାନ କରା ଯାଇଛି । ଜଣେ ଦକ୍ଷ କ୍ରୀଡା ସଂଗଠକ ଭାବରେ ଶ୍ରୀ ଦାସ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ରେ ୧୯୭୬ ମସିହା ପର ଠାରୁ ଜିଲ୍ଲା କ୍ରୀଡାସଂଘ ରେ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ନିର୍ବାହ କରିବା ସହ ୧୯୭୭ ମସିହା ପର ଠାରୁ ସାଧାରଣ ସମ୍ପାଦକ ଭାବେ ଦୀର୍ଘଦିନ ଧରି ନିଜର ମୃତ୍ୟୁ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ଜଣେ ଦକ୍ଷ କ୍ରୀଡ଼ା ସଂଗଠକ ଭାବେ ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡା ସଂଘ ମାନଙ୍କ ରେ ସମୟ ସମୟ ରେ ବିଭିନ୍ନ ପଦ ପଦବୀ ରେ ଅଧିଷ୍ଠିତ ହୋଇ ସଫଳତା ର ସହ ଦାୟିତ୍ୱ ନିର୍ବାହ କରିଥିଲେ । ଓଡ଼ିଶା ଅଲିମ୍ପିକ୍ ସଂଘ ରେ ୧୯୮୮ମସିହା ରୁ, ମୃତ୍ୟୁ ପର୍ଯ୍ୟନ୍ତ କୋଷାଧକ୍ଷ ଦାୟିତ୍ୱ କରୁ ଥିଲେ । ତତ୍ ସହିତ ଓଡ଼ିଶା ବକ୍ସିଂ ସଙ୍ଘ ର ସଭାପତି ରହିବା ସଙ୍ଗେ ସଙ୍ଗେ, ଓଡିଶା କ୍ରିକେଟ ସଂଘ ର ଉପ-ସଭପତି ଥିଲେ । ଏଥି ସହ ରାଜ୍ୟ ଫୁଟବଲ ସଂଘ, ଦୌଡକୁଦ ସଂଘ ରେ ମଧ୍ୟ ବରିଷ୍ଠ କର୍ମକର୍ତ୍ତା ଥିଲେ । ଭାରତୀୟ ଅଲିମ୍ପିକ୍ ସଂଘ ରେ ଯୁଗ୍ମ ସମ୍ପାଦକ ରହିବା ସଙ୍ଗେ ସଙ୍ଗେ ଭାରତୀୟ ଦୌଡକୁଦ ମହାସଂଘ ର କାର୍ଯ୍ୟକାରୀ ସଦସ୍ୟ ଭାବେ ଆଜୀବନ କାର୍ଯ୍ୟରତ ଥିଲେ । ବାଲେଶ୍ୱର ରାୟ- ସାହେବ ଫୁଟବଲ୍ ପ୍ରତିଯୋଗିତା ସହ ରଣଜୀ ଟ୍ରଫି ଏଂ ଅନ୍ୟାନ୍ୟ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ସଫଳତା ର ସହ ଆୟୋଜିତ କରିବା ରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ଅଞ୍ଜଳିର ୧୦ ମାସର ଭତ୍ତା ହଡ଼ପ କଲେ ପିଇଓ: ରଫାଦଫା ବେଳେ ପିଇଓଙ୍କୁ ଅଟକ ରଖିଲେ ଗ୍ରାମବାସୀ

ଜଳେଶ୍ୱର , ୧୧/୧୨ (ନି.ପ୍ର): ଜଳେଶ୍ୱର ବ୍ଲକରେ ଭତ୍ତା ହିତାଧିକାରୀ ଙ୍କ ଅର୍ଥ ଆତ୍ମସାଥ ପ୍ରସଙ୍ଗ ଥମିବାର ନାଁ ଧରୁନାହି ସେହିପରି ସମ୍ବେଦନଶିଳ ଘଟଣା ଦେଖିବାକୁ ମିଳିଛି ସୂଗୋ ଗ୍ରାମ ପଞ୍ଚାୟତର କମାଣପଦା ଆଦିବାସୀ ସାହିରେ ସୂଚନା ଅନୁଯାୟୀ ୯ ନମ୍ବର ୱାର୍ଡର ଅସହାୟ । ବିଧବା ମହିଳା ଅଞ୍ଜଳି ମୁର୍ମୁ ଭାଗ୍ୟରେ । ଅଞ୍ଜଳି ୨କୁନି କୁନି ପିଲାଙ୍କୁ ନେଇ କୁଡ଼ିଆ ଘରେ ମୂଲ ଲାଗି ପରିବାରର ଚଲାଇ ଆସୁଥିବା ବେଳେ ବିଧବା ଭତ୍ତା ପାଇଁ ୨ ବର୍ଷ ଆଗରୁ ଆବେଦନ କରିଥିଲେ ତାଙ୍କର ଫେବୃଆରି ମାସରୁ ଭତ୍ତା ଟଙ୍କା ଗୃହୀତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ଜଣାଯାଇ ନଥିଲା ଏ ନେଇ ସରପଞ୍ଚ ଜୟନ୍ତୀ ପରିଡା ଙ୍କୁ ଜ୍ଞାତହେବାରୁ ଗତ ୬ ତାରିଖ ଦିନ ସକାଳ ଖବରକାଗଜରେ ଖବର ପ୍ରସାରଣ ହେବା ଫଳରେ ଭତ୍ତା ପ୍ରଦାନରେ ସଂପୃକ୍ତ ସରକାରୀ କର୍ମଚାରୀ ବିବାଦ ଭିତରକୁ ଆସିଥିଲେ ଯାହା ଫଳରେ ଘଟଣାକୁ ଚପାଇ ଦେବା ପାଇଁ ସବୁ ସ୍ତରରେ ଖୁବ୍ ପ୍ରୟାସ ହୋଇଥିଲା । ଏପରିକି ସମ୍ପୃକ୍ତ ପିଇଓ ଦେବେନ୍ଦ୍ର ରାଜ କୁ ଅନ୍ୟତ୍ର ବଦଳି କରାଯାଇ ଥିଲା କିନ୍ତୁ ବୁଧବାର ମଧ୍ୟାହ୍ନରେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ



ନଜଣାଇ ଲୁଚି ଛପି ଅଞ୍ଜଳୀ ଙ୍କ ଘରେ ପହଞ୍ଚି ଥିଲେ ସୂଚନା ପାଇଁ ଗ୍ରାମ ବାସି ବିବାଦୀୟ ପିଇଓ କୁ ଦୀର୍ଘ ସମୟ ଅଟକ ରଖିବା ସହିତ ହୋ ହୋଲା କହିଥିଲେ ଏହା ସହିତ ତିନି ଜଣ ବିଧବା ମହିହା ଚଞ୍ଚକତା ଶିକାର ହୋଇଥିବା ଅଭିଯୋଗ ଆଣିଥିଲେ । ଖବର ଲେଖିବା ପର୍ଯ୍ୟନ୍ତ କୌଣସି ଉପରସ୍ତ ଅଧକାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିଲେ ପିଇଓ ଟଙ୍କା ଦେଇ ଖସି ଯିବାକୁ ବସିଥିବା ବେଳେ ଗ୍ରାମ ବାସୀ ମାନେ ପିଇଓଙ୍କୁ କଠୁର ଦଣ୍ଡ ବିଧାନ ପାଇଁ ଅଡି ବସିଛନ୍ତି ।

## ଗୋଆ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା

ଭୁବନେଶ୍ୱର, ୧୧/୧୨ (ନି.ପ୍ର): ଗୋଆ ସୂଚନା ଓ ପ୍ରସାରଣ ବିଭାଗର ନିର୍ଦ୍ଦେଶକ ଦୀପକ୍ ବନ୍ଦେରକରଙ୍କ ନେତୃତ୍ୱରେ ଓଡ଼ିଶା ପରିଦର୍ଶନରେ ଆସିଥିବା ଗୋଆର ଗ୍ରାମଚଂଳ ଗଣମାଧ୍ୟମ ପ୍ରତିନିଧି ଦଳ ଚଳିତ ଡ଼ିସେମ୍ବର ୧୧ ତାରିଖ ଦିନ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଗୋଆ ପ୍ରତିନିଧି ଦଳଙ୍କୁ ସ୍ୱାଗତ କରି ଶୁଭେଚ୍ଛା ଜଣାଇବା ସହ ଓଡ଼ିଶା ଓ ଗୋଆର ସାଂସ୍କୃତିକ ଐତିହ୍ୟ ଓ ପର୍ଯ୍ୟଟନ ବିଭବ ସଂପର୍କରେ ଆଲୋଚନା କରିଥିଲେ । ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ, ଓଡ଼ିଶା ପରି ପବିତ୍ର ଭୂମିର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ପର୍ଯ୍ୟଟନ ସଂପର୍କରେ ସେମାନେ ଜାଣି ଗୋଆ ଲୋକମାନଙ୍କୁ ଏସଂପର୍କରେ ଜଣାଇବାକୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ “ଏକ ଭାରତ, ଶ୍ରେଷ୍ଠ ଭାରତ” କାର୍ଯ୍ୟକ୍ରମ ସଂପର୍କରେ ଅବତାରଣା କରି କହିଥିଲେ ଯେ ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତର ଅନନ୍ୟ ସୌନ୍ଦର୍ଯ୍ୟ । ଭାରତରେ ଅଂଚଳ ଅନୁଯାୟୀ ରୀତିନୀତି, ଚଳଣୀ, ପରମ୍ପରା, ଭାଷା ଅଲଗା ହେଲେ ମଧ୍ୟ ଭାରତ ଏକତା ସୂତ୍ରରେ ବାନ୍ଧି ହୋଇ ରହିଛି । ଉଭୟ ରାଜ୍ୟ ମଧ୍ୟରେ ଥିବା ସାମଞ୍ଜସ୍ୟ ସଂପର୍କରେ ଆଲୋକପାତ କରି ଗୋଆ ପ୍ରତିନିଧି ଦଳଙ୍କର ଓଡ଼ିଶା ପରିଦର୍ଶନ ଓଡ଼ିଶା ଓ ଗୋଆ ମଧ୍ୟରେ ସଂପର୍କ ସୁଦୃଢ଼ କରିବ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଥିଲେ । ଏହି ଅବସରରେ ଗୋଆରୁ ଆସିଥିବା ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଓଡ଼ିଶା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଏକାଦଶାହ ଉପଲକ୍ଷେ



ଅଧୀପ ଦାସ
ସମ୍ପାଦକ, ଜିଲା କ୍ରୀଡ଼ାସଂଘ, ବାଲେଶ୍ୱର, କୋଷାଧକ୍ଷ, ଓଡ଼ିଶା ଅଲମ୍ପିକ ସଂଘ, ଉପସଭାପତି, ଓଡ଼ିଶା କ୍ରିକେଟ ସଂଘ, ଯୁଗ୍ମ ସମ୍ପାଦକ, ଭାରତୀୟ କ୍ରିଡ଼ା ଫେଡେରେସନ, କାର୍ଯ୍ୟକାରୀ ସଭ୍ୟ ଭାରତୀୟ ଅଲମ୍ପିକ ସଂଘ
ସୁନହଟ, ବାଲେଶ୍ୱର
ଆବିର୍ଭାବ : ୨୫.୦୩.୧୯୪୮ | ତିରୋଧାନ : ୦୨.୧୨.୨୦୨୪
ବାଲେଶ୍ୱରର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମନେଇ ଛାତ୍ର ଜୀବନରୁ ରାଜନୀତି କ୍ଷେତ୍ରରେ ଅବଦାନ ସହ ପରବର୍ତ୍ତୀ ସମୟରେ ଜଣେ ଦକ୍ଷ କ୍ରୀଡ଼ା ସଂଗଠକ ଭାବେ ସମଗ୍ର ରାଜ୍ୟ ତଥା ଭାରତବର୍ଷରେ ସୁନାମ ଅର୍ଜନ କରି ସମଗ୍ର ବାଲେଶ୍ୱର ଜିଲାରେ ସଫଳତାର ସହ ବିଭିନ୍ନ କ୍ରୀଡ଼ା ଆୟୋଜନ କରିବାରେ ତଥା ସମଗ୍ର ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ ଆପଣଙ୍କ ଉଲ୍ଲେଖନୀୟ ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କର ବ୍ୟକ୍ତିତ୍ୱ, ସରଳତା, ଉପଦେଶ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ଏକାଦଶାହରେ ଆପଣଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।
ଶ୍ରଦ୍ଧାଞ୍ଜଳି ସହ : ଧ୍ୱନି ପ୍ରତିଧ୍ୱନି ପରିବାର

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନୂତନ ପରିଚାଳନା କମିଟି ଗଠିତ

ବାଲେଶ୍ୱର, ୧୧/୧୨ (ନି.ପ୍ର): ଖୁଣ୍ଟାପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନୂତନ ପରିଚାଳନା କମିଟି ଗଠନ ପାଇଁ ଏକ ବୈଠକ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରଞ୍ଜିତା ପତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷାକେନ୍ଦ୍ରର ସମ୍ବିଧାନ ଅନୁଯାୟୀ ଏହା ପ୍ରତ୍ୟେକ ତିନି ବର୍ଷରେ ଥରେ ଗଠିତ ହୁଏ ବୋଲି ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ପତି ସୂଚନା ଦେବା ସହ ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ କାହ୍ନୁ ଚରଣ ପତି ଙ୍କୁ ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ଅନୁରୋଧ କରିଥିଲେ । ତଦନୁଯାୟୀ ସର୍ବସମ୍ମତି କ୍ରମେ ଆଗାମୀ କାର୍ଯ୍ୟକାଳ ପର୍ଯ୍ୟନ୍ତ ସଭାପତି-ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀ, ଉପସଭାପତି - ପ୍ରଦୀପ କୁମାର ଭଞ୍ଜ, ସମ୍ପାଦକ - ଶ୍ରୀଯୁକ୍ତ କାହ୍ନୁଚରଣ ପତି ଓ ସଦସ୍ୟା ଭାବେ ପ୍ରଧାନ ଆଚାର୍ଯ୍ୟା- ଶ୍ରୀମତୀ ରଞ୍ଜିତା ପତି, ଶିକ୍ଷିକା ପ୍ରତିନିଧି ଦମୟନ୍ତୀ ମହାନ୍ତ , ଅଭିଭାବକ ସଦସ୍ୟ



ଭାବେ ଶ୍ରୀମତୀ ମୀନତି ନାଥ, ଶ୍ରୀଯୁକ୍ତ ଦେବଦତ୍ତ ପାଣିଗ୍ରାହୀ, ଶ୍ରୀମତୀ ରେବତୀ ସିଂ ଶିକ୍ଷାବିତ୍ ଭାବରେ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଭୋଇ ଓ ଉପଦେଷ୍ଟା ଭାବରେ ଶ୍ରୀଯୁକ୍ତ ଗୋକୁଳା ନନ୍ଦ ବାରିକ , ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର , ଶ୍ରୀଯୁକ୍ତ ବ୍ରଜ କୁମାର ଦାସ, ଶ୍ରୀଯୁକ୍ତ ଶଶୀକାନ୍ତ ଦାସ ଓ ସ୍ୱାସ୍ଥ୍ୟ ସେବକ ଶ୍ରୀଯୁକ୍ତ ଚକ୍ରଧର ପଣ୍ଡା, ଦାତା ସଭ୍ୟା ଭାବେ ପାର୍ବତୀ ମଣି ପତି ଙ୍କ ନାମ ଘୋଷଣା କରାଯାଇଥିଲା । ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଯୋଗେନ୍ଦ୍ର ଦାଶ ମହୋଦୟ ଏବଂ ପରିଷଦ ପ୍ରତିନିଧି ଶ୍ରୀଯୁକ୍ତ ରତିକାନ୍ତ ଚୈାଧୁରୀ ମଧ୍ୟ ନିଜର ସୁଚିନ୍ତିତ ମତାମତ ଦେଇ ବିଦ୍ୟାଳୟର ଉନ୍ନତି ନିମନ୍ତେ ଅନେକ ବାର୍ତା ପ୍ରଦାନ କରିଥିଲେ । ବିଦ୍ୟାଳୟରେ ସମସ୍ତ ଶିକ୍ଷୟିତ୍ରୀ ତଥା ଅଭିଭାବକମାନେ ଏହାକୁ ସର୍ବସମ୍ମତ କ୍ରମେ ଗ୍ରହଣ କରିଥିଲେ । ନବନିର୍ବାଚିତ ସମ୍ପାଦକ ଶ୍ରୀଯୁକ୍ତ କାହ୍ନୁ ଚରଣ ପତି ଓ ସହ ସମ୍ପାଦକ ଶ୍ରୀଯୁକ୍ତ ରଞ୍ଜନ କୁମାର ମହାପାତ୍ର ଙ୍କୁ ସମସ୍ତେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ କାର୍ଯ୍ୟକାଳରେ ଶିକ୍ଷା କେନ୍ଦ୍ରର ଉତରୋତ୍ତର ଉନ୍ନତି ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ ଅନୁଷ୍ଠିତ



ବାସୁଦେବପୁର , ୧୧/୧୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାସୁଦେବପୁର ଶାଖା ପକ୍ଷ ରୁ ନଗର ସମ୍ମିଳନୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଂଯୋଜକ ସ୍ୱାଧୀନ ଦାସ ନିର୍ବାଚନ ଅଧିକାରୀ ଭାବ ରେ ପୁରାତନ ଟିମ୍ କୁ ଭାଙ୍ଗି ନୂଆ ଟିମ ଘୋଷଣା କରିଥିଲେ । ନୂତନ ସଭାପତି ଭାବରେ ପୁରୁଷୋତ୍ତମ ବେହେରା, ଉପ ସଭାପତି ଭାବେ ମନୋଜ ମଲ୍ଲିକ, ଚିରଞ୍ଜିବି ଭୋଇ, ପ୍ରମୋଦ ସାହୁ, ପ୍ରଭାତ ମହାନ୍ତି ଓ ନଗର ସମ୍ପାଦକ ଭାବରେ ରଶ୍ମି ରଞ୍ଜନ ମହାନ୍ତି, ସହ ସମ୍ପାଦକ ଭାବରେ ପୂଜାରାଣୀ ମଲ୍ଲିକ, ଶୁଭମ୍ ଜେନା, ଦେବସ୍ମିତା ନାୟକ, ଶିବ ଭୁଇଆଁ, ପାଠ୍ୟ ଚକ୍ର ପ୍ରମୁଖ ସାଗର ମଣ୍ଡଳ ଙ୍କ ବିଭିନ୍ନ ଆୟମ ଓ ନଗର ର କାର୍ଯ୍ୟ କାରିଣୀ ଘୋଷଣା କରାଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida